• Vol.- 46, Issue No. 134
• Thursday, 13 August 2026
• ଗୁରୁବାର, ୧୩ ଅଗଷ୍ଟ ୨୦୨୬
• Bhubaneswar
• Price: Rs. 3.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com







ଡ ବିଭାଗର ୧୦ ପ୍ରସ୍ତାବ ଉପରେ ମୋହର

## କ୍ୟାବିନେଟ ବୈଠକ
# ଡିଜିଟାଲ ହେବ ଅଫିସ୍ କାର୍ଯ୍ୟ

★ ୬୮୦ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ସଂସ୍କାର ,ବ୍ୟୟ ହେବ ୧୩୮୯ କୋଟି
★ ଅନୁକମ୍ପାମୂଳକ ନିଯୁକ୍ତି ପ୍ରକ୍ରିୟା ହେଲା ଅଧିକ ସରଳ
★ ମାଳତୀ ଦେବୀ ପ୍ରାକ୍-ବିଦ୍ୟାଳୟ ପରିଧାନ ଯୋଜନା ଆଉ ୫ ବର୍ଷ
★ ପିଏସପି ନୀତି ସଂଶୋଧିତ ★ ପାର୍ବତୀଗିରି ମେଗା ଜଳସେଚନ ପାଇଁ ୧୨,୪୫୮ କୋଟି
★ ୨୦୩୦ ସୁଦ୍ଧା ଅକ୍ଷୟ ଶକ୍ତି ଉପରୁ ୧୧ହଜାର ମେଗାୱାଟ କ୍ଷମତା ଯୋଡିବା ଲକ୍ଷ୍ୟ
★ ସେମିକଣ୍ଡକ୍ଟର ନୀତିର ତୃତୀୟ ସଂଶୋଧନକୁ ଅନୁମୋଦନ
★ 'ଓସ୍ୱାସ୍ ୩.୦' ପାଇଁ ନିଯୁକ୍ତି ପ୍ରସ୍ତାବ ପାରିତ
★ ଯଶୋଦା ଓ ଆଶୀର୍ବାଦ ଯୋଜନା ଆଉ ୫ ବର୍ଷ



ଭୁବନେଶ୍ୱର,୧୨।୮(ନିପ୍ର): ରାଜ୍ୟ ମନ୍ତ୍ରିମଣ୍ଡଳ (କ୍ୟାବିନେଟ)ର ୪୬ତମ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବୁଧବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ୬ ଟି ବିଭାଗର ୧୦ ଟି ପ୍ରସ୍ତାବ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଛି। ରାଜ୍ୟର କ୍ଷୁଦ୍ର ଜଳସେଚନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ହଜିଯାଇଥିବା ଜଳସେଚନ କ୍ଷେତ୍ରକୁ ପୁନରୁଦ୍ଧାର କରିବା ଲକ୍ଷ୍ୟରେ ରାଜ୍ୟ ମନ୍ତ୍ରୀପରିଷଦ 'ଜଳାଶୟ ଏବଂ କ୍ଷୁଦ୍ର ଉଠାଜଳସେଚନ ପ୍ରକଳ୍ପର ଉନ୍ନତିକରଣ–ପର୍ଯ୍ୟାୟ-୩' ଯୋଜନାକୁ କ୍ୟାବିନେଟ୍ ଅନୁମୋଦନ କରିଛି।୨୦୨୬-୨୭ରୁ ୨୦୨୯-୩୦ ପର୍ଯ୍ୟନ୍ତ ଚାରି ବର୍ଷ ଧରି ଏହି ଯୋଜନା କାର୍ଯ୍ୟକାରୀ ହେବ। ଏଥିପାଇଁ ମୋଟ ୧୩୮୯ କୋଟି ଟଙ୍କା ବ୍ୟୟ କରାଯିବ। ଯୋଜନା ଅଧୀନରେ ରାଜ୍ୟର ୬୮୦ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ସଂସ୍କାର, ଉନ୍ନତିକରଣ ଓ ପୁନରୁଦ୍ଧାର କରାଯିବ। ପ୍ରକଳ୍ପଗୁଡ଼ିକର ପୁନରୁଦ୍ଧାର ମାଧ୍ୟମରେ ପ୍ରାୟ ୧୫,୭୦୦ ହେକ୍ଟର ହଜିଯାଇଥିବା ଜଳସେଚନ କ୍ଷେତ୍ର ପୁନର୍ଜୀବିତ ହେବ। ଆଗାମୀ ୫ବର୍ଷରେ ପାର୍ବତୀଗିରି ମେଗା ଉଠାଜଳସେଚନ ନିମନ୍ତେ ୧୨,୪୫୮ କୋଟି ଟଙ୍କା ଖର୍ଚ୍ଚ ହେବ। ରାଜ୍ୟରେ ଅନୁକମ୍ପାମୂଳକ ନିଯୁକ୍ତି ପ୍ରକ୍ରିୟାକୁ ଅଧିକ ସରଳ, ସ୍ୱଚ୍ଛ ଓ କର୍ମଚାରୀ-ଅନୁକୂଳ କରିବା ଲକ୍ଷ୍ୟରେ ଓଡ଼ିଶା ବେସାମରିକ ସେବା (ପୁନର୍ବାସ ସହାୟତା) ନିୟମାବଳୀ, ୨୦୨୬କୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ନୂତନ ନିୟମାବଳୀ ଅନୁଯାୟୀ, କାର୍ଯ୍ୟରତ ଅବସ୍ଥାରେ ମୃତ୍ୟୁବରଣ କରୁଥିବା ସରକାରୀ କର୍ମଚାରୀଙ୍କ ଯୋଗ୍ୟ ପରିବାର ସଦସ୍ୟଙ୍କୁ ଅଧିକ ସରଳ ଓ ସମୟୋପଯୋଗୀ ଢଙ୍ଗରେ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ କରାଯିବ। ଅଙ୍ଗନୱାଡି କେନ୍ଦ୍ରରେ ନାମଲେଖା କରିଥିବା ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କୁ ପରିଧାନ ଓ ଆବଶ୍ୟକ ସାମଗ୍ରୀ ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ 'ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା'କୁ ଆଉ ପାଂଚ ବର୍ଷ ଜାରି ରଖିବାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ୨୦୨୬-୨୭ରୁ ୨୦୩୦-୩୧ ପର୍ଯ୍ୟନ୍ତ ପାଂଚ ବର୍ଷ ପାଇଁ ଯୋଜନାଟି କାର୍ଯ୍ୟକାରୀ ହେବ। ଏଥିପାଇଁ ମୋଟ ୫୮୨ କୋଟି ୫୦ ଲକ୍ଷ ୭୫ ହଜାର ୪୮୦ ଟଙ୍କାର ଯୋଜନା ବ୍ୟୟ ହେବ। ଉଭୟ ଜାତୀୟ ଓ ରାଜ୍ୟ ସ୍ତରରେ ପମ୍ପକ୍ ଷ୍ଟୋରେଜ୍ ପ୍ରକଳ୍ପ (ପିଏସି)ର ସାମ୍ପ୍ରତିକ ବିକାଶକୁ ଦୃଷ୍ଟିରେ ରଖି ଶକ୍ତି ବିଭାଗ ପକ୍ଷରୁ ଓଡ଼ିଶା ପି.ଏସ୍.ପି ନୀତି ଏବଂ ପି.ଏସ୍.ପି ନୀତି ଉପରେ ପରିଚାଳନା ନିର୍ଦ୍ଦେଶାବଳୀରେ ସଂଶୋଧନ କରାଯାଇଛି। କ୍ୟାବିନେଟ ଏହି ସଂଶୋଧନକୁ ମଞ୍ଜୁରି ଦେଇଛନ୍ତି, ଯାହା ୩୧.୦୩.୨୦୩୦ ପର୍ଯ୍ୟନ୍ତ ବଳବତ୍ତର ରହିବ। ୨୦୩୦ ସୁଦ୍ଧା ଅକ୍ଷୟ ଶକ୍ତି ଉପରୁ ପ୍ରାୟ ୧୧,୦୦୦ ମେଗାୱାଟ କ୍ଷମତା ଯୋଡିବାକୁ ରାଜ୍ୟ ଲକ୍ଷ୍ୟ ରଖିଛି। ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ, ନୀତି ଅବଧି ମଧ୍ୟରେ ରାଜ୍ୟରେ ସ୍ଥାପିତ ଅକ୍ଷୟ ଶକ୍ତି ପ୍ରକଳ୍ପରୁ ବ୍ୟବହୃତ ବିଦ୍ୟୁତ ଉପରେ ଯୋଗ୍ୟ ନେଟ୍ ମିଟରିଂ ଉପଭୋକ୍ତାଙ୍କୁ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ତାରିଖଠାରୁ ୧୦ ବର୍ଷ ପର୍ଯ୍ୟନ୍ତ ପ୍ରତି ୟୁନିଟ୍ ୫୦ ପଇସା ବିଦ୍ୟୁତ ଶୁଳ୍କ ଛାଡ଼ ସୁବିଧା ମିଳିବ। ରାଜ୍ୟରେ ସେମିକଣ୍ଡକ୍ଟର ଶିଳ୍ପକୁ ଆହୁରି ସୁଦୃଢ଼ କରିବା ଏବଂ ଅଧିକ ପୁଞ୍ଜିନିବେଶ ଆକର୍ଷଣ ଲକ୍ଷ୍ୟରେ ଓଡ଼ିଶା ସରକାର ସେମିକଣ୍ଡକ୍ଟର ମାନୁଫାକଚରିଂ ଓ ଫାବ୍‌ଲେସ୍ ନୀତିର ତୃତୀୟ ସଂଶୋଧନକୁ ଅନୁମୋଦନ କରିଛନ୍ତି। ଓଡ଼ିଶା ସଚିବାଳୟ କାର୍ଯ୍ୟପ୍ରଣାଳୀର ପରବର୍ତ୍ତୀ ପିଢ଼ିର ଡିଜିଟାଲ୍ ପ୍ଲାଟଫର୍ମ 'ଓସ୍ୱାସ୍ ୩.୦'ର କାର୍ଯ୍ୟାନ୍ୱୟନ ପାଇଁ ଟିସିଏସ୍ କୁ ସିଷ୍ଟମ୍ ଡେଭଲପର ଭାବେ ନିଯୁକ୍ତ କରିବା ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏଥିପାଇଁ ୧୨୨ କୋଟି ୬୦ ଲକ୍ଷ ୨୫ ହଜାର ୪୩୬ ଟଙ୍କା (ଜିଏସ୍‌ଟି ବାଦ) ବ୍ୟୟ ହେବ। ଯଶୋଦା ଓ ଆଶୀର୍ବାଦ ଯୋଜନା ଆଉ ୫ ବର୍ଷ ଜାରି ରହିବ। ୧୨୯୬.୯୯ କୋଟି ଟଙ୍କାର ବଜେଟ୍‌କୁ ଅନୁମୋଦନ କରାଯାଇଛି।

ଗୃହମନ୍ତ୍ରୀଙ୍କ ଆଲୋଚନା ପ୍ରସ୍ତାବ: ରାହୁଲଙ୍କ ପାଲଟା ଜବାବ

## ଭାଷଣ ନୁହେଁ, ଛାତ୍ରଙ୍କ ଉପରେ କାର୍ଯ୍ୟାନୁଷ୍ଠାନର ଜବାବ ଲୋଡ଼ା

ନୂଆଦିଲ୍ଲୀ,୧୨।୮: କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହ ସଂସଦରେ ଛାତ୍ରମାନଙ୍କ ବିରୋଧ-ପ୍ରଦର୍ଶନ ସହ ଜଡିତ ସମସ୍ତ ଦିଗ ଉପରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଥିବା ଏବଂ ବିରୋଧୀ ଦଳକୁ ୨୪ ଘଣ୍ଟା ସମୟ ଦେବା ବିଷୟରେ ଦେଇଥିବା ବୟାନ ଉପରେ ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ କହିଛନ୍ତି ଯେ ବିରୋଧୀ ଦଳ ଗୃହମନ୍ତ୍ରୀଙ୍କ ଭାଷଣ ଶୁଣିବାରେ ଆଗ୍ରହୀ ନୁହେଁ। ସେମାନଙ୍କର ଦାବି କେବଳ ଏହା ଜାଣିବା ଯେ ଦିଲ୍ଲୀରେ ଛାତ୍ରମାନଙ୍କ ଉପରେ ଗୁଳି ଚଳାଇବା ଏବଂ ସେମାନଙ୍କ ବିରୋଧରେ



ବଳ ପ୍ରୟୋଗ କରିବାର ଆଦେଶ କିଏ ଦେଇଥିଲା। ରାହୁଲ ଗାନ୍ଧୀ ବୁଧବାର ସଂସଦ ଭବନ ପରିସରରେ ସାମ୍ବାଦିକମାନଙ୍କ ସହ କଥା ହୋଇ କହିଛନ୍ତି ଯେ ବିରୋଧୀ ଦଳ ଜାଣିବାକୁ ଚାହୁଁଛି ଯେ ଛାତ୍ରମାନଙ୍କ ଉପରେ ଗୁଳି କିଏ ଚଳାଇଥିଲା, ଗୁଳି ଚଳାଇବାର ଆଦେଶ କିଏ ଦେଇଥିଲା, ଜଣେ ଛାତ୍ରଙ୍କ ଆଖିର ଦୃଷ୍ଟି କିପରି ଚାଲିଗଲା ଏବଂ ଜଣେ ଛାତ୍ରଙ୍କ କାନରେ ଗୁଳି କିଏ ମାରିଥିଲା। ଛାତ୍ରମାନଙ୍କ ଉପରେ ଲାଠି ଚଳାଇବା ଏବଂ କଥିତ ଭାବେ କଣ୍ଟା ଲାଗିଥିବା ବାଡ଼ି ବ୍ୟବହାର କରିବାର ଆଦେଶ କିଏ ଦେଇଥିଲା, ଏହାର ଜବାବ ଗୃହମନ୍ତ୍ରୀଙ୍କୁ ଦେବା ଉଚିତ। କଂଗ୍ରେସ ନେତା ପଓ୍ୱନ ଖେରା ବୁଧବାର କହିଛନ୍ତି ଯେ ସଂସଦରେ ଆଲୋଚନା କେବଳ ଛାତ୍ର ଆନ୍ଦୋଳନ ମଧ୍ୟରେ ସୀମିତ ରହିବା ଉଚିତ ନୁହେଁ, ବରଂ ଅଯୋଧ୍ୟାରେ ରାମ ମନ୍ଦିର ଦାନ ଚୋରୀ, ଛାତ୍ରଙ୍କ ଉପରେ ଦମନ, ପ୍ରଶ୍ନପତ୍ର ଲିକ୍ ଏବଂ ଛାତ୍ର ଆତ୍ମହତ୍ୟା ସମ୍ବନ୍ଧୀୟ ଅଭିଯୋଗ ସମେତ ସମସ୍ତ ପ୍ରସଙ୍ଗକୁ ଅନ୍ତର୍ଭୁକ୍ତ କରିବା ଉଚିତ। ସରକାର ଆଲୋଚନା ପାଇଁ ସର୍ତ୍ତ ରଖିବା ଉଚିତନୁହେଁ।

## ରେଭେନ୍‌ସା: ବଦଳିଲେ ମୁଖ୍ୟ ୱାର୍ଡେନ୍



କଟକ,୧୨।୮(ନିପ୍ର): ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଙ୍ଘ ଓ ବିଧାୟକ ପ୍ରକାଶ ସେଠୀଙ୍କ ମଧ୍ୟରେ ଲାଗି ରହିଥିବା ବିବାଦ ଭିତରେ ବୁଧବାର ରେଭେନ୍ସା ପ୍ରଶାସନ ତରଫରୁ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏହି ମାମଲାରେ ରେଭେନ୍ସା ଚିଫ୍ ୱାର୍ଡେନ୍ ସୁଦର୍ଶନ ମିଶ୍ରଙ୍କୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ପ୍ରଫେସର ପୂର୍ଣ୍ଣେନ୍ଦୁ ପାଢ଼ୀଙ୍କୁ ନୂଆ ଚିଫ୍ ୱାର୍ଡେନ୍ ଭାବେ ନିଯୁକ୍ତ କରାଯାଇଛି ।ସେହିଭଳି ୨ ଜଣ ଡେପୁଟି ୱାର୍ଡେନ ମନୋଜ କୁମାର ଦାସ ଓ ରଶ୍ମିରେଖା ଶତପଥୀଙ୍କୁ ମଧ୍ୟ ବଦଳି କରାଯାଇଛି । ତାଙ୍କ ସ୍ଥାନରେ ପ୍ରଫେସର ଦୀପ୍ତି ରାଉତ ଓ ଦ୍ୱିତୀକୃଷ୍ଣ ବେହେରାଙ୍କୁ ନିଯୁକ୍ତି ଦିଆଯାଇଛି । କେବଳ ସେତିକି ନୁହେଁ ରେଭେନ୍ସାର ବିଭିନ୍ନ ହଷ୍ଟେଲ ଦାୟିତ୍ୱରେ ଥିବା ୨୬ ଜଣ ୱାର୍ଡେନଙ୍କୁ ବଦଳି କରାଯାଇଛି।

ଡିଜିପି ଚୟନ

## ୟୁପିଏସସି ବୈଠକ ଆଜି



ଭୁବନେଶ୍ୱର,୧୨।୮: ରାଜ୍ୟର ପରବର୍ତ୍ତୀ ପୁଲିସ ମୁଖିଆ(ଡିଜିପି) ଚୟନ ପ୍ରକ୍ରିୟାକୁ ନେଇ ବିବାଦ ମଧ୍ୟରେ ରାଜ୍ୟ ସରକାର ନିଜର ସାନି ସଂଶୋଧିତ ତାଲିକା ପଠାଇଛନ୍ତି। ଗୁରୁବାର ଅପରାହ୍ନରେ ୟୁପିଏସସି ଚୟନ କମିଟି ବୈଠକ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ସୁପ୍ରିମକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶକୁ ଅଣଦେଖା କରି ଓଡ଼ିଶା ସରକାର ଅଯୋଗ୍ୟ ଅଫିସରଙ୍କୁ ସୁପାରିସ ପ୍ୟାନେଲରେ ସାମିଲ ପାଇଁ ଉଦ୍ୟମ କରୁଥିବା ଅଭିଯୋଗରେ ବାଲେଶ୍ୱରର ଜୟନ୍ତ ଦାସଙ୍କ ଦ୍ୱାରା ଦାଏର ଜନସ୍ୱାର୍ଥ ମାମଲାର ଶୁଣାଣି ବୁଧବାର ସୁପ୍ରିମକୋର୍ଟରେ ହୋଇପାରିନଥିବାବେଳେ ରାଜ୍ୟ ସରକାର ପଠାଇଥିବା ସାନି ତାଲିକା ଓ ସୁପ୍ରିମକୋର୍ଟଙ୍କ ରାୟ ଉପରେ ଓଡ଼ିଶା ପୁଲିସର ନୂଆ ଡିଜି ଚୟନ ନିର୍ଭର କରୁଛି।

## ମାଟ୍ରିକ ସପ୍ଲିମେଣ୍ଟାରୀ ଫଳାଫଳ ପ୍ରକାଶ
### ପାସ ହାର ୬୩.୬୪ପ୍ରତିଶତ




କଟକ,୧୨।୮(ନିପ୍ର) : ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସପ୍ଲିମେଣ୍ଟାରୀ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା (୨ୟ)- ୨୦୨୬ର ଫଳାଫଳ ବୁଧବାର ପ୍ରକାଶ ପାଇଛି।ମୋଟ ୫,୭୬୦ ଜଣ ଛାତ୍ରଛାତ୍ରୀ ସପ୍ଲିମେଣ୍ଟାରୀ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଦେଇଥିବା ବେଳେ ୩,୬୬୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପାସ ହାର ୬୩.୬୪ ପ୍ରତିଶତ ରହିଛି। ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ କେହି ଏ୧ ଗ୍ରେଡ୍ ପାଇ ନଥିବା ବେଳେ ଏ୨ ରେ ୫ ଜଣ, ବି୧ରେ ୧୨, ବି୨ରେ ୫୩, ସିରେ ୧୯୨, ଡିରେ ୫୩୬ ଏବଂ ଇ ଗ୍ରେଡ୍‌ରେ ୨,୫୯୩ ଜଣ ରହିଛନ୍ତି। ୨୭୫ ଜଣ କମ୍ପାର୍ଟମେଣ୍ଟାଲ୍‌ରେ ପାସ୍ କରିଥିବା ବେଳେ ୨,୦୯୪ ଜଣ ଫେଲ୍ ହୋଇଛନ୍ତି। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା (୨ୟ)- ୨୦୨୬ରେ ମୋଟ ୮,୬୯୮ ଜଣ ପରୀକ୍ଷା ଦେଇଥିବା ବେଳେ ୫,୪୫୦ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ପରୀକ୍ଷାର ପାସ୍ ହାର ୬୨.୬୫ ପ୍ରତିଶତ ରହିଛି। ଏଥିରେ ଏ୧ ଗ୍ରେଡ୍‌ରେ କେହି ପାସ୍ କରି ନଥିବା ବେଳେ ଏ୨ରେ ୧୦, ବି୧ରେ ୧୦୯, ବି୨ରେ ୪୦୧, ସିରେ ୮୬୮, ଡିରେ ୧,୫୧୪ ଏବଂ ଇ ଗ୍ରେଡ୍‌ରେ ୨,୫୪୮ ଜଣ ରହିଛନ୍ତି। ମୋଟ ୩,୧୮୫ ଜଣ ଫେଲ୍ ହୋଇଛନ୍ତି। ପ୍ରଥମ ଥର ପାଇଁ ଡିଜିଟାଲ ମୂଲ୍ୟାୟନ କରିଛି ମାଧ୍ୟମିକ ଶିକ୍ଷା ପରିଷଦ। ତ୍ରୁଟିଶୂନ୍ୟ ମୂଲ୍ୟାୟନ ହୋଇଥିବା ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ଶ୍ରୀକାନ୍ତ ତାରାଇ ସୂଚନା ଦେଇଛନ୍ତି।

## 'ବନ୍ୟାରେ ୨୪ ଜିଲ୍ଲାର ୮୭୯ ପଞ୍ଚାୟତ କ୍ଷତିଗ୍ରସ୍ତ'

ଭୁବନେଶ୍ୱର,୧୨।୮(ନିପ୍ର): ଚଳିତ ବନ୍ୟାରେ ୨୪ ଜିଲ୍ଲାର ୧୫୪ଟି ବ୍ଲକର ୮୭୯ ପଞ୍ଚାୟତ କ୍ଷତିଗ୍ରସ୍ତ ହୋଇଛି। ବନ୍ୟା କ୍ଷୟକ୍ଷତିର ଆକଳନ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେବା ଅବସରରେ ଏହା କହିଛନ୍ତି ।ମନ୍ତ୍ରୀ କହିଛନ୍ତି ରାଜ୍ୟର ୨୪ ଜିଲ୍ଲାର ୧୫୪ଟି ବ୍ଲକର ୮୭୯ ପଞ୍ଚାୟତ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଛି। ୨ ହଜାର ୮୫୫ଟି ଗାଁ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଛି। ସହରାଞ୍ଚଳର ୨୦୯ଟି ୱାର୍ଡରେ ୧୩ ଲକ୍ଷ ୭୧ ହଜାର ୩୩୮ ଲୋକ ପ୍ରଭାବିତ ହୋଇଛନ୍ତି। ବନ୍ୟା ବେଳେ ୩୬୬ଟି ଗାଁରୁ ୭ ଲକ୍ଷ ୨୨ ହଜାର ୭୩୨ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ବନ୍ୟାରେ ୭୯ ହଜାର ୮୨୪ ହେକ୍ଟର ଚାଷ ଜମି, ୫ ହଜାର ୪୪ ଘର କ୍ଷତିଗ୍ରସ୍ତ ହୋଇଛି। ସରକାରଙ୍କ ପକ୍ଷରୁ ୭୮୩ ରିଲିଫ୍ କ୍ୟାମ୍ପ ଖୋଲାଯାଇଥିଲା। କୃଷି ବିଭାଗର କ୍ଷୟକ୍ଷତି ଏବଂ ସାହାଯ୍ୟ ନେଇ କ୍ୟାବିନେଟରେ ଆଲୋଚନା ହେବ। ଚାଷୀଙ୍କୁ ସ୍ୱଳ୍ପ ମିଆଦି ଧାନ ବିହନ ଯୋଗାଇ ଦିଆଯିବ। ପନିପରିବା ଚାଷୀଙ୍କ ପାଇଁ ମଧ୍ୟ ଅଧିକ ସାହାଯ୍ୟ ଦିଆଯିବ। କୃଷି, ସମବାୟ, ପଶୁସମ୍ପଦ ବିଭାଗ ଦ୍ୱାରା ସ୍ୱତନ୍ତ୍ର ପ୍ୟାକେଜ ଦିଆଯିବ। କୌଣସି କ୍ଷତିଗ୍ରସ୍ତ ସହାୟତାରୁ ବଞ୍ଚିତ ହେଲେ ପଞ୍ଚାୟତ କିମ୍ବା ବ୍ଲକ୍ ଅଫିସକୁ ଯାଆନ୍ତୁ। ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି କୌଣସି କେନ୍ଦ୍ରୀୟ ଟିମ୍ ଆସିବାର ଯୋଜନା ନାହିଁ। ଆବଶ୍ୟକ ହେଲେ କେନ୍ଦ୍ରକୁ ଅଧିକ ସହାୟତା ମାଗିବୁ।

# ପୁରୀ ବେଳାଭୂମି ହେବ 'ଆଧ୍ୟାତ୍ମିକ ବେଳାଭୂମି'

● ବେଳାଭୂମିର ଉନ୍ନତିକରଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ
● ଗୋବର୍ଦ୍ଧନ ପୀଠର ଐତିହ୍ୟ ରକ୍ଷା ପାଇଁ ସରକାର ପ୍ରତିବଦ୍ଧ ● ପୂର୍ବାଚାର୍ଯ୍ୟଙ୍କ ସମାଧିସ୍ଥଳର ହେବ ସଂରକ୍ଷଣ



ଭୁବନେଶ୍ୱର/ପୁରୀ,୧୨।୮(ନିପ୍ର): ପୁରୀ ଗୋବର୍ଦ୍ଧନ ପୀଠର ସର୍ବାଙ୍ଗୀନ ବିକାଶ, ସୁରକ୍ଷା ଏବଂ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରସାର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବୁଧବାର ଲୋକସେବା ଭବନ ଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀର ଆଧ୍ୟାତ୍ମିକ ଗରିମାକୁ ବଢ଼ାଇବା ସହ ପୀଠର ସମ୍ପତ୍ତିର ସୁରକ୍ଷା ପାଇଁ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ପୀଠର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ ପୁରୀ ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମିରେ ପ୍ରତିଦିନ ଅନୁଷ୍ଠିତ ହେଉଥିବା ପବିତ୍ର 'ସନ୍ଧ୍ୟା ମହୋଦଧି ଆରତି' ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। ଏହି ଆରତି ସ୍ଥଳର ସୌନ୍ଦର୍ଯ୍ୟକରଣ କରାଯିବା ସହିତ ସନ୍ଧ୍ୟା ଆରତିକୁ ଆହୁରି ଭବ୍ୟ ଆକାରରେ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସମଗ୍ର ପୁରୀ ବେଳାଭୂମିକୁ ଏକ ଭବ୍ୟ ଆଧ୍ୟାତ୍ମିକ ବେଳାଭୂମି ଭାବେ ବିକଶିତ କରିବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଗୋବର୍ଦ୍ଧନ ପୀଠର ଜମି ଜମା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପୁରୁଣା ଲ୍ୟାଣ୍ଡ ସେଟେଲମେଣ୍ଟ ଦସ୍ତାବିଜ୍‌କୁ ପୁନର୍ବାର ସମ୍ପୂର୍ଣ୍ଣ ଯାଞ୍ଚ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ ନିରାପତ୍ତା ଓ ପୀଠ ପରିସରର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।ଗୋବର୍ଦ୍ଧନ ପୀଠର ସମସ୍ତ ପୂର୍ବାଚାର୍ଯ୍ୟମାନଙ୍କ ପବିତ୍ର ସମାଧି ସ୍ଥଳର ସୁରକ୍ଷା ଓ ସଂରକ୍ଷଣ ଉପରେ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ। ମଠର ପାରିପାର୍ଶ୍ୱିକ ବିକାଶ ସହିତ ମଠ ପରିସରରେ ଥିବା 'ଶ୍ରୀ ଗୋବର୍ଦ୍ଧନ ଗୋଶାଳା'ର ସୁପରିଚାଳନା ପାଇଁ ଆବଶ୍ୟକ ସୁବିଧା ସୁଯୋଗ ଯୋଗେଇ ଦେବା ଉପରେ ବୈଠକରେ ଆଲୋଚନା ହୋଇଥିଲା । ବୈଠକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୋବର୍ଦ୍ଧନ ପୀଠର ସାଧୁସନ୍ଥ ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ପ୍ରଶାସନିକ ଅଧିକାରୀ ମାନେ ଉପସ୍ଥିତ ରହି ପୀଠର ଉନ୍ନତି ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ ।

## ୧୨ ଘଣ୍ଟାରେ ଅବପାତ ରୂପ ନେବ ଲଘୁଚାପ !



ଭୁବନେଶ୍ୱର,୧୨।୮: କିଛିଦିନର ବିରତି ପରେ ପୁଣି ରାଜ୍ୟକୁ ଭସାଇବାକୁ ଆସୁଛି ଆଉ ଏକ ଲଘୁଚାପ । ପଶ୍ଚିମବଙ୍ଗ-ବାଂଲାଦେଶ ଉପକୂଳ ନିକଟରେ ଥିବା ଲଘୁଚାପ ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଅବପାତର ରୂପ ନେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଓଡ଼ିଶାର ଅନେକ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସହ ରାଜ୍ୟର କିଛି ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।ଆସନ୍ତାକାଲି କେନ୍ଦୁଝର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ତରଫରୁ ରେଡ୍ ଆଲର୍ଟ ଜାରି କରାଯାଇଛି ।ସେହିଭଳି ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, କଟକ, ଢେଙ୍କାନାଳ, ଦେଓଗଡ଼, କେନ୍ଦୁଝର, ଅନୁଗୋଳ, ସୁନ୍ଦରଗଡ଼ରେ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି ।ପୁରୀ, ଜଗତସିଂହପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ନୟାଗଡ଼, ସୋନପୁର, ବଲାଙ୍ଗୀର, ବୌଦ୍ଧ, ବରଗଡ଼କୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୧୨ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳରେ ସମୁଦ୍ର ଅଶାନ୍ତ ରହିବା ସମ୍ଭାବନା ରହିଛି । ମତ୍ସ୍ୟଜୀବୀମାନଙ୍କ ଏହି ସମୟ ମଧ୍ୟରେ ସମୁଦ୍ରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି।

# ଧୈର୍ଯ୍ୟ, ମାନବିକତା ଓ ଦୈବୀଶକ୍ତି



ମାନବ ଜୀବନରେ କିଛି ମୂଲ୍ୟବୋଧ ଅଛି ଯାହା ତାଙ୍କୁ ସତ୍ୟର ପଥରେ ନେଇଯାଏ ଏବଂ ସମାଜରେ ତାଙ୍କୁ ଏକ ଉତ୍ତମ ବ୍ୟକ୍ତି ଭାବେ ପରିଚିତ କରାଏ। ସେହି ମୂଲ୍ୟବୋଧଗୁଡ଼ିକ ମଧ୍ୟରେ ଧୈର୍ଯ୍ୟ ବା ସହନଶୀଳତା, ମାନବିକତା ଓ ଦୈବୀଶକ୍ତି ତିନୋଟି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଗୁଣ। ଏହି ତିନୋଟି ଗୁଣ ମାନବଜୀବନର ଶକ୍ତିଶାଳୀ ସ୍ତମ୍ଭ ଭଳି କାମ କରେ। ଯେଉଁଠାରେ ଧୈର୍ଯ୍ୟ ମନକୁ ସ୍ଥିର କରେ, ମାନବିକତା ମନୁଷ୍ୟତ୍ୱକୁ ପ୍ରକାଶ କରେ ଓ ଦୈବୀଶକ୍ତି ଜୀବନକୁ ଉଚ୍ଚ ଆଦର୍ଶ ଦିଗରେ ନେଇଯାଏ। ଧୈର୍ଯ୍ୟର ଅର୍ଥ ହେଉଛି ସହିବାର କ୍ଷମତା, ଶାନ୍ତ ରହିବାର ଶକ୍ତି ଓ କଷ୍ଟକର ପରିସ୍ଥିତିରେ ଧୈର୍ଯ୍ୟ ଧରିବା। ଜୀବନରେ ସବୁବେଳେ ସୁଖ ନ ଥାଏ। କେବେ କେବେ ଦୁଃଖ, ସମସ୍ୟା, ବିଫଳତା ମଧ୍ୟ ଆସେ। ସେତେବେଳେ ଯଦି ମନୁଷ୍ୟ ଧୈର୍ଯ୍ୟ ହରାଇ ଦେଉଛି, ସେ ଭୁଲ ନିଷ୍ପତ୍ତି ନେଇଯାଇପାରେ। ଧୈର୍ଯ୍ୟ ହେଉଛି ଏକ ଏମିତି ଶକ୍ତି ଯାହା ମନୁଷ୍ୟଙ୍କୁ କଷ୍ଟର ସମୟରେ ମଜଭୁତ ରଖେ। ଉଦାହରଣ ସ୍ୱରୂପ, ଜଣେ ଛାତ୍ର ଯଦି ପରୀକ୍ଷାରେ ଅସଫଳ ହୁଏ, ସେ ଯଦି ଧୈର୍ଯ୍ୟ ଧରି ପୁନଃ ପ୍ରୟାସ କରେ, ତେବେ ସେ ସଫଳତା ଲାଭ କରିପାରେ। କିନ୍ତୁ ଯଦି ସେ ନିରାଶ ହୋଇ ଧୈର୍ଯ୍ୟ ହରାଇ ଦେଉଛି, ତେବେ ସେ ଜୀବନରେ ପଛକୁ ପଡିଯାଏ। ତେଣୁ ଧୈର୍ଯ୍ୟ ମନୁଷ୍ୟଙ୍କ ପାଇଁ ଏକ ଅମୂଲ୍ୟ ଗୁଣ। ଯେକୌଣସି ବଡ଼ ସଫଳତା ପାଇବାକୁ ଧୈର୍ଯ୍ୟ ଅତ୍ୟାବଶ୍ୟକ। ଚାଷୀ ବୀଜ ରୋପଣ କରିଲେ ସେ ତୁରନ୍ତ ଫଳ ମିଳେନାହିଁ। ସେ ଧୈର୍ଯ୍ୟର ସହ ସଫଳତା ପାଇଁ ସମୟକୁ ଅପେକ୍ଷା କରେ।

ତେଣୁ ଜୀବନରେ ଯେକୌଣସି ଲକ୍ଷ୍ୟ ପାଇଁ ଧୈର୍ଯ୍ୟ ହେଉଛି ମୂଳ ମନ୍ତ୍ର। ଧୈର୍ଯ୍ୟ ନ ରହିଲେ ମନୁଷ୍ୟ ଆତୁର ହୋଇ ଭୁଲ କାମ କରିପାରେ। ଧୈର୍ଯ୍ୟ ଥିବା ଲୋକ ସବୁ ପରିସ୍ଥିତିକୁ ଶାନ୍ତ ମନେ ବିଚାର କରି ସଠିକ ନିଷ୍ପତ୍ତି ନେଇଥାଏ। ମାନବିକତା ମାନେ ମନୁଷ୍ୟଙ୍କ ପ୍ରତି ଦୟା, କରୁଣା, ସହାନୁଭୂତି ଓ ସମ୍ମାନ ଦେବା। ଏହା ମନୁଷ୍ୟତ୍ୱର ପ୍ରକୃତ ପରିଚୟ। ଯେଉଁ ଲୋକ ଅନ୍ୟମାନଙ୍କ ଦୁଃଖରେ ସହଭାଗୀ ହୁଏ, ଦରିଦ୍ରଙ୍କୁ ସହାୟତା କରେ, ସେହି ଲୋକକୁ ମାନବିକତା ବୋଲି କୁହାଯାଏ। ଆଜିର ଯୁଗରେ ଅନେକ ଲୋକ ସ୍ୱାର୍ଥପର ହୋଇଯାଉଛନ୍ତି। ସେମାନେ ନିଜ ଲାଭ ଛଡ଼ା ଅନ୍ୟ କିଛି ଭାବୁନାହାନ୍ତି। କିନ୍ତୁ ମାନବିକତା ଆମକୁ ଶିଖାଏ ଯେ ଆମେ ସମସ୍ତଙ୍କୁ ଭଲପାଇବା ଓ ସମାଜର ମଙ୍ଗଳ ପାଇଁ କାମ କରିବା ଉଚିତ। ଯେଉଁ ସମାଜରେ ମାନବିକତା ଥାଏ, ସେଠାରେ ଶାନ୍ତି ଓ ସମୃଦ୍ଧି ଥାଏ। ଯେଉଁଠାରେ ଲୋକମାନେ ପରସ୍ପରକୁ ସହଯୋଗ କରନ୍ତି, ସେଠାରେ ଦୁଃଖ କମ୍ ଥାଏ। ଉଦାହରଣ ସ୍ୱରୂପ, ଯଦି କୌଣସି ବ୍ୟକ୍ତି ରାସ୍ତାରେ ଅସୁସ୍ଥ ହୋଇ ପଡିଥାଏ ଏବଂ ଅନ୍ୟମାନେ ସେଠାରେ ତାଙ୍କୁ ସହାୟତା କରନ୍ତି, ତେବେ ସେହି କାମ ମାନବିକତାର ପରିଚୟ । ଏହିପରି ଗୁଣ ମାନବ ଜୀବନକୁ ସୁନ୍ଦର ଓ ସରସ କରେ। ଦୈବୀଶକ୍ତି ମାନେ ଦେବତାଙ୍କର ଶକ୍ତି କିମ୍ବା ଆଧ୍ୟାତ୍ମିକ ଶକ୍ତି। ଏହା ମନୁଷ୍ୟଙ୍କ ମନରେ ଥିବା ଏକ ଉଚ୍ଚ ଶକ୍ତି ଯାହା ତାଙ୍କୁ ସତ୍ୟ, ନ୍ୟାୟ ଓ ଧର୍ମର ପଥରେ ଚାଲିବାକୁ ପ୍ରେରଣା ଦେଏ। ଦୈବୀଶକ୍ତି ପ୍ରତି ସମ୍ମାନ ରଖୁଥିବା ଲୋକମାନେ ସତ୍ୟବାଦୀ, ନିଷ୍ଠାବାନ ଓ ସହନଶୀଳ ହୋଇଥାନ୍ତି। ସେମାନେ କେବେ ଅନ୍ୟାୟ କାମ କରନ୍ତିନାହିଁ। ସେମାନେ ସବୁବେଳେ ଭଲ କାମ କରିବାକୁ ଚେଷ୍ଟା କରନ୍ତି। ଦୈବୀଶକ୍ତି ଆମକୁ ଆଧ୍ୟାତ୍ମିକ ଜୀବନ ଦିଗରେ ନେଇଯାଏ। ଯେତେବେଳେ ଆମେ ପୂଜା, ଧ୍ୟାନ, ଭଲ କାମ କରିଥାଉ, ସେତେବେଳେ ଆମ ମନ ଶୁଦ୍ଧ ହୁଏ ଓ ଦୈବୀଶକ୍ତି ବୃଦ୍ଧି ପାଏ। ଦୈବୀଶକ୍ତି ଥିଲେ ମନୁଷ୍ୟ ମନରେ ଶାନ୍ତି ଓ ସନ୍ତୋଷ ମିଳେ ଓ ସେ ଭୟମୁକ୍ତ ଓ ସ୍ଥିର ହୁଏ।

**ଆଜିର ଯୁଗରେ ଲୋକମାନେ ଅଧିକ ଚାପ, ଚିନ୍ତା ଓ ଆକ୍ରୋଶରେ ରହୁଛନ୍ତି। ଏହି ସମୟରେ ସେମାନଙ୍କୁ ଧୈର୍ଯ୍ୟ ନିତାନ୍ତ ଆବଶ୍ୟକ। ଏହା ମନକୁ ଶାନ୍ତ କରେ। ମାନବିକତା ବର୍ତ୍ତମାନ ସମାଜରେ ଅଧିକ ଆବଶ୍ୟକ କାରଣ ଏହା ଲୋକମାନଙ୍କୁ ଏକତ୍ର କରେ। ଦୈବୀଶକ୍ତି ମନୁଷ୍ୟଙ୍କୁ ନୈତିକ ଓ ଆଧ୍ୟାତ୍ମିକତା ଶକ୍ତି ଦେଇଥାଏ।**

ଏହି ତିନୋଟି ଗୁଣ ପରସ୍ପର ସହ ଗଭୀର ଭାବେ ଜଡିତ। ଧୈର୍ଯ୍ୟ ଥିଲେ ମନୁଷ୍ୟ ଶାନ୍ତ ରହେ, ଯାହା ତାଙ୍କୁ ମାନବିକ କାମ କରିବାକୁ ସହାୟତା କରେ। ମାନବିକତା ଥିଲେ ସେ ଦୈବୀଶକ୍ତିକୁ ଅନୁଭବ କରେ। ଯେଉଁ ଲୋକ ଧୈର୍ଯ୍ୟଶୀଳ, ସେ ସହଜରେ କ୍ରୋଧ କରେନାହିଁ। ଯେଉଁ ଲୋକର ମାନବିକତା ଅଛି , ସେ ସବୁବେଳେ ଅନ୍ୟଙ୍କୁ ସହାୟତା କରେ ଏବଂ ଯେଉଁ ଲୋକ ଦୈବୀଶକ୍ତିରେ ବିଶ୍ୱାସ କରେ, ସେ ସତ୍ୟର ପଥରେ ଚାଲେ। ଆଜିର ଯୁଗରେ ଲୋକମାନେ ଅଧିକ ଚାପ, ଚିନ୍ତା ଓ ଆକ୍ରୋଶରେ ରହୁଛନ୍ତି। ଏହି ସମୟରେ ସେମାନଙ୍କୁ ଧୈର୍ଯ୍ୟ ନିତାନ୍ତ ଆବଶ୍ୟକ। ଏହା ମନକୁ ଶାନ୍ତ କରେ। ମାନବିକତା ବର୍ତ୍ତମାନ ସମାଜରେ ଅଧିକ ଆବଶ୍ୟକ କାରଣ ଏହା ଲୋକମାନଙ୍କୁ ଏକତ୍ର କରେ। ଦୈବୀଶକ୍ତି ମନୁଷ୍ୟଙ୍କୁ ନୈତିକ ଓ ଆଧ୍ୟାତ୍ମିକତା ଶକ୍ତି ଦେଇଥାଏ। ଧୈର୍ଯ୍ୟ, ମାନବିକତା ଓ ଦୈବୀଶକ୍ତି ମନୁଷ୍ୟ ଜୀବନର ତିନୋଟି ଅମୂଲ୍ୟ ଧନ। ଏହି ଗୁଣମାନଙ୍କୁ ଅପଣାଇଲେ ମନୁଷ୍ୟ ନିଜ ଜୀବନକୁ ସରସ, ସୁନ୍ଦର କରିବା ସହିତ ସମାଜକୁ ମଧ୍ୟ ଉନ୍ନତ କରିପାରେ। ଏହିପରି ଗୁଣଗୁଡ଼ିକୁ ଆମେ ଦିନଚର୍ଯ୍ୟାରେ ଉଚ୍ଚାରଣ ଓ ଆଚରଣରେ ଆପଣାଇବା ଉଚିତ। ଧୈର୍ଯ୍ୟ ଧରିବା, ମାନବିକ ହେବା ଓ ଦୈବୀଶକ୍ତିରେ ବିଶ୍ୱାସ ରଖିବା ଦ୍ୱାରା ଆମେ ଭଲ ମଣିଷ ହୋଇପାରିବା।

*- ଡକ୍ଟର ଅମୂଲ୍ୟ କୁମାର ପଣ୍ଡା*
*ମୋ: ୮୨୪୯୫୦୨୭୭୬*

# ପ୍ରଥମ କାଉଡ଼ିଆ କିଏ



ଚାଲିଛି ମହାଦେବଙ୍କ ପ୍ରିୟ ଶ୍ରାବଣ ମାସ । ମହାଦେବଙ୍କୁ ଜଳଲାଗି କରନ୍ତି ଶୈବ ଭକ୍ତ । ଶ୍ରାବଣ ମାସ ସୋମବାରରେ ଶିବଲିଙ୍ଗର ଜଳାଭିଷେକ କରିବା ଅତ୍ୟନ୍ତ ପୁଣ୍ୟଦାୟୀ । ସକଳ ମନୋକାମନା ପୂରଣ କରିଥାନ୍ତି ବାବା ଭୋଳାନାଥ । ଏଣୁ ଏହି ସମୟରେ ଦେଶବ୍ୟାପୀ ହଜାର ହଜାର ସଂଖ୍ୟାରେ କାଉଡିଆ ପବିତ୍ର ଗଙ୍ଗା ନଦୀ ଅବା ଅନ୍ୟ ନଦୀରୁ କଳସରେ ଜଳ ସଂଗ୍ରହ କରି, ଏହି ଜଳଭାରକୁ କାନ୍ଧରେ ବୋହି ଶିବମନ୍ଦିରକୁ ଯିବାର ଦୃଶ୍ୟ ସାଧାରଣ ପାଲଟିଯାଏ । ହେଲେ କିଏ ପ୍ରଥମେ ପାଣିଭାର ନେଇ ମହାଦେବଙ୍କୁ କରିଥିଲେ ଜଳାଭିଷେକ ? କଣ କେହେ ଆମ ପୁରାଣ । ଏହା ପଛର କାହାଣୀ କଣ ? ତେବେ ଏହି କାଉଡିଆ ପରମ୍ପରା କିଛି ଶହ ବା ହଜାର ବର୍ଷର ନୁହେଁ । ଏହି ପରମ୍ପରା ଆରମ୍ଭ ହୋଇଛି ରାମାୟଣ କାଳରୁ । ବିଷ୍ଣୁଙ୍କର ପଞ୍ଚମ ଅବତାର ହେଉଛନ୍ତି ଭଗବାନ୍ ପର୍ଶୁରାମ । ସେ ପ୍ରଥମ କାଉଡ଼ିଆ ବୋଲି ବିଶ୍ୱାସ କରାଯାଏ । ପୁରାଣ କଥା ଅନୁଯାୟୀ କାମଧେନୁଙ୍କୁ ହଡ଼ପ କରିବା ଲାଗି ସହସ୍ରବାହୁ ନାମକ ରାଜା ଋଷି ଯମଦଗ୍ନିଙ୍କୁ ହତ୍ୟା କରିଥଲା । ଏହା ଜାଣିବା ପରେ ଅତ୍ୟନ୍ତ କ୍ରୋଧରେ ଆସି ଯାଇଥିଲେ ପର୍ଶୁରାମ । ତେଣୁ ପର୍ଶୁରାମ ସହସ୍ରବାହୁକୁ ହତ୍ୟା କରି ପିତୃହତ୍ୟାର ପ୍ରତିଶୋଧ ନେଲେ । ନିଜ ତପସ୍ୟା ବଳରେ ପିତା ଯମଦଗ୍ନିଙ୍କୁ ମଧ୍ୟ ପୁନର୍ଜୀବିତ କରାଇଲେ । ଯମଦଗ୍ନି ଯେତେବେଳେ ଜାଣିଲେ ପର୍ଶୁରାମ ସହସ୍ରବାହୁଙ୍କୁ ହତ୍ୟା କରିଛନ୍ତି ସେହି ହତ୍ୟାଜନିତ ପାତକରୁ ମୁକ୍ତ ହେବା ଲାଗି ଶିବଙ୍କୁ ଜଳାଭିଷେକ କରିବାକୁ ପୁତ୍ରକୁ ପରାମର୍ଶ ଦେଇଥିଲେ । ପିତାଙ୍କ କଥା ମାନି ପର୍ଶୁରାମ ଗଙ୍ଗା ନଦୀରୁ ଜଳ ବହନ କରି ଶିବଲିଙ୍ଗରେ ଢ଼ାଳିଥିଲେ । ପର୍ଶୁରାମ ପିତାଙ୍କ ଆଶ୍ରମ ନିକଟରେ ନିଜେ ଶିବଲିଙ୍ଗ ସ୍ଥାପନ କରି ଜଳାଭିଷେକ କରିଥିଲେ । ପର୍ଶୁରାମଙ୍କ ସ୍ଥାପିତ ଶିବଲିଙ୍ଗ ଆଜି ବି ବିଦ୍ୟମାନ ।

# 'ଶିବଲିଙ୍ଗ' ବ୍ରହ୍ମାଣ୍ଡର ଅକ୍ଷ



'ଶିବଲିଙ୍ଗ' କାହାର ପ୍ରତିନିଧିତ୍ୱ କରିଥାଏ ? ଏହା ସମ୍ପୂର୍ଣ୍ଣ ବାୟୁ ମଣ୍ଡଳ, ଘୂର୍ଣ୍ଣାୟମାନ ପୃଥିବୀ ଓ ପରିବର୍ତ୍ତନଶୀଳ ବ୍ରହ୍ମାଣ୍ଡର ଅକ୍ଷକୁ ସୂଚାଇଥାଏ । ଭୁଲ ବୁଝାମଣା, ଅଜ୍ଞାନତା, ବିଦେଶୀ ବିଧର୍ମୀମାନଙ୍କ ଦ୍ୱାରା ଆମ ଧର୍ମ ଶାସ୍ତ୍ରମାନଙ୍କୁ ନଷ୍ଟ କରାଯିବା ହେତୁ ବହୁତ ଲୋକ 'ଶିବଲିଙ୍ଗ' ବିଷୟରେ ଭୁଲ ଧାରଣା ପାଇଛନ୍ତି । ଏକଥା ପ୍ରାୟ ସମସ୍ତଙ୍କୁ ଜଣା ଯେ ସଂସ୍କୃତ ଭାଷା ହେଉଛି ଆଦିଭାଷା ବା ସବୁ ଭାଷାର ଜନକ। ଆମେ ଜାଣୁ କୌଣସି ଶବ୍ଦର ଅର୍ଥ ଭିନ୍ନ ଭାଷାରେ ଭିନ୍ନ ଭିନ୍ନ ହୋଇଥାଏ । ସେପରି ଏହି ସଂସ୍କୃତ ଭାଷାରେ କିଛି ଏପରି ଶବ୍ଦ ରହିଛି ଯାହାର କି ଭିନ୍ନ ଭିନ୍ନ ଅର୍ଥ ରହିଛି। ଉଦାହରଣ ସ୍ୱରୂପ, 'ସୂତ୍ର' ଓ 'ଅର୍ଥ' - 'ସୂତ୍ର' କହିଲେ ସୂତା ଓ 'ସୂତ୍ର' କହିଲେ ଗଣିତର ସୂତ୍ର, ବିଜ୍ଞାନର ସୂତ୍ରକୁ ମଧ୍ୟ ବୁଝାଏ । ସେହିପରି 'ଅର୍ଥ' କହିଲେ ଟଙ୍କା, ଧନ, ସମ୍ପତ୍ତିକୁ ବୁଝାଏ ଓ 'ଅର୍ଥ' କହିଲେ କୌଣସି ଶବ୍ଦର ଭାବାର୍ଥକୁ ମଧ୍ୟ ବୁଝାଏ । 'ଲିଙ୍ଗ' ଏକ ସଂସ୍କୃତ ଶବ୍ଦ ଯାହାର ଅର୍ଥ ହେଉଛି ପ୍ରତୀକ ଯେମିତିକି ପୁଲିଙ୍ଗର ଅର୍ଥ ପୁରୁଷର ପ୍ରତୀକ ବା ଚିହ୍ନ ଓ ସ୍ତ୍ରୀଲିଙ୍ଗର ଅର୍ଥ ହେଉଛି ସ୍ତ୍ରୀର ପ୍ରତୀକ ବା ଚିହ୍ନ। ସେହିପରି 'ଶିବଲିଙ୍ଗ' ର ଅର୍ଥ ହେଉଛି ଶିବଙ୍କର ପ୍ରତୀକ ବା ଚିହ୍ନ । ଯେପରି ଗୋଲାକାର ବାୟୁ ମଣ୍ଡଳ, ଗୋଲାକାର ପୃଥିବୀ ଓ ଗୋଲାକାର ବ୍ରହ୍ମାଣ୍ଡ ରହିଛି ସେପରି ଶିବଲିଙ୍ଗର ଚାରିପାଖର ଗୋଲାକାର ଅଂଶ ରହିଛି। ଅର୍ଥାତ୍, 'ଶିବଲିଙ୍ଗ' ର ଗୋଲାକାର ଅଂଶ ବ୍ରହ୍ମାଣ୍ଡକୁ ବୁଝାଏ ଓ 'ଶିବଲିଙ୍ଗ' ବ୍ରହ୍ମାଣ୍ଡର ଅକ୍ଷ ଅଟେ । ବିଜ୍ଞାନ ମଧ୍ୟ ପ୍ରମାଣ କରି ସାରିଛି କି 'ଶିବଲିଙ୍ଗ' ବ୍ରହ୍ମାଣ୍ଡର ଏକ ପ୍ରତୀକ। ପ୍ରଶ୍ନ ଆସୁଛି 'ଶିବଲିଙ୍ଗ' ର ସୃଷ୍ଟି କିପରି ହେଲା ଆଉ କାହିଁକି ହେଲା ? ସ୍କନ୍ଦ ପୁରାଣରେ ବର୍ଣ୍ଣିତ ଅଛି କି ପୁରାତନ କାଳରେ ମୁନିଋଷିମାନେ ଦୀପ ଜ୍ୟୋତିକୁ ଚାହିଁ ପରମାତ୍ମାଙ୍କୁ ଧ୍ୟାନ କରୁଥିଲେ । ବାୟୁ ସଞ୍ଚାଳନ ହେତୁ ଦୀପ ଜ୍ୟୋତି ସ୍ଥିର ରହୁ ନ ଥିଲା ଓ ମୁନିଋଷିମାନଙ୍କର ଧ୍ୟାନ ଭଗ୍ନ ହେଉଥିଲା । ତେଣୁ ସେମାନେ ଦୀପ ଜ୍ୟୋତିର ଏକ ବିକଳ୍ପ ଚିନ୍ତା କଲେ । ଅନନ୍ତ ବ୍ରହ୍ମାଣ୍ଡ ଓ ପୃଥିବୀର ଅକ୍ଷକୁ ଚିନ୍ତା କରି ସେମାନେ ପଥରରେ ଏକ ଦୀପ ଜ୍ୟୋତିର ମୂର୍ତ୍ତି ତିଆରି କଲେ ଯାହା କି ଏହି 'ଶିବଲିଙ୍ଗ' । ସେମାନେ ଏହି 'ଶିବଲିଙ୍ଗ' କୁ ଚାହିଁ ଧ୍ୟାନ କରିବା ଆରମ୍ଭ କଲେ ତେଣୁ ଏହା ପରଠାରୁ 'ଶିବଲିଙ୍ଗ' ର ପ୍ରଚଳନ ଆରମ୍ଭ ହେଲା।

# ପ୍ରକୃତ ସାଧକ



ଜଣେ ସନ୍ଥ ଏବଂ ଆଉ ଜଣେ ସାଧକ ଏକାଠି କୌଣସି ଏକ ସ୍ଥାନକୁ ଯାଉଥିଲେ। ରାସ୍ତାରେ ସେମାନେ ଜଣେ ବ୍ୟକ୍ତିଙ୍କୁ ଭେଟିଲେ, ସିଏ ସାଧକଙ୍କୁ ଜାଣିଥିଲେ। କିନ୍ତୁ ସେ ସାଧକଙ୍କୁ ଦେଖି ଗାଳି କରିବାକୁ ଲାଗିଲେ। ସନ୍ଥ ଏହା ଦେଖି ଆଶ୍ଚର୍ଯ୍ୟ ହେଲେ। ସେ ଉକ୍ତ ବ୍ୟକ୍ତିଙ୍କୁ କହିଲେ, ଭାଇ ଆପଣ କାହିଁକି ଏତେ ଖରାପ ଭାଷାରେ ଗାଳି ଦେଉଛନ୍ତି ? ଏପରି ଶବ୍ଦ ବ୍ୟବହାର କରିବା ଦ୍ୱାରା ଆପଣ ନିଜ ପାଟି ଖରାପ କରୁଛନ୍ତି। ସନ୍ଥଙ୍କ କଥା ଶୁଣି ସାଧକଙ୍କୁ ସାହସ ଜୁଟିଲା। ଏବେ ସେ ମଧ୍ୟ ଖରାପ ଭାଷାରେ ସେହି ବ୍ୟକ୍ତିକୁ ଗାଳି କରିବାକୁ ଲାଗିଲେ। ଦୁଇ ଜଣଙ୍କ ମଧ୍ୟରେ ଏପରି ଗାଳିଗୁଲଜ ଚାଲିଲା। ଏହା ଦେଖି ସନ୍ଥ ଦୁଃଖିତ ହେଲେ। ଅଜଣା ବ୍ୟକ୍ତିକୁ ସେ ତ' ବୁଝାଇପାରିଲେ, କିନ୍ତୁ ସାଧକଙ୍କୁ କ'ଣ କହିଥାନ୍ତେ ! ଶେଷରେ ସେ ଦୁହେଁ ଝଗଡ଼ା ଛାଡ଼ି ଏକୁଟିଆ କୁଟୀରକୁ ଫେରିଆସିଲେ ଏବଂ ଭଜନ ଗାଇବାକୁ ଲାଗିଲେ। କିଛି ସମୟ ପରେ ସାଧକ ତାଙ୍କୁ ଖୋଜି ଖୋଜି କୁଟୀରରେ ପହଞ୍ଚିଲେ। ସେଠାରେ ସନ୍ଥଙ୍କୁ ବସିଥିବା ଦେଖି କହିଲେ, ମହାରାଜ ! ଆପଣ କାହିଁକି ମୋତେ ସେହି ଦୁଷ୍ଟ ପାଖରେ ଛାଡ଼ି ଚାଲିଆସିଲେ ? ସନ୍ଥ କହିଲେ, ଯେପର୍ଯ୍ୟନ୍ତ ଆପଣ ଏକୁଟିଆ ଥିଲେ, ମୁଁ ଆପଣଙ୍କ ସହ ଥିଲି। ହେଲେ ଆପଣ ଗାଳିକୁ ଯେବେ ଗାଳିର ସାହାରା ନେଲେ ଓ ସେହି ବ୍ୟକ୍ତିଙ୍କୁ ମାରିବା ଲାଗି ଧମକ ଦେଲେ, ମୁଁ ଭାବିଲି ଯେ ଏବେ ତ' ହିଂସା ଆପଣଙ୍କ ସାଥୀରେ ଅଛି। ସେପରି ସ୍ଥିତିରେ ମୋର ଆବଶ୍ୟକତା କ'ଣ ? ସେଥିପାଇଁ ମୁଁ ଫେରିଆସିଲି। ସନ୍ଥଙ୍କ କଥା ଶୁଣି ସାଧକ ନିଜର ଭୁଲ ବୁଝିପାରିଲେ।

# ଅମୃତଭଣ୍ଡା ପତ୍ରରେ ଅଛି ଆୟୁର୍ବେଦିକ ଗୁଣ



ଅମୃତଭଣ୍ଡା ଦୂର କରିପାରେ ପିରିୟଡ୍ସରୁ ପାଚନ ସମସ୍ୟା। ଅମୃତଭଣ୍ଡାର ନାଁ ଯେପରି, ଏ ଫଳଟି ମଧ୍ୟ ସେପରି। କଞ୍ଚା ହେଉ କି ପାଚିଲା ଅମୃତଭଣ୍ଡା, ସବୁଥିରେ ଭରି ରହିଛି ସ୍ୱାସ୍ଥ୍ୟ ଉପକାରୀ ଗୁଣ। ଅମୃତଭଣ୍ଡାର ଉପକାରିତା ବିଷୟରେ ପ୍ରାୟ ଅଧିକାଂଶ ଲୋକ ଜାଣିଥିବେ ନିଶ୍ଚୟ, ହେଲେ ଏହାର ପତ୍ରର ଉପକାରୀ ଗୁଣ ବାବଦରେ ଜାଣିଲେ ଆଶ୍ଚର୍ଯ୍ୟ ହୋଇଯିବେ। ଏଥିରେ କି କି ଉପକାରୀ ଗୁଣ ରହିଛି, ଏହା କେଉଁ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାକୁ ଦୂର କରିପାରେ ଏବଂ ଏହାକୁ କିପରି ସେବନ କରିବେ, ପୋଷକ ତତ୍ତ୍ୱରେ ଭରପୂର ଅମୃତଭଣ୍ଡା ପତ୍ର: ଅମୃତଭଣ୍ଡା ପତ୍ରରୁ ଭିଟାମିନ୍, ମିନେରାଲ୍ସ, ଫାଇବର ଏବଂ ଆଣ୍ଟିଅକ୍ସିଡାଣ୍ଟର ଉତ୍ସ ମିଳିଥାଏ। ଏଥିରେ ଭିଟାମିନ୍ ଏ, ଭିଟାମିନ୍ ବି, ଭିଟାମିନ୍ ସି, ଭିଟାମିନ୍ ଇ, ଭିଟାମିନ୍ କେ ମଧ୍ୟ ରହିଥାଏ। ଏହା ବ୍ୟତୀତ ଫସଫରସ୍, ଆଇରନ୍, ପୋଟାସିୟମ୍, କ୍ୟାଲସିୟମ୍ ଏବଂ ମ୍ୟାଗ୍ନେସିୟମ୍ ପରି ଖଣିଜ ପଦାର୍ଥ ଅମୃତଭଣ୍ଡା ପତ୍ରରୁ ମିଳିଥାଏ। କେଉଁ ସବୁ ରୋଗ ପାଇଁ ଉପକାରୀ ଅମୃତଭଣ୍ଡା ପତ୍ର ଡେଙ୍ଗୁ ଏବଂ ମ୍ୟାଲେରିଆରେ ଲାଭଦାୟକ:- ବର୍ଷା ଋତୁରେ ଅଧିକାଂଶ ଲୋକ ଡେଙ୍ଗୁରେ ଆକ୍ରାନ୍ତ ହୁଅନ୍ତି। ଏଭଳି ପରିସ୍ଥିତିରେ ଅମୃତଭଣ୍ଡା ପତ୍ର ଲାଭଦାୟକ ହୋଇପାରେ। ରକ୍ତରେ ପ୍ଲେଟଲେଟ୍ ସଂଖ୍ୟା ବୃଦ୍ଧି ପାଇଁ ଅମୃତଭଣ୍ଡା ପତ୍ର ବେସ୍ ଉପକାରୀ। ସେହିପରି ମ୍ୟାଲେରିଆ ନିରାକରଣ ପାଇଁ ମଧ୍ୟ ଅମୃତଭଣ୍ଡା ପତ୍ର ଖାଇପାରିବେ।

# ତୁଳସୀ କ୍ଷେତ୍ରରେ ପବିତ୍ର ଚିତାଲାଗି ଅମାବାସ୍ୟା

## ଶ୍ରୀଜୀଉଙ୍କ ମସ୍ତକରେ ଲାଗିଲା ସୁବର୍ଣ୍ଣ ଚିତା, ଚିତଉ ପିଠା ଓ ଖିରି ଭୋଗ



କେନ୍ଦ୍ରାପଡ଼ା: (ନିପ୍ର): ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ାରେ ଆଜି ପବିତ୍ର ଚିତାଲାଗି ଅମାବାସ୍ୟା ପର୍ବ ପାରମ୍ପରିକ ରୀତିନୀତି ଓ ଭକ୍ତିମୟ ପରିବେଶ ମଧ୍ୟରେ ପାଳିତ ହୋଇଛି। ଏହି ଅବସରରେ କ୍ଷେତ୍ରାଧିପତି ପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ମସ୍ତକରେ ସୁବର୍ଣ୍ଣ ଚିତା ଲାଗି କରାଯାଇ ରାଜାଧିରାଜ ବେଶ ଅନୁଷ୍ଠିତ ହୋଇଥିଲା। ପରମ୍ପରା ଅନୁଯାୟୀ, ସ୍ୱର୍ଣ୍ଣକାର ସେବକମାନେ ଭଣ୍ଡାର ଗୃହରୁ ଭଣ୍ଡାର ମୋହରଙ୍କ ଉପସ୍ଥିତିରେ ସୁବର୍ଣ୍ଣ ଚିତା ସମେତ ରୌପ୍ୟ ଅଳଙ୍କାର ବାହାର କରିଥିଲେ। ପରେ ପୋଲିସ ସୁରକ୍ଷା ବଳୟରେ ଏହାକୁ ମନ୍ଦିର କାର୍ଯ୍ୟାଳୟକୁ ନିଆଯାଇ ସଫେଇ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ସଫେଇ ପରେ ଅଳଙ୍କାରଗୁଡ଼ିକୁ ପୁନର୍ବାର ଭଣ୍ଡାର ମୋହରଙ୍କୁ ହସ୍ତାନ୍ତର କରାଯାଇଥିଲା। ସକାଳ ଧୂପ ସମ୍ପନ୍ନ ପରେ ରାଜପୁରୋହିତଙ୍କ ଦ୍ୱାରା ଶୁକ୍ଳବସ୍ତ୍ର ଅଭିମନ୍ତ୍ରିତ କରାଯାଇଥିଲା। ପରେ ପୂଜାପଣ୍ଡା ସେବାୟତଙ୍କ ଦ୍ୱାରା ଶ୍ରୀଜୀଉଙ୍କ ମସ୍ତକରେ ସୁବର୍ଣ୍ଣ ଚିତା ଲାଗି କରାଯାଇ ରାଜାଧିରାଜ ବେଶ କରାଯାଇଥିଲା। ବେଶ ସମ୍ପନ୍ନ ପରେ ମଙ୍ଗଳାର୍ପଣ ଓ ଆଳତି ଅନୁଷ୍ଠିତ ହୋଇଥିଲା। ଏହି ପବିତ୍ର ଅବସରରେ ସୁଆର ସେବାୟତମାନଙ୍କ ଦ୍ୱାରା ରୋଷଘରେ ପ୍ରସ୍ତୁତ ଅମଣିଆ ଚିତଉ ପିଠା ଓ ଖିରି ରୌପ୍ୟ ପାତ୍ରରେ ବଢ଼ାଯାଇ ଶ୍ରୀଜୀଉଙ୍କ ଛାମୁରେ ଭୋଗ ଲାଗି କରାଯାଇଥିଲା। ପରେ ଏହି ଭୋଗ ପାର୍ଶ୍ୱ ଦେବଦେବୀଙ୍କୁ ମଧ୍ୟ ଅର୍ପଣ କରାଯାଇଥିଲା। ଚିତାଲାଗି ଅମାବାସ୍ୟା କେବଳ ମନ୍ଦିରରେ ସୀମିତ ନୁହେଁ। ମଠ ଓ ଗୃହରେ ମଧ୍ୟ ଏହି ପର୍ବ ପାରମ୍ପରିକ ଭାବେ ପାଳନ କରାଯାଏ। ଓଡ଼ିଆ ସଂସ୍କୃତିରେ ଚିତାଲାଗି ପର୍ବକୁ ଏକ କୃଷିଭିତ୍ତିକ ପର୍ବ ଭାବେ ବିବେଚନା କରାଯାଏ। କୃଷକ ଓ କୃଷିର ଦେବତା ପ୍ରଭୁ ବଳଦେବଜୀଉଙ୍କ ସହ ଏହି ପର୍ବର ଗଭୀର ସମ୍ପର୍କ ରହିଛି। ଶ୍ରାବଣ ମାସ ବର୍ଷାର ମାସ ହୋଇଥିବାରୁ ଏହି ସମୟରେ ନଦୀ, ନାଳ, ପୋଖରୀ ଓ ବିଲରେ ପାଣି ଭରି ରହିଥାଏ। ଫଳରେ ଜଳଚର ପ୍ରାଣୀ ଓ ସରୀସୃପଙ୍କ ସଂଖ୍ୟା ମଧ୍ୟ ବଢ଼ିଥାଏ। ଲୋକବିଶ୍ୱାସ ଅନୁଯାୟୀ, ଏହି ପ୍ରାଣୀମାନଙ୍କୁ ସନ୍ତୁଷ୍ଟ କରିବା ଏବଂ ସେମାନଙ୍କ ଦ୍ୱାରା ଚାଷୀଙ୍କ ଫସଲର କ୍ଷତି ନହେବା ଉଦ୍ଦେଶ୍ୟରେ ଘରେ ମହିଳାମାନେ ଚିତଉ ପିଠା ପ୍ରସ୍ତୁତ କରି ଗୃହଦେବତାଙ୍କୁ ଭୋଗ ଲଗାଇଥାନ୍ତି। ଏହାର କିଛି ଅଂଶ ନଦୀ, ନାଳ, ପୋଖରୀ ଓ ବିଲରେ ଅର୍ପଣ କରାଯାଏ। ଏହିପରି ଚିତାଲାଗି ଅମାବାସ୍ୟା ଧାର୍ମିକ ପରମ୍ପରା ସହିତ ଓଡ଼ିଆ କୃଷି ସଂସ୍କୃତି ଓ ଲୋକବିଶ୍ୱାସର ଏକ ଅନନ୍ୟ ସମନ୍ୱୟର ପ୍ରତୀକ ଭାବେ ପାଳିତ ହୋଇଆସୁଛି।

## ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ବଢ଼ିଲା ୩୨ ବୁଥ

କଣ୍ଟିଲୋ,(ନି.ପ୍ର): ନୟାଗଡ ଜିଲ୍ଲା ଅଧୀନ ଖଣ୍ଡପଡା ନିର୍ବାଚନମଣ୍ଡଳୀର ବୁଥ ସଂଖ୍ୟା ବୃଦ୍ଧି କରାଯାଇଛି। ଖଣ୍ଡପଡ଼ା ଓ ଭାପୁର ୨ ଟି ବ୍ଲକକୁ ନେଇ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଗଠିତ। ଖଣ୍ଡପଡ଼ା ବ୍ଲକ ଅଞ୍ଚଳରେ ୧୨ ଟି ନୂତନ ବୁଥ ଗଠିତ ହୋଇଥିବା ବେଳେ ଭାପୁର ବ୍ଲକ ଅଞ୍ଚଳରେ ୨୦ ଟି ନୂତନ ବୁଥ ଗଠିତ ହୋଇଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି। ଏଥି ପୂର୍ବରୁ ୨୨ ଟି ପଞ୍ଚାୟତକୁ ନେଇ ଗଠିତ ଖଣ୍ଡପଡ଼ା ବ୍ଲକରେ ବୁଥ ସଂଖ୍ୟା ୧୧୬ ଥିବା ବେଳେ ଏବେ ନୂତନ ୧୨ ଟି ବୁଥକୁ ନେଇ ସର୍ବମୋଟ ବୁଥ ସଂଖ୍ୟା ୧୨୮ରେ ପହଞ୍ଚିଥିବା ଜଣାପଡିଛି। ସେହିପରି ୨୦ ଟି ପଞ୍ଚାୟତକୁ ନେଇ ଗଠିତ ଭାପୁର ବ୍ଲକ ଅଞ୍ଚଳରେ ଏଥି ପୂର୍ବରୁ ବୁଥ ସଂଖ୍ୟା ୧୦୧ ଥିବା ବେଳେ ଏବେ ଆଉ ନୂତନ ୨୦ ଟି ବୁଥକୁ ନେଇ ବୁଥ ସଂଖ୍ୟା ୧୨୧ରେ ପହଞ୍ଚିଥିବା ଜଣାଯାଇଛି। ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ଖଣ୍ଡପଡ଼ା ବ୍ଲକ ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଅନିତ କୁମାର ବଡ଼ସେଟ୍ଟଙ୍କ ଠାରୁ ପ୍ରକାଶ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ଯେଉଁ ୱାର୍ଡରେ ୧୧୦୦ ରୁ ଊର୍ଦ୍ଧ୍ୱ ଭୋଟର ରହିଛନ୍ତି ସେହି ସବୁ ୱାର୍ଡକୁ ୨ ଟି ୱାର୍ଡରେ ବିଭକ୍ତ କରାଯାଇ ବୁଥ ସଂଖ୍ୟା ବୃଦ୍ଧି କରାଯାଇ ଥିବା ବେଳେ ମତଦାତା ମାନେ ଏବେ ଅନ୍ୟ ଗାଁ ବୁଥରେ ମତଦାନ ନ କରି ନିଜ ଗାଁ ବୁଥରେ ମତଦାନ କରିବାର ସୁଯୋଗ ସୃଷ୍ଟି ହେବ ବୋଲି ଜଣାଯାଇଛି। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ଯୁବ ଭୋଟରଙ୍କ ସମେତ ବୁଦ୍ଧିଜୀବୀମାନେ ସ୍ୱାଗତ କରିଛନ୍ତି।

## ଧର୍ମଗଡ ତାଲୁକ ଆଇନ ସେବା ସମିତି ତରଫରୁ ବିଶ୍ୱ ଯୁବ ଦିବସ

ଧର୍ମଗଡ଼ (ନିପ୍ର): ତାଲୁକ ଆଇନ ସେବା ସମିତି ଧର୍ମଗଡ ଦ୍ୱାରା ସ୍ଥାନୀୟ ପଞ୍ଚାୟତ ମହାବିଦ୍ୟାଳୟରେ ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ୍ୟ ଗୁଣ୍ଡିଚା ସାମନ୍ତସିଂହାରଙ୍କ ଅଧ୍ୟକ୍ଷତାରେ ବିଶ୍ୱ ଯୁବ ଦିବସ ପାଳନ ଅବସରରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବରେ ଉପଖଣ୍ଡ ବିଚାର ବିଭାଗୀୟ ବିଚାରପତି ଶ୍ରୀକାନ୍ତ ପାଢ଼ୀ, ଆଇନଜୀବୀ ତଥା ତାଲୁକ ଆଇନ ସେବା ସମିତିର ସଦସ୍ୟ ମିହିର ରଞ୍ଜନ ପଟ୍ଟଯୋଶୀ, ତାଲୁକ ଆଇନ ସେବା ସମିତି ର ପାନେଲ ଓକିଲ କମଳିନୀ ରଥ, ଉକ୍ତ ମହା ବିଦ୍ୟାଳୟ ର ଅଧ୍ୟକ୍ଷ୍ୟ ଏସ. ଜଗନ୍ନାଥ ରାଓ ଓ ଇତିହାସ ଅଧ୍ୟାପକ ନିମାୟୀ ଚରଣ ପାତ୍ର ପ୍ରମୁଖ ମଞ୍ଚାସିନ ହୋଇଥିଲେ । ଏହି ଅବସରରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଶ୍ରୀଚନ୍ଦନ ସେଠି ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରିଥିଲେ ଏବଂ ଯୁବ ସଶକ୍ତିକରଣ ଏବଂ ସଶକ୍ତ ଭାରତ ଗଢି ତୋଳିବା ପାଇଁ ଆଇନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ତାଲୁକ ଆଇନ ସେବା ସମିତି ର ଅଧ୍ୟକ୍ଷ ଶ୍ରୀ ସାମନ୍ତସିଂହାର ଯୁବା ପିଢ଼ି ଙ୍କ ଅଧିକାର ଓ କର୍ତ୍ତବ୍ୟ ଉପରେ ଆଲୋଚନା କାରି ବା ସହିତ ଏକ ସୁଦୃଢ ଓ ସଶକ୍ତ ଦେଶ ର ଗଠନ ରେ ଯୁବ ପିଢ଼ିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ମାର୍ଗ ଦେଖାଇଥିଲେ ।

## ମହଲା ସଭାରେ ନିଶାମୁକ୍ତ ଓ ତମାଖୁ ବର୍ଜନ କାର୍ଯ୍ୟକ୍ରମ

ରମ୍ଭା (ନିପ୍ର): ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତର ପୋଡ଼ମପେଟା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ନିଶାମୁକ୍ତ ଓ ତମାଖୁ ବର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭିୟୁଷ ଅନୁଷ୍ଠାନ ପକ୍ଷରୁ ସମଝୋତ କାର୍ଯ୍ୟକ୍ରମ ଅଧୀନରେ କମ୍ୟୁଟିନିର ସହଯୋଗରେ ଦ୍ୱିତୀୟ ମହଲା ସଭାରେ ଫେସିଲିଟର ସି ଏଚ ପଦ୍ମିନୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୋଡିନେଟର ଜେ. ଟିଟୁ ଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ତ ବି. ଯୋଗେନ୍ଦ୍ର ଓ ଅଙ୍ଗନବାଡ଼ି କର୍ମି ଯୋଗଦେଇ ନିଶାମୁକ୍ତ ଓ ତମାଖୁ ବର୍ଜନ ସମ୍ପର୍କରେ ମତ ପ୍ରକାଶ କରିଥିଲେ । ନିଶା ସେବନର ଓ ତମାଖୁ ସେବନର ଅପକାଅରିତା ନେଇ କ୍ଷୁଦ୍ର ନାଟକ ମାଧ୍ୟମରେ ସଚେତନତା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଗ୍ରାମବାସୀ ଓ ଯୁବକ ଯୁବତୀ ମାନଙ୍କୁ ନିଶା ଦ୍ରବ୍ୟ ଓ ତମାକୁ ବର୍ଜନ ନେଇ ଶପଥ ପାଠ କରାଯାଇଥିଲା ।

## ହରଘର ତ୍ରିରଙ୍ଗା କଳା ପ୍ରଦର୍ଶନୀ ଓ ରଙ୍ଗୋଲୀ କାର୍ଯ୍ୟକ୍ରମ

ପୁରୀ(ନିପ୍ର): ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅବସରରେ ଆଜି ପୁରୀ ଜିଲ୍ଲା ସଂସ୍କୃତି ଭବନ ଠାରେ ଦେଶାତ୍ମବୋଧକ କଳା ପ୍ରଦର୍ଶନୀ ଓ ରଙ୍ଗୋଲୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏଥିରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଯୋଗ ଦେଇ ହରଘର ତ୍ରିରଙ୍ଗା ଦେଶ ମାତୃକାର ସେବା ପାଇଁ ଏକ ଉତ୍କୃଷ୍ଟ ମାଧ୍ୟମ ବୋଲି କହିଥିଲେ ।ଆମେ ଭାରତୀୟ ମାନେ ଆମ ଦେଶ ଓ ଦେଶର ଜାତୀୟ ପତାକା କୁ ନେଇ ଗର୍ବ କରନ୍ତି ।ଏହି ଦେଶ ପ୍ରେମ କୁ କିଏ କିପରି ପରିପ୍ରକାଶ କରେ ତାହା ହିଁ ଭିନ୍ନତା ମଧ୍ୟରେ ଏକତାକୁ ପ୍ରତିପାଦିତ କରିଥାଏ ।ଚିତ୍ରକଳା ରେ ପ୍ରତ୍ୟେକ ଟି କଳାକାର ତାଙ୍କ ନିଜର ଅନ୍ତରର ଦେଶପ୍ରୀତି ର ଯେଉଁ ଚିତ୍ର ଆଙ୍କିଛନ୍ତି ତାହା ଅନୁପମ ଓ ଅନନ୍ୟ ବୋଲି କହିବା ସହ ସେ ସମସ୍ତ ଙ୍କୁ ଶୁଭେଚ୍ଛା ଜଣାଇଥିଲେ ।ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ଯୋଗ ଦେଇ କେବଳ ଚିତ୍ରକଳା ବା ରଙ୍ଗୋଲୀ ନୁହେଁ ପ୍ରତ୍ୟେକ ଟି କାର୍ଯ୍ୟ ମଧ୍ୟରେ ସେବା ଓ ସମର୍ପଣ ରହିଲେ ତାହା ଦେଶପ୍ରେମ ଓ ଦେଶସେବା ପାଇଁ ଅଭିପ୍ରେତ ସଦୃଶ୍ୟ ବୋଲି କହିଥିଲେ।

## ଲଘୁଚାପ ବର୍ଷା ସାଙ୍ଗକୁ ଅଘୋଷିତ ବିଦ୍ୟୁତ୍ କାଟ: ଅସ୍ତବ୍ୟସ୍ତ ଉପଭୋକ୍ତା

କାକଟପୁର,(ନିପ୍ର): ଲଘୁଚାପ ପ୍ରଭାବରେ କାକଟପୁର ଅଞ୍ଚଳରେ ଲଗାଣ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିବା ବେଳେ ତା' ସାଙ୍ଗକୁ ବାରମ୍ବାର ବିଦ୍ୟୁତ ବିଭ୍ରାଟ ଲୋକଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଛି। ବର୍ଷା ଓ ପବନ ମଧ୍ୟରେ ବିନା ସୂଚନାରେ ବିଦ୍ୟୁତ ସରବରାହ ବନ୍ଦ ହେଉଥିବାରୁ ଉପଭୋକ୍ତାମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲଗାଣ ବର୍ଷା ଯୋଗୁଁ କାକଟପୁରର ବିଭିନ୍ନ ତଳିଆ ଅଞ୍ଚଳ ଓ ରାସ୍ତାଘାଟରେ ଜଳ ଜମି କୃତ୍ରିମ ବନ୍ୟା ସଦୃଶ ପରିସ୍ଥିତି ସୃଷ୍ଟି ହୋଇଛି। ଏଥିରେ ଯାତାୟାତ ସହ ଲୋକଙ୍କ ଦୈନନ୍ଦିନ ଜୀବନ ମଧ୍ୟ ପ୍ରଭାବିତ ହୋଇଛି। ଏଭଳି ପରିସ୍ଥିତିରେ ଦୀର୍ଘ ସମୟ ଧରି ବିଦ୍ୟୁତ ନଥିବାରୁ ସାଧାରଣ ଲୋକଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି। ବିଦ୍ୟୁତ ବିଭାଗ ପକ୍ଷରୁ ବର୍ଷା ସମୟରେ ସୁରକ୍ଷାଗତ କାରଣ ଦର୍ଶାଇ ବିଦ୍ୟୁତ ସରବରାହ ବନ୍ଦ କରାଯାଉଥିବା କୁହାଯାଉଥିଲେ ମଧ୍ୟ, ଅନେକ ସମୟରେ ଉପଭୋକ୍ତାଙ୍କୁ ଆଗୁଆ ସୂଚନା ଦିଆଯାଉନଥିବା ଅଭିଯୋଗ ହେଉଛି। ବିଦ୍ୟୁତ ବିଭ୍ରାଟ ଯୋଗୁଁ କ୍ଷୁଦ୍ର ବ୍ୟବସାୟୀ, ଦିନମଜୁରିଆ ଓ ଛୋଟ କାରଖାନାଗୁଡ଼ିକର କାର୍ଯ୍ୟ ଗୁରୁତର ଭାବେ ପ୍ରଭାବିତ ହେଉଛି। ଅନ୍ୟପକ୍ଷରେ ବିଦ୍ୟୁତ ସରବରାହ ବନ୍ଦ ରହିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଥିବା ବେଳେ ଘରେ ରହୁଥିବା ରୋଗୀ ଓ ବୃଦ୍ଧବୃଦ୍ଧାମାନେ ଅନ୍ଧାର ଏବଂ ଗୁଳୁଗୁଳିରେ ହନ୍ତସନ୍ତ ହେଉଛନ୍ତି। ବର୍ଷାଜନିତ ସମସ୍ୟା ମଧ୍ୟରେ ବିଦ୍ୟୁତ ବିଭ୍ରାଟ ଲୋକଙ୍କ ଦୁର୍ଦ୍ଦଶାକୁ ଆହୁରି ବଢ଼ାଇ ଦେଇଛି। ଉପଭୋକ୍ତା ଅସନ୍ତୋଷ ପ୍ରକାଶ କରି ତୁରନ୍ତ ସମସ୍ୟାର ସମାଧାନ ଓ ବିଦ୍ୟୁତ ବିଭ୍ରାଟ ସମ୍ପର୍କରେ ଉପଭୋକ୍ତାଙ୍କୁ ନିୟମିତ ସୂଚନା ଦେବାକୁ ଦାବି କରିଛନ୍ତି। ତେବେ ଅଭିଯୋଗ ସମ୍ପର୍କରେ ବିଦ୍ୟୁତ ବିଭାଗର ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ବର୍ଷା ଓ ପବନ ଜାରି ରହିଥିବା ପରିପ୍ରେକ୍ଷୀରେ ବିଦ୍ୟୁତ ବିଭାଗ ପକ୍ଷରୁ ତ୍ରୁଟି ଚିହ୍ନଟ କରି ଶୀଘ୍ର ମରାମତି କରିବା ସହ ଯଥାସମ୍ଭବ ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ ଯୋଗାଇଦେବାକୁ ସ୍ଥାନୀୟ ଉପଭୋକ୍ତାମାନେ ଦାବି କରିଛନ୍ତି।

## ବଳଦେବଜୀଉ ନର୍ସିଂ କଲେଜ ସ୍ଥାନାନ୍ତରଣକୁ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ



କେନ୍ଦ୍ରାପଡ଼ା(ନିପ୍ର): ବଳଦେବଜୀଉ ନର୍ସିଂ କଲେଜ ସ୍ଥାନାନ୍ତରଣକୁ ନେଇ ବିବାଦ ଦେଖାଦେଇଛି। କଲେଜ ସ୍ଥାନାନ୍ତରଣ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଓ ଭବିଷ୍ୟତ ଉପରେ ପ୍ରଭାବ ପକାଇବା ନେଇ ଟ୍ରଷ୍ଟି କଳାକାର ରାଉତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ବଳଦେବଜୀଉ ନର୍ସିଂ କଲେଜକୁ ପୁରୁଣା ସ୍ଥାନରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଏହି ସ୍ଥାନାନ୍ତରଣ ପ୍ରକ୍ରିୟାକୁ ନେଇ ଟ୍ରଷ୍ଟିଙ୍କ ପକ୍ଷରୁ ପ୍ରଶ୍ନ ଉଠାଯାଇଛି। କଲେଜରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ପାଠପଢ଼ା, ଶିକ୍ଷାର ପରିବେଶ ଏବଂ ଭବିଷ୍ୟତ ଏହାଦ୍ୱାରା ପ୍ରଭାବିତ ହୋଇପାରେ ବୋଲି ସେ ଅଭିଯୋଗରେ ଦର୍ଶାଇଥିବା କୁହାଯାଇଛି। ଏହି ଘଟଣାକୁ ନେଇ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ ହେବା ପରେ କଲେଜର ପରିଚାଳନା ଓ ସ୍ଥାନାନ୍ତରଣ ପ୍ରକ୍ରିୟାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ଟ୍ରଷ୍ଟିଙ୍କ ଅଭିଯୋଗକୁ କଲେଜ ପରିଚାଳନା ପକ୍ଷରୁ ଖଣ୍ଡନ କରାଯାଇଛି। କଲେଜ ପରିଚାଳନା ନିର୍ଦ୍ଦେଶକ ଡାକ୍ତର ମାନସ କୁମାର ଦାସଙ୍କ କହିବା ଅନୁଯାୟୀ, ପୁରୁଣା ସ୍ଥାନରେ କିଛି ସୁରକ୍ଷା ଓ ପରିଚାଳନା ସମ୍ପର୍କିତ ସମସ୍ୟା ରହିଥିଲା। ଛାତ୍ରଛାତ୍ରୀଙ୍କ ସୁରକ୍ଷା, ଶିକ୍ଷା ବ୍ୟବସ୍ଥା ଓ ଭବିଷ୍ୟତକୁ ପ୍ରାଥମିକତା ଦେଇ କଲେଜକୁ ନୂତନ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ସେ ସ୍ପଷ୍ଟ କରିଛନ୍ତି। ଏହା ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ବିରୋଧୀ ନୁହେଁ, ବରଂ ସେମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ନିଆଯାଇଥିବା ପଦକ୍ଷେପ ବୋଲି ପରିଚାଳନା ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ, ଟ୍ରଷ୍ଟିଙ୍କ ଅଭିଯୋଗ ଓ କଲେଜ ପରିଚାଳନାର ପ୍ରତିକ୍ରିୟା ମଧ୍ୟରେ ଘଟଣାଟି ନେଇ ଭିନ୍ନ ଭିନ୍ନ ଦାବି ସାମ୍ନାକୁ ଆସିଛି।

## ନବରଙ୍ଗପୁର ଜିଲ୍ଲାର କୃଷି ଭିତ୍ତିକ ପର୍ବ ଉଆଁସ



ଡାବୁଗାଁ, (ନିପ୍ର): ନବରଙ୍ଗପୁର ଜିଲ୍ଲାର କୃଷି ଭିତିକ ପର୍ବ ଉଆଁସ ପରବ ବା ପବିତ୍ର ଚିତା ଲାଗି ଅମାବାସ୍ୟା ।ନବରଙ୍ଗପୁର ଜିଲ୍ଲାରେ ଏହା ଏକ କୃଷି ଭିତିକ ପର୍ବ ଭାବରେ କେଉଁ ଆଦିମ କାଳରୁ ଚାଲିଆସୁଛି । ଏହି ଦିନ ଆମ ଆଦିବାସୀ ଭାଇ ମାନେ ନିଜନିଜ ଜମିରେ ଆଦିବାସୀ ପରମ୍ପରା ଅନୁସାରେ ଦେଓବାଡ଼ନି,ବାତ୍ରୀ ବୁଟା, କେନ୍ଦୁ ଡାଲ ଖାଲଖୋଳି ପୋତିଥାନ୍ତି। ଏବଂ କ୍ଷୀରି ,ଚିତଉ ଭାଗ ଲଗାଇ ନଡ଼ିଆ ଭାଙ୍ଗି ଧୂପଦୀପ ଦେଇ ପୂଜାକରି ଥାନ୍ତି। ଆଦିବାସୀ ଭାଇମାନଙ୍କ ବିଶ୍ୱାସ ଅଛି ଏଭଳି କରିବା ଦ୍ୱାରା ଚାଷ ଜମିରେ ରୋଗ ପୋକ ହୋଇନଥାଏ ।ମାଟି ମାଁ ଙ୍କୁ ଏବର୍ଷ ଚାଷ ଭଲ ହେଉ ବୋଲି ପାର୍ଥନା କରିଥାନ୍ତି । ଏବଂ ଜଙ୍ଗଲରୁ ସଂଗ୍ରହ କରି ଆଣିଥିବା ଡାଳ ପତ୍ରକୁ ସମସ୍ତଙ୍କ ଘର ଦୁଆରବନ୍ଧ ଓ ନିଜ ନିଜ ଗାଈ ଗୁହାଳରେ ଲଗାଇବା ସହିତ ପୂଜାବିଧି କରିବାର ଦେଖିବାକୁ ମିଳିଥିଲା । ଏହା ଦ୍ୱାରା ଘରକୁ ରୋଗ ଜୀବାଣୁ ପ୍ରବେଶ କରିବ ନାହିଁ ବୋଲି ବିଶ୍ୱାସ ରହିଛି ଓ ସମସ୍ତଙ୍କ ଘରେ ପିଠାପଣା ସହିତ ଆମିଷ ରୋଷେଇ କରାଯାଇଥାଏ ।ଖୁବ ଆନନ୍ଦରେ ଏହି ପର୍ବ ପାଳନ କରିଥାନ୍ତି। ଏହି ପର୍ବ ଆମର ଆଦିବାସୀ ଭାଇ ମାନେ। ଠିକ ଏହିପରି ଓଡ଼ିଶାର ପରମ୍ପରା ଅନୁସାରେ ଏହି ଦିନ ଶ୍ରୀମନ୍ଦିରରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ଚିତାଲାଗି ହୋଇଥାଏ। ପୂଜା ଓ ଧୂପ ଶେଷ ହେବା ତିନି ଠାକୁରଙ୍କ ଲଲାଟରେ ଚିତାଲାଗି କରାଯାଏ। ।ଶ୍ରାବଣ ମାସର ଅମାବାସ୍ୟା ତିଥିରେ ଚିତଲାଗି ଅମାବାସ୍ୟା ପାଳନ କରାଯାଏ। ଏହି ଦିନ ଗେଣ୍ଡା ଆଦି ଜଳଚର ପ୍ରାଣୀଙ୍କ ଉଦ୍ଦେଶ୍ୟରେ ଚିତଉ ଓ ଗଇଁଠା ଆଦି ପିଠା ଅର୍ପଣ କରାଯାଇଥାଏ । ସେଥିପାଇଁ ଏହା 'ଗେଣ୍ଡେଇକଟା ଓଷା' ନାମରେ ମଧ୍ୟ ପ୍ରସିଦ୍ଧ। ବାଲେଶ୍ୱର, ମୟୂରଭଞ୍ଜ ଓ କେଉଁଝର ଆଦି ଅଞ୍ଚଳରେ ଏହି ପର୍ବକୁ 'ଗେଣ୍ଡାକଟା ଅମାବାସ୍ୟା' କୁହାଯାଏ ।ଯାହାବି ହେଉ ଆମ ଓଡ଼ିଶା ରୋ ପରମ୍ପରା ସବୁଠୁ ନିଆରା ।

## ରାମରାଜ କପା ସାନ୍ତାଳୀ ବୁଣାକୁ ପୁନର୍ଜୀବିତ କରିଛି

ଭୁବନେଶ୍ୱର, (ନିପ୍ର): ରାମରାଜ କପା ଆଜି ଓଡ଼ିଶାରେ ପଞ୍ଚମ୍ ଶୁଭାରମ୍ଭ କରିଛି, ଯେଉଁ ମାଟିରୁ ଏହା ନିଜର ପରିଚୟ ଆକର୍ଷିତ କରେ ସେହି ମାଟିରେ ଏହାର ନୂତନ ହସ୍ତତନ୍ତ ପ୍ରଦାନ ଆଣିଛି। ପଞ୍ଚମ୍ ମୟୂରଭଞ୍ଜର ପାରମ୍ପରିକ ସାନ୍ତାଳୀ ବୁଣାକୁ ଏକ ସମସାମୟିକ ଧୋତି ଭାବରେ ପୁନଃକଳ୍ପନା କରେ, ଯାହା ମୟୂରଭଞ୍ଜର ଗ୍ରାମଗୁଡ଼ିକରୁ ରାଜ୍ୟର ସ୍ୱଦେଶୀ ବସ୍ତ୍ର ଐତିହ୍ୟକୁ ସମସାମୟିକ ଭାରତର ପୋଷାକରେ ପରିଣତ କରିଥାଏ। ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଶାର ମାନ୍ୟବର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ମୁଖ୍ୟ ଅତିଥି, ମୌନା ଧଓ୍ୱାନୀ ଫାଉଣ୍ଡେସନର ପ୍ରତିଷ୍ଠାତା ସୁଶ୍ରୀ ବିନ୍ଦୁ ବିନୋଧନ ସମ୍ମାନିତ ଅତିଥି ଏବଂ ରାମରାଜ କଟନର ପରିଚାଳନା ନିର୍ଦ୍ଦେଶକ ବି.ଆର. ଅରୁଣ ଈଶ୍ୱରଙ୍କ ଉପସ୍ଥିତିରେ ଓଡ଼ିଶାରେ ଶୁଭାରମ୍ଭ ହୋଇଥିଲା। ଉଲ୍ଲେଖନୀୟ ଯେ, ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ମହିଳା ବୁଣାକାରଙ୍କ ପ୍ରତିନିଧିମାନେ ଯୋଗ ଦେଇଥିଲେ, ଯାହାଙ୍କ ପିଢ଼ି ପରେ ପିଢ଼ି ପୁରୁଣା କାରିଗରୀ ପଞ୍ଚମ୍ ର ମୂଳଦୁଆ ଗଠନ କରିଥାଏ ।

## ମିଟର ରିଡ଼ର ସଂଘ ପକ୍ଷରୁ ଡିଭିଜନ କାର୍ଯ୍ୟାଳୟ ସାମ୍ନାରେ ଧାରଣା

ନିମାପଡ଼ା,(ନି.ପ୍ର.): ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ଆହ୍ୱାନକ୍ରମେ ନିମାପଡ଼ା ଇଲେକ୍ଟ୍ରି ଡ଼ିଭିଜନ ଅନ୍ତର୍ଗତ ୩୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ୩ ଦଫା ଦାବିରେ ଡ଼ିଭିଜନ କାର୍ଯ୍ୟାଳୟ ସାମ୍ନାରେ ବୁଧବାର ଦିନ ଧାରଣା ଦେଇଥିଲେ। ବେଆଇନ ଛଟେଇ ବନ୍ଦ କରିବା, ଛଟେଇ ହୋଇଥିବା କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଏବଂ ସରକାରଙ୍କ ନିର୍ଦ୍ଧାରିତ ଅନୁଯାୟୀ କର୍ମଚାରୀଙ୍କୁ ଦରମା ପ୍ରଦାନ ଦାବି ଗୁଡ଼ିକ ମଧ୍ୟରୁ ଅନ୍ୟତମ ବୋଲି ସଂଘ ସଭାପତି ଶୁଭ୍ରାଂଶୁ ଶେଖର କୁଣ୍ଡ ଗଣମାଧ୍ୟମକୁ ସୂଚନା ଦେଇ ଦାବି ପୂରଣ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଘୋଷଣା କରିଥିଲେ । ବିଶେଷକରି, ମିଟର ରିଡ଼ରମାନେ ଗତ ୧୫ ବର୍ଷ ହେଲା ଟାଟା ପାୱାର ଅଧୀନରେ କାର୍ଯ୍ୟ କରି ଆସୁଥିବା ବେଳେ ନିଯୁକ୍ତି ନିୟମକୁ ଉଲ୍ଲଂଘନ କରି ନିଯୁକ୍ତି ଦାୟିତ୍ୱ ନେଇଥିବା ଏଜେନ୍ସି ମନୋମୁଖୀ ଭାବେ ଛଟେଇ, ପୁନଃ ନିଯୁକ୍ତି କରୁଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ନିଯୁକ୍ତି ଏଜେନ୍ସି ଶ୍ରମ ଆଇନକୁ ଉଲ୍ଲଂଘନ କରି ଆସୁଥିବା ବେଳେ ଶ୍ରମିକ ସଂଗଠନ ପକ୍ଷରୁ ତୀବ୍ର ବିରୋଧ କରାଯାଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କିନ୍ତୁ ଫଳପ୍ରଦ ହେଲା ନାହିଁ। ମିଟର ରିଡ଼ରଙ୍କ ପେଟ୍ରୋଲ ଖର୍ଚ୍ଚ ମାସିକ ୨ ହଜାର ଏବଂ ବିଲ୍ ଆଦାୟକାରୀଙ୍କ ପାଇଁ ୨୫୦୦ ଟଙ୍କା, ୧୭୦୦ ଟଙ୍କା ବିଲ୍ ଉପରେ ଅଧିକ ୭ ଟଙ୍କା ଓ ୧୧୦୦ ମିଟର ରିଡ଼ିଂ ଉପରେ ପ୍ରତ୍ୟେକଙ୍କୁ ୯ ଟଙ୍କା ପ୍ରଦାନ ନିମନ୍ତେ ଦାବି କରାଯାଇଥିଲା।

## ରାସ୍ତାରେ ମାଳ ମାଳ ବୁଲା ଗୋରୁ, ବଢୁଛି ସଡକ ଦୁର୍ଘଟଣା



ହିଞ୍ଜିଳିକାଟୁ, (ନିପ୍ର) : ଗତ କିଛି ବର୍ଷ ଧରି ହିଞ୍ଜିଳିକାଟୁ ସହରର କଳେବର ବୃଦ୍ଧି ପାଇବାରେ ଲାଗିଛି। ପୂର୍ବରୁ ଥିବା ବିଜ୍ଞାପିତ ଅଞ୍ଚଳ ପରିଷଦ ୨୦୧୮ରେ ପୌର ପରିଷଦର ମାନ୍ୟତା ଲାଭ କରିଛି। କେନ୍ଦ୍ରୀୟ ଯୋଜନାର ଅନୁଦାନ ପାଣ୍ଠି ହେଉ କିମ୍ବା ରାଜ୍ୟ ଅନୁଦାନ ପାଣ୍ଠିରୁ ଅଜସ୍ର ଅର୍ଥ ବିନିଯୋଗ ହୋଇ ଉନ୍ନୟନ ପ୍ରକଳ୍ପ ସବୁକୁ କାର୍ଯ୍ୟକାରୀ କରାଯାଇଛି ।ରାସ୍ତା ଘାଟ ଠାରୁ ସାହି ବସ୍ତି ଗୁଡିକର ପରିବେଶ ବି କ୍ରମଶଃ ପରିବର୍ତ୍ତନ ହୋଇଛି। ସହରକୁ ସବୁଜ ଓ ସୁନ୍ଦର ଭାବେ ଗଢି ତୋଳିବା ପାଇଁ ପ୍ରଶାସନିକ ସ୍ତରରୁ ରାଜନେତା, ବ୍ୟବସାୟୀ ଓ ବୁଦ୍ଧିଜୀବୀ ମାନଙ୍କ ସ୍ତରରେ ଉଦ୍ୟମ ହୋଇ ବ୍ୟାପକ ମାତ୍ରାରେ ପ୍ରସ୍ତୁତି ବି ହେଉଛି। ସଭା ସମିତି ମାନ ଆୟୋଜିତ ହୋଇ ସହରର ବିକାଶ ପାଇଁ ନାରା ପରେ ନାରା ଦେବାକୁ ବି ଅବହେଳା ପ୍ରଦର୍ଶନ କରି ନାହାଁନ୍ତି। ସହରର ଏଭଳି ଏକ ଚଳଚଞ୍ଚଳ ପରିବେଶ ଭିତରେ ଅଣନିଃଶ୍ୱାସୀ ହୋଇ ସାଧାରଣ ଜନତାଙ୍କ ଦୁଃଖ ଦୁର୍ଦ୍ଦଶା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। କେଉଁ ସମୟରେ କିଏ କିଏ ମରଣ ମୁହଁକୁ ଠେଲି ହୋଇ କାହାର ଜୀବନ ଚାଲି ଯାଉଛି ତ ଆଉ କିଏ ବି ମୃତ୍ୟୁ କବଳରୁ ବର୍ତ୍ତି ଯାଉଛି। ସହରକୁ ଦୈନିକ ଶହ ଶହ ଲୋକ ଆତଯାତ ହେଉଥିବା ବେଳେ ସହରର ବିଭିନ୍ନ ରାସ୍ତାରେ ମାଳ ମାଳ ବୁଲା ଗାଈ,ଗୋରୁଙ୍କ ଅବାଧ ବିଚରଣ ଫଳରେ ଏଭଳି ଗୁରୁତର ସମସ୍ୟା ଦେଖା ଦେଇଛି। ସ୍ଥାନୀୟ ସହର ମଧ୍ୟ ଦେଇ ଯାଇଥିବା ୫୯ ନଂ ଜାତୀୟ ରାଜପଥ ଓ ୩୬ ନଂ ରାଜ୍ୟ ରାଜପଥରେ ଦୈନନ୍ଦିନ ଏଭଳି ବିଷମ ପରିସ୍ଥିତି ସୃଷ୍ଟି ହେଉଥିବା ଜଣାପଡିଛି। ସ୍ଥାନୀୟ ପୌର ପ୍ରଶାସନ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟ ବରାଦ କରାଯାଇ ହିଞ୍ଜିଳି ଗ୍ରାମ ନିକଟସ୍ଥ ତିଆରି ହୋଇଛି କାଞ୍ଜିଆହୁଦା । କେବେ କେମିତି ଲୋକ ଦେଖାଣିଆ ଭାବେ ଗୋରୁ ଗାଈ ଧରା ଗାଡ଼ିରେ ବୁଲା ଗାଈ ଗୋରୁଙ୍କୁ ଉଠାଇ ନେଇ ସେଠାରେ ରଖାଯାଉଛି। କିନ୍ତୁ ଏହି ପଶୁମାନଙ୍କୁ ବାହାରେ ଛାଡ଼ିଦେଇ ନିଶ୍ଚିନ୍ତ ରହୁଥିବା ଗୋପାଳକ ମାନଙ୍କୁ କିଛି ତଣ୍ଡ ଆଦାୟ କରି ପୌର କର୍ତ୍ତୃପକ୍ଷ କାମ ସାରି ଦେଉଥିବା ଜଣାପଡିଛି। ମାତ୍ର ପୌର କର୍ତ୍ତୃପକ୍ଷ ନିୟମିତ ବ୍ୟବଧାନରେ ବୁଲା ପଶୁମାନଙ୍କୁ ରାସ୍ତାରୁ ହଟାଇବା ପାଇଁ ଉଦାସୀନତା ରହୁଥିବା ଜଣାପଡିଛି ।ଫଳରେ ୫୯ ନଂ ଜାତୀୟ ରାଜପଥ ସମେତ ୩୬ ନଂ ରାଜ୍ୟ ରାଜପଥର ବିଭିନ୍ନ ଛକ ନିକଟରେ ବୁଲା ପଶୁମାନଙ୍କ ବିଚରଣ ଯୋଗୁଁ ଛୋଟ ବଡ଼ ସଡକ ଦୁର୍ଘଟଣା ଘଟି ବହୁ ଧନଜୀବନ ନଷ୍ଟ ହେଉଥିବା ଏବେ ନିତିଦିନିଆ ଘଟଣା ପାଲଟିଛି। ଗୋଟିଏ ପଟେ ରାସ୍ତା କଡରେ ବେଆଇନ ଗାଡି ପାର୍କିଂ ହୋଇ ରାସ୍ତା ସଙ୍କୁଚିତ ହେଉଥିବା ବେଳେ ଅନ୍ୟ ପଟେ ବୁଲା ପଶୁ ରାସ୍ତାରେ ବିଚରଣ ଅବା ବିଶ୍ରାମ ନେବା ପଥଚାରୀ, ଶିକ୍ଷାର୍ଥୀଙ୍କ ଜୀବନ ସୁରକ୍ଷାରେ ବାଧକ ସାଜିଛି। ଏଣୁ ଏହାର ସ୍ଥାୟୀ ପ୍ରତିକାର ନିମନ୍ତେ ପୌର କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସଚେତନ ନାଗରିକମାନେ ମହଲରେ ଦାବି ହୋଇଛି । ବୁଧବାର ଅପରାହ୍ନରେ ଆସିକା ଠାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ଟ୍ରକ ସ୍ଥାନୀୟ ପୌରାଞ୍ଚଳ ବିଜୁ ପଟ୍ଟନାୟକ ଛକ ନିକଟରେ ଅବାଧରେ ବିଚରଣ କରୁଥିବା ଏକ ଷଣ୍ଢକୁ ଧକ୍କା ଦେଇ ପ୍ରାୟ ୫୦ ମିଟର ଘୋଷାରି ନେଇ ଘଟଣା ସ୍ଥଳରୁ ଚମ୍ପଟ ମାରିବାରେ ସକ୍ଷମ ହୋଇଥିଲା। ଘଟଣା ନେଇ ସ୍ଥାନୀୟ ଲୋକେ ହିଞ୍ଜିଳିକାଟୁ ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦେଇଥିଲେ। ଖବର ପାଇ ସ୍ଥାନୀୟ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତ ଷଣ୍ଢକୁ ଉଦ୍ଧାର କରି ଚିକିତ୍ସା ପାଇଁ ସ୍ଥାନୀୟ ପ୍ରାଣୀ ସମ୍ପଦ କାର୍ଯ୍ୟାଳୟରେ ଭର୍ତ୍ତି କରିଥିଲେ। ଏ ଦିଗରେ ପୌର କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

## ଆସୁଛି ପାର୍ବଣ ଋତୁ, ଚଳଚଞ୍ଚଳ ମୂର୍ତ୍ତି କାରିଗର



ଜଟଣୀ(ନିପ୍ର): ପାର୍ବଣଋତୁର ଆଗମନରେ ଗାଁଠୁ ସହର ସବୁଠିମୂର୍ତ୍ତି ନିର୍ମାଣକୁ ନେଇ ଚଳଚଞ୍ଚଳ କାରିଗର। ଆଉ ଦିନ କେଇଟା ପରେ ଧରାପୃଷ୍ଠରେ ଅବତରଣ କରିବେ ବିଘ୍ନବିନାଶକ ପ୍ରଭୁ ଗଜାନନ। ମୂର୍ତ୍ତି ଶାଳରେ କାରିଗରଙ୍କ ହସ୍ତ ସ୍ପର୍ଶରେ ଧୀରେ ଧୀରେ ଜୀବନ୍ତ ହେବାକୁ ଲାଗିଲେଣି ପ୍ରଭୁଗଜାନନଙ୍କ ମୃଣ୍ମୟ ମୂର୍ତ୍ତିଗୁଡିକ। ଦୁଇପଇସା ବ୍ୟବସାୟ ଆଶାରେ ବର୍ଷର ପାର୍ବଣ ଋତୁକୁ ଅପେକ୍ଷା କରିଥାନ୍ତି କାରିଗର ପରିବାର ଓ ବ୍ୟବସାୟୀମାନେ। ପ୍ରତି ବର୍ଷଭଳି ଚଳିତବର୍ଷ ମଧ୍ୟ ଖୋର୍ଦ୍ଧା ଜିଲ୍ଲା ଜଟଣୀ ସହରରେ ଜୋରସୋରରେ ଚାଲିଛି ମୂର୍ତ୍ତି ନିର୍ମାଣ କାମ। ଓଡିଶା ପ୍ରସିଦ୍ଧ ଗଣେଶ ପୂଜା ରୂପେ ଜଟଣୀ ସହର ପରିଚିତ । ସହରରେ ଦୁଇଶହରୁ ଊର୍ଦ୍ଧ୍ୱମଣ୍ଡପରେ ଏବଂ ଶିକ୍ଷାନୁଷ୍ଠାନ ମାନଙ୍କରେ ଗଜାନନଙ୍କ ପୂଜା ହେଉଥିବା ବେଳେ ଏହାକୁ ୬ମାସର ରୋଜଗାର ଓ ଗୁଜୁରାଣ ମେଣ୍ଟେଇବା ପାଇଁ ମୂର୍ତ୍ତି ନିର୍ମାଣ କାମରେ ଲାଗିଛନ୍ତି ବହୁ କାରିଗର। ଚଳିତବର୍ଷ ବଜାରର ଚାହିଦାକୁ ଲକ୍ଷ୍ୟକରି ଶହେଟଙ୍କା ଠାରୁ ଆରମ୍ଭ କରି ଦୁଇ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂର୍ତ୍ତି ନିର୍ମାଣ ହେଉଥିବା ଦେଖିବାକୁ ମିଳିଛି। ଜଟଣୀ ବ୍ୟତୀତ ଆଖପାଖ ଖୋର୍ଦ୍ଧା, ପିପିଲି ,ପୁରୀ, ଭୁବନେଶ୍ୱର ଅଞ୍ଚଳରୁ ମୂର୍ତ୍ତି ନିର୍ମାଣ ପାଇଁ ବରାଦ ଆସିଥିବା ମୂର୍ତ୍ତି କାରିଗରମାନେ ପ୍ରକାଶ କରିଛନ୍ତି । ତଥାପି ଗ୍ରାହକଙ୍କୁ ଆକୃଷ୍ଟ କଲାଭଳି ମୂର୍ତ୍ତି ନିର୍ମାଣ କରାଯାଇଛି। ତଥାପି ଚଳିତ ବର୍ଷ ମୂର୍ତ୍ତି କାରବାର ଭଲ ରହିବ ବୋଲି ଆଶା ରଖିଛନ୍ତି ମୂର୍ତ୍ତି କାରିଗର।

ତିଥି :(ପ୍ରତିପଦା ଅଶ୍ଲେଷା): (ମଘା କ୍ଷୟ, କର୍କଟ )
ଅମୃତ ବେଳା: ପ୍ରାତଃ ୫।୩୦ ରୁ ଘ ୭।୭ ମଧ୍ୟେ

## ଆଜିର ଅନୁଚିନ୍ତନ

ଯେହେତୁ ମୁଁ କ୍ଷରରୁ ଅତୀତ ଓ ଅକ୍ଷରରୁ ମଧ୍ୟ ଉତ୍ତମ, ତେଣୁ ଜଗତରେ ଓ ବେଦରେ ମୁଁ ପୁରୁଷୋତ୍ତମ ନାମରେ ପ୍ରସିଦ୍ଧ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ବିପର୍ଯ୍ୟୟର ହେଉ ରହସ୍ୟ ଭେଦ

ରାଷ୍ଟ୍ରପତି ଆବେଲାର୍ଡୋ ଡି ଲା ଏସପ୍ରିଏଲା କଲମ୍ବିଆର ସର୍ବୋଚ୍ଚ ପଦ ଗ୍ରହଣ କରିବାର ମାତ୍ର କିଛି ଦିନରେ ଦେଶରେ ବଡ଼ ଧରଣର ଭୂମିକମ୍ପ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଯାହା ନୂତନ ପ୍ରଶାସନକୁ ଏହାର ପ୍ରଥମ ବଡ଼ ସଙ୍କଟ ମଧ୍ୟକୁ ଠେଲି ଦେଇଛି। ଗତ ଜୁନରେ ପଡ଼ୋଶୀ ଭେନେଜୁଏଲାରେ ଆସିଥିବା ଦୁଇଟି ବିନାଶକାରୀ ଭୂକମ୍ପ ମନରୁ ପାସୋର ନ ଯାଉଣୁ ଘଟିଛି ଏହି ଭୂକମ୍ପ। ଭୂକମ୍ପ ଯୋଗୁଁ କେତେକ ସହରରେ ଶହ ଶହ କୋଠା ଭୁଶୁଡ଼ି ପଡିଛି। ଧ୍ୱଂସାବଶେଷ ତଳେ ଚାପି ହୋଇରହିଥିବା ଲୋକଙ୍କୁ ଉଦ୍ଧାର କରିବା ଅଭିଯାନ ଜାରି ରହିଛି। ଏହି ଦକ୍ଷିଣ ଆମେରିକୀୟ ଦେଶରେ ଚଳିତ ଶତାବ୍ଦୀର ଏହା ହେଉଛି ସବୁଠାରୁ ଶକ୍ତିଶାଳୀ ଭୂକମ୍ପ । ଏଥିଯୋଗୁ ଦୁଇଶହରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଛି ଏବଂ ହଜାର ହଜାର ଆହତ ହୋଇଛନ୍ତି।

ସଦ୍ୟ ସଂଘଟିତ କଲମ୍ବିଆର ଚୋକୋ ଅଞ୍ଚଳସ୍ଥିତ ସାନ୍ ଯୋସେ ଡେଲ୍ ପାଲମାର୍ ନିକଟରେ ଭୂମିକମ୍ପର କେନ୍ଦ୍ରବିନ୍ଦୁ ରହିଥିଲା। ଭୂମିକମ୍ପର ଝଟକା ରାଜଧାନୀ ବୋଗୋଟା ସମେତ ଦେଶର ବିଭିନ୍ନ ଭାଗରେ ଅନୁଭୂତ ହୋଇଥିଲା, ଯାହା ପରେ ସାଇରନ୍ ବାଜିବା ସହ ଲୋକମାନେ ଆତଙ୍କିତ ହୋଇ ବିଲ୍ଡିଂ ଛାଡ଼ି ରାସ୍ତାକୁ ପଳାଇ ଆସିଥିଲେ। ଭୂକମ୍ପ ଯୋଗୁଁ ଦୁଇ ହଜାର ଆବାସିକ ଗୃହ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଶତାଧିକ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇସାରିଛି। ଆଗକୁ ଜଣାପଡ଼ିବ କ୍ଷୟକ୍ଷତିର ବାସ୍ତବ ପରିମାଣ। ଧ୍ୱଂସ ସ୍ତୁପ ଭିତରେ ଜୀବନଖୋଜା ଚାଲିଛି।

ସଙ୍କଟ ସମୟରେ ଆମେରିକା ସରକାର କଲମ୍ବିଆକୁ ଅସ୍ଥାୟୀ ଆଶ୍ରୟସ୍ଥଳ, ଖାଦ୍ୟ ଓ ସୁରକ୍ଷା ପାଇଁ ୧୫.୫ ନିୟୁତ ଡଲାରର ଜରୁରୀକାଳୀନ ସହାୟତା ଘୋଷଣା କରିଛନ୍ତି। ଅନ୍ୟାନ୍ୟ ଦେଶରୁ ମଧ୍ୟ ସହାୟତା ପହଞ୍ଚିଚାଲିଛି। ପୀଡ଼ିତ ଏହି ଦେଶ ପ୍ରତି ମାନବିକତା ହାତ ସବୁଆଡୁ ଲମ୍ବୁ। ବିଶ୍ୱରେ ସର୍ବାଧିକ ଭୂକମ୍ପ ପ୍ରବଣ ଦେଶ ମଧ୍ୟରୁ ଅନ୍ୟତମ କଲମ୍ବିଆ ରିଙ୍ଗ ଅଫ ଫାୟାର ଭୂକମ୍ପ ଓ ଆଗ୍ନେୟଗିରି କ୍ଷେତ୍ର ମଧ୍ୟରେ ଆସୁଥିବାରୁ ସର୍ବଦା ଏହା ବିପଦରେ ।

ବିଡମ୍ବନା ଯେ ପ୍ରଯୁକ୍ତିର ଯାବତୀୟ ବିକାଶ ସତ୍ତ୍ୱେ ଏପର୍ଯ୍ୟନ୍ତ ଭୂମିକମ୍ପର ପୂର୍ବାଭାସ ଠିକ୍ ଭାବରେ ମିଳୁନାହିଁ। ଏପରି ବିପର୍ଯ୍ୟୟ ନେଇ ପୂର୍ବାଭାସ ଜଣାପଡିଲେ ସର୍ତକତା ପୂର୍ବକ ବହୁ ଧନଜୀବନ ରକ୍ଷା କରାଯାଇପାରନ୍ତା। ଯେବେ ବି ଯେଉଁଠି ଭୂକମ୍ପ ସେଠାରେ ବଡ ବଡ ଅଟ୍ଟାଳିକା ତାସଘର ଭଳି ଭୁଶୁଡି ବର୍ଜ୍ୟ ସ୍ତୁପରେ ପରିଣତ ହେଉଥିବା ଦେଖାଯାଉଛି। ପ୍ରକୃତି ଆଗରେ ମଣିଷର ଅହଙ୍କାର, ଜ୍ଞାନଗରିମା ସବୁକିଛି ପଦାନତ ହେଉଛି। ଗୋଟିଏ ପକ୍ଷରେ ବିଶ୍ୱରେ କିଛି ସ୍ଥାନରେ ଅହେତୁକ ଭାବରେ ଯୁଦ୍ଧର ବିଭୀଷିକା ଅପର ପକ୍ଷରେ ପ୍ରକୃତିର ତାଣ୍ଡବ ମଣିଷକୁ ବାର୍ତ୍ତା ଦିଏ ଯେ ପ୍ରକୃତି ସହ ମଣିଷ ରହୁ, ପ୍ରକୃତିର ବିରୋଧାଚରଣ ନ କରୁ, ପଞ୍ଚ ମହାତତ୍ତ୍ୱ ପ୍ରତି କ୍ଷତି ନ ପହଞ୍ଚାଉ। ପ୍ରକୃତିର ରହସ୍ୟ ହୁଏତ ବୁଝିଲେ ଦିନେ ମଣିଷ ଭୂକମ୍ପ ଓ ଅନ୍ୟାନ୍ୟ ବିପର୍ଯ୍ୟୟର ରହସ୍ୟ ଭେଦ କରିପାରନ୍ତା। ଏ ବାବଦରେ ସମଭାବାପନ୍ନ ଦେଶଗୁଡ଼ିକ ଏକାଠି ହେବା ଆବଶ୍ୟକ। ଏ ସଂକ୍ରାନ୍ତରେ ଗବେଷଣାର ଫଳଶ୍ରୁତି ହୁଏତ ଆଗକୁ ବାଟ କଢ଼ାଇପାରେ।

# ଅଧିକାର ପୂରା, କର୍ତ୍ତବ୍ୟ ଅଧା

**ଗୋପାଳ ମହାପାତ୍ର**

ଭାରତ କେବଳ ଏକ ଭୂଗୋଳ ନୁହେଁ, ବରଂ ବିଚାର, ମୂଲ୍ୟ ଏବଂ ସହ ଅସ୍ତିତ୍ୱର ଜୀବ' ପ୍ରତୀକ ଅଟେ। ଏଠି ସଂସ୍କୃତି, ଅଧ୍ୟାତ୍ମ୍ୟ, ବିଜ୍ଞାନ ଏବଂ ବିବିଧତାର ସଙ୍ଗମ ଏକତାର ସୂତ୍ରରେ ବନ୍ଧା ହୋଇଛି। ଆମର ସ୍ୱତନ୍ତ୍ରତା କେବଳ ରାଜନୈତିକ ସ୍ୱାଧିନତାର ପର୍ବ ହୋଇ ରହିନାହିଁ ବରଂ ଏହା ସେଇ ସମାବେଶୀ ରାଷ୍ଟ୍ରର ମୂଳଦୁଆ ଥିଲା ଯାହାର କଳ୍ପନା 'ଆମେ ଭାରତର ଜନସାଧାରଣ'ରେ କରାଯାଇଥିଲା ଏକ ଏମିତି ରାଷ୍ଟ୍ର ଯେଉଁଠି ସବୁ ନାଗରିକ ସମାନ ଅଧିକାର ଏବଂ ଅବସରର ଅଧିକାରୀ ହେବେ। ଏଇ ଅଧିକାରକୁ ସ୍ୱର ଏବଂ ସଂରଚନା ଦେବାର କାମ କରିଥିଲା ଆମର ସମ୍ବିଧାନ। ସମ୍ବିଧାନ କେବଳ ଏକ ବିଧିକ ଦସ୍ତାବିଜ୍ ନୁହେଁ ବରଂଚ ରାଷ୍ଟ୍ରର ଆତ୍ମା ଅଟେ ଯିଏ ସ୍ୱତନ୍ତ୍ରତାକୁ ଉତ୍ତରଦାୟିତ୍ୱ ସହ ଯୋଡିଦେଇଛି। ନ୍ୟାୟ, ସ୍ୱତନ୍ତ୍ରତା, ସମାନତା ଏବଂ ବନ୍ଧୁତ୍ୱ ଏହାର ପ୍ରାଣ ଅଟେ। କିନ୍ତୁ ଏହା କେବଳ କାଗଜରେ ନୁହେଁ ନାଗରିକ ବା ଲୋକଙ୍କ ସଜାଗ ଚେତନାରେ ଜୀବିତ ରହି ହିଁ ସାର୍ଥକ ହୋଇପାରେ। ଦୁର୍ଭାଗ୍ୟ ଯେ ସ୍ୱାଧୀନତାକୁ ଆମେ ଅଧିକାର ବୋଲି ଭାବିନେଲେ ହେଲେ କର୍ତ୍ତବ୍ୟ କଥାଟା ଭୁଲିଗଲେ। ଭୋଟଦାନକୁ ଗଣତନ୍ତ୍ରର ଶେଷକଥା ବୋଲି ଭାବିନେଲେ ଯଦିଓ ଏହା ପ୍ରାରମ୍ଭମାତ୍ର।

ଗଣତନ୍ତ୍ରକୁ ଜୀବନ୍ତ ରଖିବା ପାଇଁ ନାଗରିକଙ୍କୁ ବିଚାରକ ସମୀକ୍ଷକ ଏବଂ ସହଭାଗୀ ହେବାକୁ ପଡିବ। ଯେପର୍ଯ୍ୟନ୍ତ ଆମେ ସମ୍ବିଧାନକୁ ଜୀବନଶୈଳୀ ଭଳି ନ ଆପଣେଇଛେ ସେ ପର୍ଯ୍ୟନ୍ତ ଗଣତନ୍ତ୍ର କେବଳ ଔପଚାରିକତା ହୋଇ ରହିଯିବ। ସମ୍ବିଧାନର ଅନୁଚ୍ଛେଦ ୫୧(କ)ରେ ଉଲ୍ଲିଖିତ କର୍ତ୍ତବ୍ୟ ସାର୍ବଜନିକ ସମ୍ପତ୍ତିର ସୁରକ୍ଷା, ବୈଜ୍ଞାନିକ ଦୃଷ୍ଟିକୋଣ, ସାମାଜିକ ସମାନତା, ପରିବେଷ ସଂରକ୍ଷଣ ଏବଂ ରାଷ୍ଟ୍ରୀୟ ଏକତା କେବଳ ବହି ଭିତରେ ସିମୀତ ହୋଇ ରହିଯାଇଛି କିନ୍ତୁ ଆମ ଜୀବନରେ ଦୁର୍ଲଭ। ଦେଶଭକ୍ତିକୁ ଆମେ ପତାକା ଉତ୍ତୋଳନ ଏବଂ ସ୍ଲୋଗାନରେ ସୀମିତ କରିଦେଇଛେ ଯଦିଓ ଏହା ଆମର ଦୈନନ୍ଦିନର ବା ସାଧାରଣ ଆଚରଣରେ ପ୍ରତିଫଳିତ ହେବା ଉଚିତ। ଆମ ଦେଶର ଆତ୍ମା ବିବିଧତାରେ ନିହିତ ଏକତା ଅଟେ। କିନ୍ତୁ



ଯେତେବେଳେ ଜାତି, ଧର୍ମ, ଭାଷା ଏବଂ ଆଞ୍ଚଳିକ ପରିଚୟ ସଂଘର୍ଷ ବା ତିକ୍ତତାର କାରଣ ପାଲଟିଥାଏ ସେତେବେଳେ ସମ୍ବିଧାନର ଭାବନା ଆହତ ହୋଇଥାଏ। ଡ. କ୍ଟର ଭୀମରାଓ ଆମ୍ବେଦକର ଚେତାଇଥିଲେ ଯଦି ଆମ ଭିତରେ ଏକତା ନରହିବ ତେବେ ସମ୍ବିଧାନର କୌଣସି ମୂଲ୍ୟ ନାହିଁ। ତାଙ୍କ ଚେତବନୀ ସତ୍ତ୍ୱେ ଯଦି ଆମେ ବିଭାଜିତ ହେବା ଭଳି କାର୍ଯ୍ୟ କରିବା ଏବଂ ସମ୍ବିଧାନର ପ୍ରାଣକୁ ଦୁର୍ବଳ କରିବା ପାଇଁ ଉଦ୍ୟମ କରିବା ତେବେ ଆମେ ନିଜକୁ ଭାରତୀୟ କହିବା କିପରି ? ଏପରି କଲେ ସମ୍ବିଧାନ ପ୍ରଣେତା ମାନେ ସ୍ୱର୍ଗରେ ଥାଇ ଦୁଃଖ ଅନୁଭବ କରିବେ ନିଶ୍ଚୟ। ଅଭିବ୍ୟକ୍ତିର ସ୍ୱାଧୀନତା ଗଣତନ୍ତ୍ରର ଆଭୂଷଣ ଅଟେ କିନ୍ତୁ ଏହା ମର୍ଯ୍ୟଦା ଏବଂ ସଦ୍‌ଭାବ ସହ ରହିଲେ ହିଁ ମୂଲ୍ୟବାନ ଅନ୍ୟଥା ମୂଲ୍ୟହୀନ। ଅନେକ ସମୟରେ ଅଭିବ୍ୟକ୍ତିର ସ୍ୱାଧୀନତାକୁ ବିଦ୍ୱେଷ, ଘୃଣାସୃଷ୍ଟି ଏବଂ ଅପପ୍ରଚାର ପାଇଁ ଶସ୍ତ୍ର ଭାବେ ବ୍ୟବହାର କରାଯାଉଥିବାର ଦେଖାଯାଉଛି। ଆମେ ବୁଝିବା ଉଚିତ ଯେ ଗଣତନ୍ତ୍ର ପାଇଁ ଅଧିକାର ଏବଂ କର୍ତ୍ତବ୍ୟ ଉଭୟ ଆବଶ୍ୟକ। ଏ ଦୁଇଟି ମଧ୍ଯରୁ ଗୋଟିଏ ଦୁର୍ବଳ ହେଲେ ଗଣତନ୍ତ୍ରର ସଫଳ ଯାତ୍ରା ଆଧାରେ ଅଟକିଯିବ। ଏବେ ଭାରତ ବୈଶ୍ୱିକ ମଞ୍ଚରେ ମଜଭୁତ ଭୂମିକା ନିର୍ବାହ କରୁଛି।ଏବେ ସମୟ ଆସିଛି ଆମେ ସମ୍ବିଧାନକୁ ବହି ଭିତରୁ ବାହାର କରି ନିଜ ଜୀବନଶୈଳୀ ଓ ଆଚରଣରେ ଆପଣେଇବା। ନ୍ୟାୟ କେବଳ ଅଦାଲତରେ ନୁହେଁ ବରଂ ଚେତନାରୁ ସୃଷ୍ଟି ହୋଇଥାଏ। ସମାନତା ସେତେବେଳେ ସଶକ୍ତ ହୋଇପାରିବ ଯେତେବେଳେ ଭେଦଭାବ କଥାକୁ ଭାବିବା ପରିବର୍ତ୍ତେ ଅସ୍ୱୀକାର କରାଯିବ। ବନ୍ଧୁତ୍ୱ ସେତେବେଳେ ସାର୍ଥକ ଯେତେବେଳେ ଏହା ସହଭାବ ଏବଂ ସହକର୍ମରେ ଦେଖାଯାଏ। ଅଗଷ୍ଟ ୧୫ ଭଳି ପର୍ବ କେବଳ ସ୍ମରଣର ନୁହେଁ ବରଂ ସଂକଳ୍ପର ନବୀକରଣର ଅବସର ଅଟେ। ଏହି ଅବସରରେ ଆମେ ଦେଶବାସୀ/ଜନସାଧାରଣ ଏମିତି ଭାରତ ନିର୍ମାଣ ପାଇଁ ସଂକଳ୍ପ ନେବା ଯେଉଁଠି ସ୍ୱତନ୍ତ୍ରତା ଅନୁଶାସନ ସହ ଯୋଡି ହୋଇଥିବ, ସମାନତା ସଦ୍‌ଭାବନା ସହଥିବ ଏବଂ କର୍ତ୍ତବ୍ୟ ନାଗରିକର/ ଆମର ଧର୍ମ ପାଲଟିଯିବ। କାରଣ ସତ୍ୟ ହେଉଛି ଭାରତର ଭାଗ୍ୟ ସଂସଦରେ ନୁହେଁ ସବୁ ନାଗରିକଙ୍କ ମନରେ ବସିଥାଏ।

ମୋ:୯୪୩୮୪୮୫୦୯୪

# ଘରେ ଘରେ ତ୍ରିରଙ୍ଗା: ଆମ ଗର୍ବ, ଆମ ସଂକଳ୍ପ

**ସୌଭାଗ୍ୟ ରଞ୍ଜନ ମହାନ୍ତି**

> **ଆମ ପିଲାମାନଙ୍କୁ କହିବା ଦରକାର ଯେ ଏହି ପତାକାର ପ୍ରତ୍ୟେକ ରଙ୍ଗ ପଛରେ ଏକ ଅର୍ଥ ଅଛି, ଏହି ପତାକାର ପ୍ରତ୍ୟେକ ଦୋଳନରେ ଏକ ଇତିହାସ ଅଛି, ଏହାର ପ୍ରତ୍ୟେକ ଉଡ଼ାଣରେ ଅନେକ ଜୀବନର ତ୍ୟାଗ ଲୁଚିଛି। ଗେରୁଆ ଆମକୁ ତ୍ୟାଗ ଓ ସାହସର ସନ୍ଦେଶ ଦିଏ, ଧଳା ଆମକୁ ସତ୍ୟ, ଶାନ୍ତି ଓ ପବିତ୍ରତାର ପଥ ଦେଖାଏ, ସବୁଜ ଆମ ମାଟି, କୃଷି, ଜୀବନ ଓ ସମୃଦ୍ଧିର ପ୍ରତୀକ, ଆଉ ମଝିରେ ଥିବା ଅଶୋକଚକ୍ର ଆମକୁ ନିରନ୍ତର ଆଗକୁ ବଢ଼ିବାର ପ୍ରେରଣା ଦିଏ। ତେଣୁ ଘରେ ତ୍ରିରଙ୍ଗା ଲଗାଇବା ପୂର୍ବରୁ ଆମେ ନିଜ ମନରେ ଏକ ପ୍ରଶ୍ନ ଲଗାଇବା—ମୁଁ ମୋ ଦେଶ ପାଇଁ କ'ଣ କରୁଛି ? ମୋ ଦେଶପ୍ରେମ କେବଳ ଗୋଟିଏ ଦିନର ଉତ୍ସବ ନା ପ୍ରତିଦିନର ଜୀବନଚର୍ଯ୍ୟା ? ଯଦି ମୁଁ ନିଜ କାମକୁ ସତ୍ୟନିଷ୍ଠାରେ କରେ, ଯଦି ମୁଁ ରାସ୍ତାରେ ନିୟମ ମାନେ, ଯଦି ମୁଁ ଦୁର୍ନୀତିକୁ ନା କହେ, ଯଦି ମୁଁ ଗରିବଙ୍କୁ ସମ୍ମାନ ଦିଏ, ଯଦି ମୁଁ ନାରୀଙ୍କୁ ସମ୍ମାନ କରେ, ଯଦି ମୁଁ ନିଜ ପରିବେଶକୁ ସୁରକ୍ଷା କରେ, ଯଦି ମୁଁ ନିଜ ପିଲାଙ୍କୁ ଭଲ ମଣିଷ ହେବା ଶିଖାଏ, ତେବେ ମୁଁ ଦେଶସେବା କରୁଛି।**

ଘରେ ଘରେ ତ୍ରିରଙ୍ଗା କେବଳ ଗୋଟିଏ ଅଭିଯାନ ନୁହେଁ, ଏହା ଭାରତୀୟ ହୃଦୟରେ ଦେଶପ୍ରେମର ଏକ ଜୀବନ୍ତ ଅନୁଭବ, ଏହା ଆମ ମାଟି ପ୍ରତି ଆମର ଅସୀମ ଭଲପାଇବାର ପ୍ରକାଶ, ଏହା ସେହି ଅସଂଖ୍ୟ ବୀରଙ୍କୁ ନିରବ ଶ୍ରଦ୍ଧାଞ୍ଜଳି, ଯେଉଁମାନଙ୍କ ତ୍ୟାଗ ଓ ବଳିଦାନରେ ଆଜି ଆମେ ମୁକ୍ତ ଆକାଶ ତଳେ ନିଶ୍ୱାସ ନେଉଛୁ।

ଯେତେବେଳେ ଅଗଷ୍ଟ ମାସ ଆସେ, ଦେଶର ପ୍ରତ୍ୟେକ କୋଣରେ ସ୍ୱାଧୀନତାର ଉତ୍ସାହ ଦେଖାଯାଏ, ଶିଶୁମାନଙ୍କ ହାତରେ ତ୍ରିରଙ୍ଗା ଶୋଭା ପାଏ, ବିଦ୍ୟାଳୟ ଓ ବିଭିନ୍ନ ଅନୁଷ୍ଠାନରେ ଦେଶଭକ୍ତିର ସ୍ୱର ଗୁଞ୍ଜିଉଠେ, କିନ୍ତୁ ଘରେ ଘରେ ତ୍ରିରଙ୍ଗାର ଅର୍ଥ ତା'ଠାରୁ ଅଧିକ ଗଭୀର। ଏହାର ଅର୍ଥ ହେଉଛି—ମୋ ଘର ଭାରତର ଏକ ଅଂଶ, ମୋ ପରିବାର ଭାରତର ଏକ ପରିବାର, ମୋ ଦୁଆର ଆଗରେ ଉଡୁଥିବା ପତାକା ମୋତେ ପ୍ରତିଦିନ ମନେ ପକାଇବ ଯେ ମୋର ଦେଶ ପ୍ରତି ମୋର କର୍ତ୍ତବ୍ୟ ଅଛି। ଏକ ଛୋଟ ଘର ହେଉ କି ବଡ଼ ଅଟ୍ଟାଳିକା, ଗାଁର ମାଟିଘର ହେଉ କି ସହରର ଉଚ୍ଚ ଅଟ୍ଟାଳିକା, ଗରିବର ଘର ହେଉ କି ସମୃଦ୍ଧ ପରିବାରର ଘର—ଯେଉଁଠି ତ୍ରିରଙ୍ଗା ଉଡ଼ିବ, ସେଠି ଭାରତର ହୃଦୟ ଧଡ଼କିବ। ଏହି ପତାକା କେବଳ କପଡ଼ାର ଏକ ଖଣ୍ଡ ନୁହେଁ; ଏହା ଆମ ଇତିହାସ, ଆମ ସ୍ୱାଭିମାନ, ଆମ ସଂଗ୍ରାମ, ଆମ ତ୍ୟାଗ ଓ ଆମ ଭବିଷ୍ୟତର ପ୍ରତୀକ।

ଏହାକୁ ଦେଖିଲେ ଆମ ଆଖି ଆଗରେ ଭାସିଉଠେ ସେହି ଦିନଗୁଡ଼ିକ, ଯେତେବେଳେ ଆମ ପୂର୍ବଜମାନେ ନିଜ ଜୀବନକୁ ଦେଶ ପାଇଁ ଉତ୍ସର୍ଗ କରିଥିଲେ। କେତେ ମାଆ ନିଜ ପୁଅକୁ ହରାଇଥିଲେ, କେତେ ସ୍ତ୍ରୀ ନିଜ ସ୍ୱାମୀଙ୍କ ଫେରିବା ଅପେକ୍ଷାରେ ଜୀବନ କାଟିଥିଲେ, କେତେ ଶିଶୁ ବାପାଙ୍କ ସ୍ନେହରୁ ବଞ୍ଚିତ ହୋଇଥିଲେ, କେତେ ଯୁବକ ନିଜ ଭବିଷ୍ୟତକୁ ତ୍ୟାଗ କରି ଦେଶର ଭବିଷ୍ୟତକୁ ବାଛିଥିଲେ। ସେମାନଙ୍କ ଆଖିରେ ଥିଲା ଏକ ସ୍ୱପ୍ନ—ଏମିତି ଏକ ଭାରତ, ଯେଉଁଠି ମଣିଷ ମୁଣ୍ଡ ଉଠାଇ ବଞ୍ଚିବ, ଯେଉଁଠି ନିଜ ମାଟିକୁ ଭଲପାଇବା ପାଇଁ କାହାରି ଅନୁମତି ଦରକାର ହେବ ନାହିଁ, ଯେଉଁଠି ଭାରତୀୟ ହେବା ନିଜେ ଏକ ଗର୍ବର ପରିଚୟ ହେବ।

ଆଜି ଆମ ଘର ଉପରେ ତ୍ରିରଙ୍ଗା ଉଡ଼ିବାବେଳେ ଆମେ ସେହି ସ୍ୱପ୍ନକୁ ମନେ ପକାଇବା ଦରକାର। ଆମ ପିଲାମାନଙ୍କୁ କହିବା ଦରକାର ଯେ ଏହି ପତାକାର ପ୍ରତ୍ୟେକ ରଙ୍ଗ ପଛରେ ଏକ ଅର୍ଥ ଅଛି, ଏହି ପତାକାର ପ୍ରତ୍ୟେକ ଦୋଳନରେ ଏକ ଇତିହାସ ଅଛି, ଏହାର ପ୍ରତ୍ୟେକ ଉଡ଼ାଣରେ ଅନେକ ଜୀବନର ତ୍ୟାଗ ଲୁଚିଛି। ଗେରୁଆ ଆମକୁ ତ୍ୟାଗ ଓ ସାହସର ସନ୍ଦେଶ ଦିଏ, ଧଳା ଆମକୁ ସତ୍ୟ, ଶାନ୍ତି ଓ ପବିତ୍ରତାର ପଥ ଦେଖାଏ, ସବୁଜ ଆମ ମାଟି, କୃଷି, ଜୀବନ ଓ ସମୃଦ୍ଧିର ପ୍ରତୀକ, ଆଉ ମଝିରେ ଥିବା ଅଶୋକଚକ୍ର ଆମକୁ ନିରନ୍ତର ଆଗକୁ ବଢ଼ିବାର ପ୍ରେରଣା ଦିଏ। ତେଣୁ ଘରେ ତ୍ରିରଙ୍ଗା ଲଗାଇବା ପୂର୍ବରୁ ଆମେ ନିଜ ମନରେ ଏକ ପ୍ରଶ୍ନ ଲଗାଇବା—ମୁଁ ମୋ ଦେଶ ପାଇଁ କ'ଣ କରୁଛି ? ମୋ ଦେଶପ୍ରେମ କେବଳ ଗୋଟିଏ ଦିନର ଉତ୍ସବ ନା ପ୍ରତିଦିନର ଜୀବନଚର୍ଯ୍ୟା ?



ଯଦି ମୁଁ ନିଜ କାମକୁ ସତ୍ୟନିଷ୍ଠାରେ କରେ, ଯଦି ମୁଁ ରାସ୍ତାରେ ନିୟମ ମାନେ, ଯଦି ମୁଁ ଦୁର୍ନୀତିକୁ ନା କହେ, ଯଦି ମୁଁ ଗରିବଙ୍କୁ ସମ୍ମାନ ଦିଏ, ଯଦି ମୁଁ ନାରୀଙ୍କୁ ସମ୍ମାନ କରେ, ଯଦି ମୁଁ ନିଜ ପରିବେଶକୁ ସୁରକ୍ଷା କରେ, ଯଦି ମୁଁ ନିଜ ପିଲାଙ୍କୁ ଭଲ ମଣିଷ ହେବା ଶିଖାଏ, ତେବେ ମୁଁ ଦେଶସେବା କରୁଛି।

ଦେଶପ୍ରେମ କେବଳ ସୀମାରେ ଠିଆ ହୋଇ ଦେଶର ସୁରକ୍ଷା କରୁଥିବା ସୈନିକଙ୍କ ଅଧିକାର ନୁହେଁ; ଦେଶପ୍ରେମ ଆମ ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ। ସୀମାରେ ସୈନିକ ନିଜ ଜୀବନ ଦେଇ ଦେଶକୁ ରକ୍ଷା କରନ୍ତି, ଆମେ ଘରେ ରହି ନିଜ ଚରିତ୍ର, ନିଜ କର୍ମ ଓ ନିଜ ଦାୟିତ୍ୱ ଦ୍ୱାରା ଦେଶକୁ ଶକ୍ତିଶାଳୀ କରିପାରିବା। ଜଣେ ଚାଷୀ ମାଟିରେ ବିହନ ପକାଇ ଦେଶର ଖାଦ୍ୟ ସୁରକ୍ଷାକୁ ଶକ୍ତିଶାଳୀ କରନ୍ତି, ଜଣେ ଶ୍ରମିକ ନିଜ ଘାମରେ ଦେଶର ନିର୍ମାଣ କରନ୍ତି, ଜଣେ ଶିକ୍ଷକ ଜ୍ଞାନର ଆଲୋକରେ ଆଗାମୀ ପିଢ଼ିକୁ ଗଢ଼ନ୍ତି, ଜଣେ ଡାକ୍ତର ଜୀବନ ବଞ୍ଚାନ୍ତି, ଜଣେ ନର୍ସ ରାତି ଜାଗି ରୋଗୀଙ୍କ ସେବା କରନ୍ତି, ଜଣେ ସଫେଇ କର୍ମଚାରୀ ଆମ ସହରକୁ ପରିଷ୍କାର ରଖନ୍ତି, ଜଣେ ମାଆ ନିଜ ପିଲାକୁ ଭଲ ମଣିଷ ହେବାର ଶିକ୍ଷା ଦିଅନ୍ତି—ଏମାନେ ସମସ୍ତେ ଦେଶର ନିରବ ସୈନିକ। ଘରେ ଘରେ ତ୍ରିରଙ୍ଗା ଏହି ସମସ୍ତ ନିରବ ଦେଶସେବକଙ୍କୁ ମଧ୍ୟ ସମ୍ମାନ ଦେବାର ଏକ ସୁଯୋଗ। ଓଡ଼ିଶାର ଗାଁଗୁଡ଼ିକରେ ଯେତେବେଳେ ମାଟିଘର ଉପରେ ତ୍ରିରଙ୍ଗା ଉଡ଼ିବ, ସେହି ଦୃଶ୍ୟ କେବଳ ଏକ ପତାକାର ଦୃଶ୍ୟ ହେବ ନାହିଁ; ଏହା ହେବ ଭାରତର ଆତ୍ମାର ଦୃଶ୍ୟ। ଯେଉଁ ଘରରେ ଜଣେ ବୃଦ୍ଧ ବାପା ନିଜ ପୁଅକୁ ଦେଶର ସେବାରେ ପଠାଇଛନ୍ତି, ସେଠି ତ୍ରିରଙ୍ଗା ଏକ ଭାବନାର ପ୍ରତୀକ। ଯେଉଁ ଘରର ଝିଅ ଦୂର ସହରକୁ ଯାଇ ପଢୁଛି, ନିଜ ଜୀବନ ଗଢୁଛି, ସେଠି ତ୍ରିରଙ୍ଗା ତା'ର ସ୍ୱପ୍ନର ପ୍ରତୀକ। ଯେଉଁ ଘରର ଚାଷୀ ବର୍ଷା, ଖରା, ବନ୍ୟା ଓ ବିପର୍ଯ୍ୟୟ ସହି ମାଟିକୁ ଚାଷ କରୁଛନ୍ତି, ସେଠି ତ୍ରିରଙ୍ଗା ତାଙ୍କ ଅଦମ୍ୟ ସାହସର ପ୍ରତୀକ। ଯେଉଁ ଘରର ଶ୍ରମିକ ନିଜ ପିଲାଙ୍କ ଭବିଷ୍ୟତ ପାଇଁ ଦୂର ସହରରେ ଘାମ ଝରାଉଛନ୍ତି, ସେଠି ତ୍ରିରଙ୍ଗା ତାଙ୍କ ଆଶାର ପ୍ରତୀକ। ଏହି ପତାକା ସମସ୍ତଙ୍କର।

ଏଥିରେ ଧନୀ ଓ ଗରିବର ଭେଦ ନାହିଁ, ସହର ଓ ଗାଁର ଭେଦ ନାହିଁ, ଜାତି ଓ ଧର୍ମର ଭେଦ ନାହିଁ। ଏହା ଆମକୁ ଏକାଠି କରେ। ଏହି ଏକତା ହେଉଛି ଭାରତର ସବୁଠାରୁ ବଡ଼ ଶକ୍ତି। ଆମ ଦେଶର ଅସୀମ ବିବିଧତା ମଧ୍ୟରେ ଯେଉଁ ଏକତା ଆମକୁ ଏକ ଜାତି ଭାବେ ଠିଆ କରିଛି, ତ୍ରିରଙ୍ଗା ସେହି ଏକତାର ସବୁଠାରୁ ବଡ଼ ପ୍ରତୀକ। ତେଣୁ ଏଥର ଘରେ ଘରେ ତ୍ରିରଙ୍ଗା ଲଗାଇବା ସମୟରେ ଆମେ ଏକ ନୂଆ ସଂକଳ୍ପ ନେବା—ଆମ ଘର ଯେପରି ସୁନ୍ଦର, ଆମ ଦେଶ ମଧ୍ୟ ସେପରି ସୁନ୍ଦର ହେଉ; ଆମ ପରିବାର ଯେପରି ଏକାଠି ରହେ, ଆମ ଦେଶ ମଧ୍ୟ ସେପରି ଏକାଠି ରହୁ; ଆମ ପିଲାମାନେ ଯେପରି ଭବିଷ୍ୟତ ପାଇଁ ସ୍ୱପ୍ନ ଦେଖନ୍ତି, ଆମ ଦେଶ ମଧ୍ୟ ସେପରି ଏକ ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନ ଦେଖୁ। ଆମେ ଏହି ତ୍ରିରଙ୍ଗାକୁ ସମ୍ମାନ କରିବା, ଏହାକୁ ଅସମ୍ମାନିତ ହେବାକୁ ଦେବା ନାହିଁ, ଉତ୍ସବ ସରିଗଲା ପରେ ମଧ୍ୟ ପତାକାର ମର୍ଯ୍ୟାଦା ରକ୍ଷା କରିବା। କାରଣ ଏହା କେବଳ ଆମ ହାତରେ ଧରାଯାଉଥିବା ପତାକା ନୁହେଁ, ଏହା ଆମ ହୃଦୟରେ ବସିଥିବା ଭାରତ। ଆଜି ଆମେ ଯେଉଁ ସ୍ୱାଧୀନତା ଉପଭୋଗ କରୁଛୁ, ତାହା ପାଇଁ ଆମେ ଆମ ପୂର୍ବଜଙ୍କ ନିକଟରେ ଋଣୀ। ସେହି ଋଣ କେବେ ଶୋଧ ହୋଇପାରିବ ନାହିଁ, କିନ୍ତୁ ଆମେ ଏକ ଭଲ ଭାରତ ଗଢ଼ି ସେମାନଙ୍କୁ ଶ୍ରଦ୍ଧା ଜଣାଇପାରିବା। ଆସନ୍ତୁ, ଏଥର ଘରେ ତ୍ରିରଙ୍ଗା ଲଗାଇବା ସହିତ ଘରର ପିଲାକୁ ଜଣେ ସହିଦଙ୍କ କଥା କହିବା, ଜଣେ ଚାଷୀଙ୍କ ମୂଲ୍ୟ ବୁଝାଇବା, ଜଣେ ସୈନିକଙ୍କ ତ୍ୟାଗର କଥା କହିବା, ଜଣେ ଶ୍ରମିକଙ୍କ ଘାମର ସମ୍ମାନ କରିବା ଶିଖାଇବା। ଆମ ଘରର ଛାତ ଉପରେ ଉଡୁଥିବା ତ୍ରିରଙ୍ଗା ଯଦି ଆମ ପିଲାର ମନରେ ଦେଶପ୍ରେମର ଏକ ଛୋଟ ବିହନ ପକାଇପାରେ, ତେବେ ସେହି ବିହନ ଦିନେ ଏକ ବିଶାଳ ବୃକ୍ଷ ହେବ। ସେହି ବୃକ୍ଷର ଛାୟାରେ ଆଗାମୀ ପିଢ଼ି ନିରାପଦରେ ବଞ୍ଚିବ। ଆମେ ଆଜି ଯେଉଁ ଭାରତକୁ ପାଇଛୁ, ତାହା ଆମ ପୂର୍ବଜଙ୍କ ଉପହାର; ଆମେ ଆଗାମୀ ପିଢ଼ିକୁ କେମିତି ଭାରତ ଦେବୁ, ତାହା ଆମର ଦାୟିତ୍ୱ। ତେଣୁ ଘରେ ଘରେ ତ୍ରିରଙ୍ଗା କେବଳ ଆଜିର ଶୋଭା ନୁହେଁ, ଏହା ଆଗାମୀ ଭାରତ ପାଇଁ ଆମର ପ୍ରତିଜ୍ଞା। ଆମ ଘର ଆଗରେ ତ୍ରିରଙ୍ଗା ଉଡୁ, ଆମ ହୃଦୟରେ ଭାରତ ଜାଗୁ, ଆମ କାର୍ଯ୍ୟରେ ଦେଶପ୍ରେମ ପ୍ରକାଶ ପାଉ, ଆମ ଚିନ୍ତାରେ ମାନବିକତା ରହୁ ଏବଂ ଆମ ସଂକଳ୍ପରେ ଏକ ସଶକ୍ତ, ସମୃଦ୍ଧ, ଶାନ୍ତିପୂର୍ଣ୍ଣ ଓ ଏକତାବଦ୍ଧ ଭାରତର ସ୍ୱପ୍ନ ରହୁ। ଆସନ୍ତୁ, ଏଥର ଘରେ ଘରେ ତ୍ରିରଙ୍ଗା ଉଡ଼ାଇ କେବଳ ଦେଶକୁ ଦେଖାଇବା ନାହିଁ ଯେ ଆମେ ଭାରତକୁ ଭଲପାଉ; ନିଜ କାର୍ଯ୍ୟ ଦ୍ୱାରା ଭାରତକୁ ଦେଖାଇବା ଯେ ଆମେ ତା'ର ଯୋଗ୍ୟ ସନ୍ତାନ ହେବାକୁ ଚାହୁଁଛୁ। ଘରେ ଘରେ ତ୍ରିରଙ୍ଗା ଉଡୁ, ହୃଦୟେ ହୃଦୟେ ଭାରତ ଜାଗୁ—ଏହା ହେଉ ଆମର ସ୍ୱାଧୀନତା ଦିବସର ସବୁଠାରୁ ବଡ଼ ସଂକଳ୍ପ।

ମୋ- ୯୪୩୭୯୯୪୩୭୯

# ସ୍କୁଲ ସମୟର ସାଙ୍ଗ

**ପ୍ରଦୀପ କୁମାର ନନ୍ଦ**

> **ସାଙ୍ଗତ୍ୱ ଏକ ପ୍ରକାରର ନୁହେଁ। ବୟସ ବଦଳିଲେ ସାଙ୍ଗତ୍ୱର ଭାଷା ବଦଳେ, ଆବଶ୍ୟକତା ବଦଳେ, ଆଶା ବଦଳେ। ଶୈଶବରେ ଆମକୁ ଦରକାର ହୁଏ ଖେଳିବା ପାଇଁ ଜଣେ ସାଙ୍ଗ; ଯୌବନରେ ଦରକାର ହୁଏ ସ୍ୱପ୍ନ ଦେଖିବା ପାଇଁ ଜଣେ ସାଥୀ; କର୍ମଜୀବନରେ ଦରକାର ହୁଏ ସଂଘର୍ଷ ବୁଝିବା ଜଣେ ସହଯାତ୍ରୀ; ଆଉ ପରିଣତ ବୟସରେ ଦରକାର ହୁଏ—କେବଳ ଜଣେ ଏମିତି ମଣିଷ, ଯାହାଙ୍କୁ କିଛି କହିବାର ଆବଶ୍ୟକତା ନଥାଏ, ତଥାପି ସେ ଆମ କଥା ବୁଝିପାରନ୍ତି।ସ୍କୁଲର ସାଙ୍ଗ — ସରଳତାର ସାଙ୍ଗସ୍କୁଲ ଜୀବନର ବନ୍ଧୁତ୍ୱ ବୋଧହୁଏ ସବୁଠାରୁ ନିଷ୍କପଟ।**

ଜୀବନ ଏକ ଦୀର୍ଘ ଯାତ୍ରା। ଏହି ଯାତ୍ରାରେ ଆମେ ଅନେକ ଲୋକଙ୍କୁ ଭେଟୁ, କେହି ଆସନ୍ତି ଅଳ୍ପ ସମୟ ପାଇଁ, କେହି କିଛି ଦୂର ଯାଏଁ ସାଥି ହୁଅନ୍ତି, ଆଉ କେହି କେହି ଆମ ଜୀବନର ଅଂଶ ହୋଇ ରହିଯାଆନ୍ତି। ସେମାନଙ୍କ ମଧ୍ୟରୁ 'ସାଙ୍ଗ' ବୋଲି ଯେଉଁ ସମ୍ପର୍କଟି, ତାହାର ମହତ୍ତ୍ୱ ସବୁଠାରୁ ଅଲଗା। କିନ୍ତୁ ସବୁ ସାଙ୍ଗତ୍ୱ ଏକ ପ୍ରକାରର ନୁହେଁ। ବୟସ ବଦଳିଲେ ସାଙ୍ଗତ୍ୱର ଭାଷା ବଦଳେ, ଆବଶ୍ୟକତା ବଦଳେ, ଆଶା ବଦଳେ। ଶୈଶବରେ ଆମକୁ ଦରକାର ହୁଏ ଖେଳିବା ପାଇଁ ଜଣେ ସାଙ୍ଗ; ଯୌବନରେ ଦରକାର ହୁଏ ସ୍ୱପ୍ନ ଦେଖିବା ପାଇଁ ଜଣେ ସାଥୀ; କର୍ମଜୀବନରେ ଦରକାର ହୁଏ ସଂଘର୍ଷ ବୁଝିବା ଜଣେ ସହଯାତ୍ରୀ; ଆଉ ପରିଣତ ବୟସରେ ଦରକାର ହୁଏ—କେବଳ ଜଣେ ଏମିତି ମଣିଷ, ଯାହାଙ୍କୁ କିଛି କହିବାର ଆବଶ୍ୟକତା ନଥାଏ, ତଥାପି ସେ ଆମ କଥା ବୁଝିପାରନ୍ତି। ସ୍କୁଲର ସାଙ୍ଗ — ସରଳତାର ସାଙ୍ଗସ୍କୁଲ ଜୀବନର ବନ୍ଧୁତ୍ୱ ବୋଧହୁଏ ସବୁଠାରୁ ନିଷ୍କପଟ। ସେତେବେଳେ ଆମେ ଜାଣୁନଥାଉ କିଏ କେତେ ଧନୀ, କିଏ କେଉଁ ପଦରେ ଯିବ, କାହାର ଭବିଷ୍ୟତ କେତେ ଉଜ୍ଜ୍ୱଳ। ଜଣେ ଭଲ ସାଙ୍ଗ ମାନେ କେବଳ ଜଣେ ଭଲ ସାଙ୍ଗ। ଗୋଟିଏ ଟିଫିନ୍ ବାଣ୍ଟି ଖାଇବା, ଗୋଟିଏ ପେନ୍ସିଲ୍ ପାଇଁ ଝଗଡ଼ା କରି ପୁଣି ମିଶିଯିବା, କ୍ଲାସ୍‌ରେ ଦୁଷ୍ଟାମି କରି ଏକାଠି ମାଡ଼ ଖାଇବା, ହୋମଓ୍ୱାର୍କ ନକରି ଜଣେ ଅନ୍ୟଜଣଙ୍କ ଖାତାରୁ ନକଲ କରିବା—ଏହି ଛୋଟ ଛୋଟ ଘଟଣାଗୁଡ଼ିକ ସେତେବେଳେ ତୁଚ୍ଛ ଲାଗୁଥିଲା। ଆଜି ପଛକୁ ଚାହିଁଲେ ସେହି ତୁଚ୍ଛ ଘଟଣାଗୁଡ଼ିକ ହିଁ ଜୀବନର ଅମୂଲ୍ୟ ସମ୍ପଦ ଲାଗେ।ସ୍କୁଲର ସାଙ୍ଗ ଆମକୁ ଶିଖାଏ—ବନ୍ଧୁତ୍ୱ ପାଇଁ ବଡ଼ କିଛି ଦରକାର ନାହିଁ। ଏକାଠି ହସିପାରିବା ହିଁ ଯଥେଷ୍ଟ। କଲେଜର ସାଙ୍ଗ — ସ୍ୱପ୍ନ ଓ ସମ୍ଭାବନାର ସାଙ୍ଗକଲେଜ ଜୀବନକୁ ପ୍ରବେଶ କରିବା ବେଳକୁ ମଣିଷର ଦୃଷ୍ଟି ନିଜ ଛୋଟ ପୃଥିବୀରୁ ବାହାରକୁ ଯାଏ। ସେତେବେଳେ ଆମେ ଭବିଷ୍ୟତ ବିଷୟରେ ଭାବୁ, ନିଜକୁ ନେଇ ସ୍ୱପ୍ନ ଦେଖୁ, ପୃଥିବୀକୁ ବଦଳାଇବାର ଆତ୍ମବିଶ୍ୱାସ ରଖୁ।ପକେଟ୍‌ରେ ଟଙ୍କା କମ୍, କିନ୍ତୁ ସ୍ୱପ୍ନରେ କୌଣସି ଅଭାବ ନାହିଁ। "ଭାଇ, ଆଜି କ୍ଲାସ୍ ଛାଡ଼ିଦେବା, ନୂଆ ଫିଲ୍ମ ଆସିଛି।" "ଚାଲ୍, ଆଜି ପଢ଼ା ନୁହେଁ, ଜୀବନକୁ ଟିକେ ଉପଭୋଗ କରିବା।" ଏହି ବୟସରେ ବନ୍ଧୁତ୍ୱ କେବଳ ମଜା ନୁହେଁ; ଏହା ଭାବନା, ଆଦର୍ଶ, ପ୍ରେମ, ରାଜନୀତି, ସାହିତ୍ୟ, ଭବିଷ୍ୟତ ଏବଂ ଜୀବନକୁ ନେଇ ଅସଂଖ୍ୟ ପ୍ରଶ୍ନର ସାଥୀ। କଲେଜର ସାଙ୍ଗମାନେ ଆମ ସ୍ୱପ୍ନର ସାକ୍ଷୀ। ଆମେ ଯାହା ହେବାକୁ ଚାହୁଁଥିଲୁ, ସେହି କଥା ପ୍ରଥମେ ଯାହାଙ୍କୁ କହିଥିଲୁ, ସେମାନଙ୍କ ମଧ୍ୟରୁ ଅନେକେ ହୁଏତ ଆଜି ମଧ୍ୟ ଆମର ସାଙ୍ଗ। ଚାକିରିର ସାଙ୍ଗ — ସଂଘର୍ଷର ସହଯାତ୍ରୀ ତା'ପରେ ଆସେ କର୍ମଜୀବନ। ଏଠାରେ ବନ୍ଧୁତ୍ୱର ରୂପ ଟିକେ ବଦଳିଯାଏ। ଏଠାରେ ଜୀବନ ଅଧିକ ବାସ୍ତବ। ପଦ, ଦାୟିତ୍ୱ, ପ୍ରତିଯୋଗିତା, ପରିବାର, ପିଲାଙ୍କ ପଢ଼ା, ଘର, ଋଣ, ବଦଳି, ପଦୋନ୍ନତି—ସବୁକିଛି ମିଶି ଜୀବନକୁ ଅଧିକ ଜଟିଳ କରିଦିଏ। ଏହି ସମୟର ସାଙ୍ଗ ହେଉଛନ୍ତି ସେହି ଲୋକ, ଯିଏ ଆମର ଦୈନନ୍ଦିନ ସଂଘର୍ଷକୁ ବୁଝନ୍ତି। "ଦୋସ୍ତ, ଚା' ହେବ, କିନ୍ତୁ ବିଲ୍‌ଟା ତୁ ଦେ। ଦରମା ଆସିନି।" ଅଫିସରେ ଫାଇଲ୍‌ଠାରୁ ବସ୍‌ଙ୍କ ବିଷୟରେ ଅଧିକ ଆଲୋଚନା, ଲଞ୍ଚ ଟେବୁଲ୍‌ରେ ଅଭିଯୋଗ, ଟୁର୍‌ରେ ଗପ, ବଦଳି ସମୟରେ ବିଦାୟର ଲୁହ—ଏସବୁ ମଧ୍ୟରେ ଅନେକ ସୁନ୍ଦର ବନ୍ଧୁତ୍ୱ ଗଢ଼ିଉଠେ। କିନ୍ତୁ ଏହି ବନ୍ଧୁତ୍ୱର ଏକ ପରୀକ୍ଷା ଅଛି—ଅବସର। ଚାକିରି ଥିବା ପର୍ଯ୍ୟନ୍ତ ଯେଉଁମାନେ ପ୍ରତିଦିନ ଦେଖା ହେଉଥିଲେ, ଅବସର ପରେ ସେମାନଙ୍କ ମଧ୍ୟରୁ ଅନେକଙ୍କ ସହ କଥା ହୁଏନାହିଁ।



କାରଣ ବନ୍ଧୁତ୍ୱ ନଥିଲା ନୁହେଁ; ଦୈନନ୍ଦିନ ସାକ୍ଷାତର ସୁଯୋଗଟି ଚାଲିଗଲା। ତେଣୁ ଚାକିରିର ସାଙ୍ଗମାନଙ୍କ ମଧ୍ୟରୁ ଯେଉଁମାନେ ଚାକିରି ସରିବା ପରେ ମଧ୍ୟ ଆମ ସହ ରହିଯାଆନ୍ତି, ସେମାନଙ୍କ ମୂଲ୍ୟ ଅଲଗା। ପରିଣତ ବୟସର ସାଙ୍ଗ — ଉପସ୍ଥିତିର ମୂଲ୍ୟ ତା'ପରେ ଜୀବନ ଆମକୁ ଆଣି ପହଞ୍ଚାଏ ଏକ ଏମିତି ସମୟରେ, ଯେଉଁଠାରେ ଆମର ଆକାଂକ୍ଷା ଧୀରେ ଧୀରେ ଶାନ୍ତ ହୁଏ ଏବଂ ଜୀବନର ଅର୍ଥ ଅନ୍ୟ ଭାବରେ ଦେଖାଯାଏ। ଏଠାରେ ପ୍ରତିଯୋଗିତା କମିଯାଏ। କିଏ କାହାଠାରୁ ଆଗରେ ଗଲା, କିଏ କେତେ ଟଙ୍କା କଲା, କିଏ କେତେ ବଡ଼ ପଦରେ ରହିଲା—ଏସବୁର ଗୁରୁତ୍ୱ କମିଯାଏ। ବରଂ ଗୁରୁତ୍ୱ ବଢ଼ିଯାଏ ଗୋଟିଏ ଫୋନ୍‌ର— "କେମିତି ଅଛୁ ?" "ଘରେ ସମସ୍ତେ ଭଲ ତ ?" "ଆଜିକାଲି ଦେଖାଯାଉନାହୁଁ, କିଛି ଅସୁବିଧା ଅଛି କି ?" ଏହି ବୟସରେ ଗପର ବିଷୟ ମଧ୍ୟ ବଦଳିଯାଏ। ପୂର୍ବରୁ ଥିଲା ଫିଲ୍ମ, ରାଜନୀତି, ପ୍ରେମ, ପଦୋନ୍ନତି ଓ ଭବିଷ୍ୟତ। ଏବେ ଥାଏ—ସ୍ୱାସ୍ଥ୍ୟ, ପିଲାମାନେ କେଉଁଠି ଅଛନ୍ତି, ନାତିନାତୁଣୀଙ୍କ କଥା, କେଉଁଠି ଭଲ ଡାକ୍ତର ଅଛନ୍ତି, କେଉଁ ଔଷଧ କାହାକୁ ଭଲ ଲାଗିଲା ! ପୂର୍ବରୁ ଚା' ଦୋକାନରେ ବସି ଗପ ହେଉଥିଲା; ଏବେ ପାର୍କରେ ମର୍ଣ୍ଣିଂଓ୍ୱାକ୍ କରି କରି ଗପ ହୁଏ। ଏହି ବୟସର ବନ୍ଧୁତ୍ୱର ସବୁଠାରୁ ବଡ଼ ସୌନ୍ଦର୍ଯ୍ୟ ହେଉଛି—ଏଠାରେ ଉପସ୍ଥିତି ହିଁ ଉପହାର। କିଛି କହିବା ଦରକାର ନାହିଁ। ପାଖରେ ଜଣେ ପୁରୁଣା ସାଙ୍ଗ ବସିଛନ୍ତି—ଏତିକି ଜାଣିବା ମଧ୍ୟ ମନକୁ ହାଲୁକା କରିଦିଏ। ବନ୍ଧୁତ୍ୱର ସତ୍ୟ ମୂଲ୍ୟ ତେବେ କେଉଁ ବୟସର ସାଙ୍ଗ ସବୁଠାରୁ ଭଲ ? ବୋଧହୁଏ ଏହାର କୌଣସି ଏକକ ଉତ୍ତର ନାହିଁ। ସ୍କୁଲର ସାଙ୍ଗ ଆମକୁ ସରଳତା ଦିଅନ୍ତି। କଲେଜର ସାଙ୍ଗ ଆମକୁ ସ୍ୱପ୍ନ ଦିଅନ୍ତି। ଚାକିରିର ସାଙ୍ଗ ଆମକୁ ସଂଘର୍ଷର ସାହସ ଓ ଅନୁଭବ ଦିଅନ୍ତି। ଆଉ ପରିଣତ ବୟସର ସାଙ୍ଗ ଆମକୁ ସ୍ୱୀକୃତି, ଆତ୍ମୀୟତା ଓ ମାନସିକ ଶାନ୍ତି ଦିଅନ୍ତି। ଏହା ଏକ ନଦୀର ପ୍ରବାହ ଭଳି। ଉତ୍ସରେ ତାହା ଚଞ୍ଚଳ, ଯୌବନରେ ପ୍ରବଳ, ମଝି ରାସ୍ତାରେ ବିସ୍ତୃତ; ଶେଷ ଆଡ଼କୁ ଆସିଲେ ତାହା ଅଧିକ ଶାନ୍ତ ହୋଇଯାଏ। କିନ୍ତୁ ଜଳର ମୂଲ୍ୟ କେଉଁଠି କମେ ନାହିଁ। ଠିକ୍ ସେହିପରି, ବୟସ ବଢ଼ିଲେ ବନ୍ଧୁଙ୍କ ସଂଖ୍ୟା ହୁଏତ କମିଯାଏ, କିନ୍ତୁ ଯେଉଁମାନେ ରହିଯାଆନ୍ତି, ସେମାନଙ୍କ ମୂଲ୍ୟ ବଢ଼ିଯାଏ। ଶେଷରେ... ସ୍କୁଲରେ ଆମେ ଟିଫିନ୍ ବାଣ୍ଟୁଥିଲୁ। କଲେଜରେ ସ୍ୱପ୍ନ ବାଣ୍ଟୁଥିଲୁ। ଚାକିରିରେ ଦାୟିତ୍ୱ ଓ ଦୁଃଖ ବାଣ୍ଟୁଥିଲୁ। ଆଉ ପରିଣତ ବୟସରେ ସ୍ମୃତି, ଅନୁଭବ, ଔଷଧର ନାଁ ଏବଂ ଡାକ୍ତରଙ୍କ ଠିକଣା ବାଣ୍ଟୁଛୁ। କିନ୍ତୁ ଏସବୁର ଭିତରେ ଲୁଚି ରହିଛି ଗୋଟିଏ ଅପରିବର୍ତ୍ତନୀୟ ଜିନିଷ—ଆତ୍ମୀୟତା। ବୟସ ବଦଳେ, ସମୟ ବଦଳେ, ଆମର ଚେହେରା ବଦଳେ, ଆମର ପ୍ରାଥମିକତା ବଦଳେ। ଜୀବନର ପରିସ୍ଥିତି ଆମକୁ ଭିନ୍ନ ଭିନ୍ନ ଦିଗକୁ ନେଇଯାଏ। ତଥାପି ଜଣେ ସତ୍ୟ ସାଙ୍ଗ ଥିଲେ, ଅତୀତ କେବେ ସମ୍ପୂର୍ଣ୍ଣ ଅତୀତ ହୋଇଯାଏ ନାହିଁ। କାରଣ ଜଣେ ପୁରୁଣା ସାଙ୍ଗ ସହ କଥା ହେଲେ ଆମେ କେବଳ ତାଙ୍କ ସହ କଥା ହେଉନାହୁଁ—ଆମେ ନିଜର ଏକ ପୁରୁଣା ରୂପ ସହ ମଧ୍ୟ ପୁଣିଥରେ ଦେଖା ହେଉ। ସେଥିପାଇଁ ବୋଧହୁଏ ବନ୍ଧୁତ୍ୱର ସବୁଠାରୁ ସୁନ୍ଦର ସଂଜ୍ଞା ହେଉଛି—ଜୀବନରେ ଯିଏ ଆମ ସହ ଚାଲେ, ସେ ସାଥୀ; ଯିଏ ଆମକୁ ବୁଝେ, ସେ ବନ୍ଧୁ; ଆଉ ଯିଏ ସମୟ ବଦଳିଲେ ମଧ୍ୟ ଆମକୁ ସେହି ପୁରୁଣା ମଣିଷ ଭାବରେ ଦେଖେ—ସେ ହେଉଛି ସତ୍ୟ ସାଙ୍ଗ। ଏହା ହିଁ ବାସ୍ତବତା ।

ସୁନ୍ଦରପଦା, ଭୁବନେଶ୍ୱର
ମୋ-୯୮୫୩୪୨୩୧୦୦

# ଗ୍ରାମବାସୀ ନିଜସ୍ୱ ଶ୍ରମ ଓ ଅର୍ଥ ଦେଇ ନିର୍ମାଣ କଲେ ପୋଲ

ରାୟଗଡା,୧୨।୮ (ନିପ୍ର); ଗ୍ରାମବାସୀ ନିଜସ୍ୱ ଶ୍ରମ ଓ ଅର୍ଥ ଦେଇ ପୋଲ ନିର୍ମାଣ କରି ଗ୍ରାମବାସୀଙ୍କଠାରୁ ସାଉଁଟିଲେ ପ୍ରଶଂସା। ୭ ଖଣ୍ଡ ଗ୍ରାମର ଲୋକ ଉପକୃତ। ପ୍ରଶାସନ ନିକଟକୁ ଦୌଡ଼ି ଦୌଡ଼ି ନୟାନ୍ତ। ଶୁଣିନଥିଲା ପ୍ରଶାସନ। ସହଜେ ବର୍ଷା ଋତୁ। ଏପାରିରୁ ସେପାରିକୁ ଯିବେ କେମିତି ଉଛୁଳା ନଦୀ ପାର କରି। ଜୀବନ ମରଣ ସମସ୍ୟା ଶୁଣିବାକୁ କେହି ନାହିଁ। କାନରେ ପୂରାଇଲାନି ପ୍ରଶାସନ। ଲୋକେ କରିବେ କଣ।

ପରିଶେଷରେ ଜଣେ ସରକାରୀ ଦମ୍ପତିଙ୍କ ଆର୍ଥିକ ସହଯୋଗ ଏବଂ ଗ୍ରାମବାସୀଙ୍କ ଶ୍ରମଦାନରେ ନିର୍ମିତ ହେଲା ପୋଲ। ଘାଟଣାଟି କାଶୀପୁର ବ୍ଲକ ଗୋଡ଼ିବାଲି ପଞ୍ଚାୟତ ଅନ୍ତର୍ଗତ ପୁଷଘାଟି ଓ ପଣସଗୁଡା ଗ୍ରାମ ମଧ୍ୟରେ ପ୍ରବାହିତ ପାହାଡିଆ ଦୁଇମୁହାଁ ସମୟରେ ବାହ୍ୟ ଜଗତରୁ ଛିନ୍ନ ହେବାରୁ ବର୍ତ୍ତି ଯାଇ ଛନ୍ତି। ଏଭଳି ଏକ ଜନହିତକର କାର୍ଯ୍ୟକରି ପ୍ରଶଂସା ସାଉଁଟିଥିବା ଦମ୍ପତି ହେଲେ ପଣସଗୁଡା ଗ୍ରାମର ଶ୍ୟାମଧର ମାଝୀ ଏବଂ ତାଙ୍କ ପତ୍ନୀ ବାସନ୍ତି ମାଝୀ। ଉଭୟ ସରକାରୀ ଚାକିରିଆ। ଶ୍ୟାମଧର ରାୟଗଡା ବ୍ଲକ ଗୁମ୍ମା ପଞ୍ଚାୟତରେ ଏଡିଇଓ ଭାବେ କାର୍ଯ୍ୟରତ ଥିବା ବେଳେ ପତ୍ନୀ ବାସନ୍ତି ମାଝୀ କାଶୀପୁର ବ୍ଲକ ଗୋଡ଼ିବାଲି ପଞ୍ଚାୟତର ଏମବିକେ ଭାବେ କାର୍ଯ୍ୟରତ। ନଦୀରେ ପୋଲ ନଥିବାରୁ ବର୍ଷା ଦିନେ ଗ୍ରାମବାସୀ ନାହିଁ ନଥିବା ଅସୁବିଧା ଭୋଗିବା ସହ ଅଞ୍ଚଳବାସୀ ଜଳବନ୍ଦୀ ଜୀବନ ବିତାଉଥିଲେ। ପୋଲ ଖଣ୍ଡେ ନଦୀ ଉପରେ ନିର୍ମାଣ କରିବା ପାଇଁ ପ୍ରଶାସନ ନିକଟକୁ ଯାଇ ଅନେକ ବାର ଗୁହାରୀ କରିଥିଲେ। ଏହା ବ୍ୟତୀତ ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବ୍ଲକ ଏବଂ

## ୭ ଖଣ୍ଡ ଗ୍ରାମର ଲୋକ ଉପକୃତ

ନଦୀ ଉପରେ ନିର୍ମାଣ କରାଯାଇଛି ଏହି ପୋଲ। ଫଳରେ ସାତ ଖଣ୍ଡ ଗ୍ରାମର ଲୋକଙ୍କ ଯାତାୟାତ ପାଇଁ ବାଟ ସୁଗମ ହୋଇଯାଇଛି। ଆଉ ଏହି ଗ୍ରାମର ଲୋକେ ବିଷମ ପରିସ୍ଥିତି ଜିଲ୍ଲା ପ୍ରଶାସନ ନିକଟରେ ବାରମ୍ବାର ଗୁହାରୀ କରି ନୟାନ୍ତ ହୋଇଯାଇ ନିରାଶ ହୋଇ ଯାଇଥିଲେ ସୁଦ୍ଧା କୌଣସି ସୁଫଳ ପାଇନଥିଲେ। ଶେଷରେ ଗ୍ରାମବାସୀ ଆଉ କୌଣସି ଉପାୟ ନପାଇ ଅଣ୍ଟା ଭିଡ଼ିଥିଲେ ଗ୍ରାମବାସୀ। ଯେମିତିକି ଅଛି ଶ୍ରମିକ ଭାଇରେ ଲାଗିପଡ଼, କେଉଁ କାମ ଅବା ତୋତେ ବଡ଼। ଶେଷରେ ନିଜସ୍ୱ ଉଦ୍ୟମରେ ଏକ କାଠ ପୋଲ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନେଇ ଥିଲେ। ଗ୍ରାମବାସୀଙ୍କ ଏହି ନିଷ୍ପତ୍ତି ଶୁଣିବାପରେ ଏକ ସ୍ଥାୟୀ ପୋଲ ନିର୍ମାଣ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏହି ଆବଶ୍ୟକ ଖର୍ଚ୍ଚ ଗ୍ରାମବାସୀଙ୍କ ପକ୍ଷେ ବହନ କରିବା କାଠିକର ପାଠ ହୋଇଥିବାରୁ ବା ବହନ କରିବା ସମ୍ଭବ ପର ନଥିବାରୁ ଏହି ଦମ୍ପତି ନିଜେ ସମସ୍ତ ଖର୍ଚ୍ଚ ବହନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଆଉ ଗ୍ରାମବାସୀ ଏହାକୁ ସାଦରେ ଗ୍ରହଣ କରିନେଇଥିଲେ । ଏବଂ ପୋଲ ନିର୍ମାଣ କରିବା ପାଇଁ ସର୍ବ ସମ୍ମତି କ୍ରମେ ନିର୍ମାଣ କାର୍ଯ୍ୟ ଆଗେଇ ନେବା ପାଇଁ ଘୋଷଣା ହୋଇଥିଲା। ଏହି ଘୋଷଣା ପରେ ସାତ ଖଣ୍ଡ ଗ୍ରାମର ଲୋକେ ଶ୍ରମ ଦାନକରି ପୋଲ ନିର୍ମାଣ କାର୍ଯ୍ୟକୁ ସମସ୍ତଙ୍କର ଦାୟିତ୍ୱ ବୋଲି କାମର ଶୁଭାରମ୍ଭ କରିଥିଲେ।

ଶ୍ୟାମଧର ଓ ତାଙ୍କ ପତ୍ନୀଙ୍କ ୩ ଲକ୍ଷ ୭୦ ହଜାର ଟଙ୍କା ଖର୍ଚ୍ଚ କରାଯାଇ ପ୍ରଥମେ ତିନିଗୋଟି କଂକ୍ରିଟ ସ୍ତମ୍ଭ ନିର୍ମାଣ କରାଯାଇ



ଥିବା ବେଳେ, ତାହାରି ଉପରେ କାଠ, ବାଉଁଶ, ପଟ୍ଟା ପକାଇ ରାସ୍ତା ନିର୍ମାଣ କରାଯାଇଛି।

ବର୍ତ୍ତମାନ ଏହି ପୋଲ ୭ ଖଣ୍ଡ ଗ୍ରାମର ଲୋକଙ୍କ ପାଇଁ ଯାତାୟାତର ଏକ ପ୍ରମୁଖ ମାଧ୍ୟମ ପାଲଟିଥିବା ବେଳେ ଏହା ଉପରେ ଅଟୋ ରିକ୍ସା ଓ ଦୁଇଚକିଆ ଯାନ ଚଳାଚଳ କରୁଛି। ଏହାଛଡା ସ୍କୁଲ ପିଲାମାନେ ଗୋଡ଼ିବାଲି ପଞ୍ଚାୟତରେ ଥିବା ବିଦ୍ୟାଳୟକୁ ସୁବିଧାରେ ଯାଇପାରୁଛନ୍ତି। ଏହି ପୋଲ ଯୋଗୁଁ କାଶୀପୁର ବ୍ଲକର ପଣସଗୁଡା, କୁଟୀଙ୍ଗା, ପୁଷଘାଟି, ଗୋରିଲିମା, ଗାଡରାମୁହିଁ, ତା ସହିତ କଲ୍ୟାଣସିଂହପୁର ର ସିଙ୍ଗାପଟା ଆଦି ୭ ଖଣ୍ଡ ଗ୍ରାମର ଲୋକେ ଗମନାଗମନର ସୁବିଧା ଉପଲବ୍ଧ କରିବା ସହ ଉପକୃତ ହୋଇ ପାରିବେ ବୋଲି ଏକ ସ୍ୱରରେ କହିଛନ୍ତି।ଗ୍ରାମବାସୀ ଆହୁରି କହିଛନ୍ତି ଯେ, ନଦୀ ଉପରେ ଏକ ସ୍ଥାୟୀ ଏବଂ ଉନ୍ନତ ମାନର ପୋଲ ନଥିବାରୁ ଆମ୍ବୁଲାନ୍ସ ଟିଏ ମଧ୍ୟ ଗ୍ରାମରେ ପହଞ୍ଚି ପାରୁନଥିଲା। ଗର୍ଭବତୀ ଏବଂ କୌଣସି ରୋଗୀକୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ସମୟରେ ଅନେକ ବାଧାବିଘ୍ନର ସମ୍ମୁଖୀନ୍ନ ହେବାକୁ ପଡୁଛି। ସରକାର ଓ ପ୍ରଶାସନକୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କେବଳ ପ୍ରତିଶ୍ରୁତି ପାଣିରେ ଗାର ଭଳି।ରାଜ୍ୟରେ ଲୋକଙ୍କ ସରକାର, ଡବଲ ଇଞ୍ଜିନ ସରକାରଙ୍କ ଦୁଇ ବର୍ଷ ବିତି ଯାଇଥିଲେ ମଧ୍ୟ ଏକ ସ୍ଥାୟୀ ପୋଲ ନିର୍ମାଣ ଦିଗରେ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି।ନିଜସ୍ୱ ଖର୍ଚ୍ଚରେ ଦମ୍ପତି ଏହି ପୋଲ ନିର୍ମାଣ ପାଇଁ ସକଳ ପ୍ରକାର ସହାୟତା ପ୍ରଦାନ କରିଥିବାରୁ ସେମାନଙ୍କ ଏହି ସାଧୁ ଉଦ୍ୟମକୁ ସବୁ ମହଲରୁ ପ୍ରଶଂସାର ସୁଅ ଛୁଟିଛି।

ଏ ସମ୍ପର୍କରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ କହିଛନ୍ତି ଯେ, ଆଗାମୀ ଜିଲ୍ଲା ପରିଷଦ ବୈଠକରେ ଏ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇ ଏକ ସ୍ଥାୟୀ ପୋଲ ନିର୍ମାଣ ନିମନ୍ତେ ପଦକ୍ଷେପ ନିଆଯିବ।

## ଜିଲ୍ଲାପାଳ ଓ ଏସ୍‌ପିଙ୍କ ଜନଶୁଣାଣି

କଣ୍ଟିଲୋ,୧୨।୮ (ନିପ୍ର); ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଖଣ୍ଡପଡା ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, ନୟାଗଡ ଅତିରିକ୍ତ ଏସପି ସୁବାସ ଚନ୍ଦ୍ର ପଣ୍ଡା, ଖଣ୍ଡପଡ଼ା ଏସଡିପିଓ ସରୋଜ କୁମାର ସାହୁ, ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ଅତିରିକ୍ତ ତହସିଲଦାର ରିନାରାଣୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ସର୍ବମୋଟ ୧୪୭ ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ୧୧୬ ଟି ବ୍ୟକ୍ତିଗତ,୪ଟି ଗ୍ରାମ୍ୟ ସମସ୍ୟା, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ ନିମନ୍ତେ ୨୭ ଟି ଆବେଦନପତ୍ର ଗ୍ରହଣ କରାଯାଇଥିବା ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡିଛି। ତେବେ ବିଭିନ୍ନ ଅଭିଯୋଗ ମଧ୍ୟରୁ ୬୪ ଟି ଅଭିଯୋଗର ତ୍ୱରିତ ଶୁଣାଣି କରାଯାଇଥିବା ବେଳେ ଅନ୍ୟ ଅଭିଯୋଗ ଗୁଡିକ ତୁରନ୍ତ ସମାଧାନ ନିମନ୍ତେ ବିଡିଓ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ବନ୍ୟାରେ ଭାପୁର ବ୍ଲକରୁ ୬୨୬ ହେକ୍ଟର ଚାଷଜମି ପ୍ରଭାବିତ

ଭାପୁର,୧୨।୮ (ନିପ୍ର): ମହାନଦୀର ଉପର ମୁଣ୍ଡରେ ବର୍ଷା ହେବା ଯୋଗୁଁ ଆସିଥିବା ବନ୍ୟାରେ ଭାପୁର ବ୍ଲକର ମହାନଦୀ କୂଳିଆ ଚାଷ ଜମିରେ ପାଣି ଏବେ ସୁଦ୍ଧା ଜମି ରହିଛି। ଫଳରେ ଜିଲ୍ଲାର ଭାପୁର ବ୍ଲକର ଫସଲ ବିଶେଷ ଭାବରେ କ୍ଷତି ହୋଇଛି । ଅର୍ଥାତ ୩୩%ରୁ ଊର୍ଦ୍ଧ୍ୱ ଚାଷ ଜମି ପ୍ରଭାବିତ ହୋଇଥିବା ନେଇ ସରକାରୀ ସ୍ତରରେ ଆକଳନ କରାଯାଇଛି ।



ରୁଆ ଓ ବେଉଷଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ଚାଷ ଜମି ଗୋଟିଏ ସପ୍ତାହରୁ ଊର୍ଦ୍ଧ୍ୱ ଦିନ ଧରି ମହାନଦୀ ର ବନ୍ୟା ପାଣିରେ ବୁଡି ରହିଥିଲା। ଏ ଭିତରେ ବ୍ଲକ କୃଷି ବିଭାଗ ପକ୍ଷରୁ ବନ୍ୟା ପ୍ରଭାବିତ ହୋଇଥିବା ଜମି ଗୁଡିକ ସର୍ଭେ କରାଯାଇ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି। ଏତଦ ବ୍ୟତୀତ,ଫସଲ ହାନି ହୋଇଥିବା କୃଷକମାନଙ୍କୁ କ୍ଷତି ପୂରଣ ଦେବାପାଇଁ ତୁରନ୍ତ ପଦକ୍ଷେପ ନେବାକୁ ବ୍ୟବସ୍ଥା ମଧ୍ୟ କରାଯାଇଛି।ଭାପୁର ବ୍ଲକ କୃଷି ବିଭାଗ ପ୍ରଦାନ କରିଥିବା ରିପୋର୍ଟ ଅନୁଯାୟୀ, କରବର ପଞ୍ଚାୟତ ରେ ୩୨୬ ହେକ୍ଟର,ଫତେଗଡ଼ ପଞ୍ଚାୟତ ରେ ୧୬୫ ହେକ୍ଟର,ପଥରଚକଡା ପଞ୍ଚାୟତ ରେ ୮୦ ହେକ୍ଟର,କେନ୍ଦୁପଲ୍ଲୀ ପଞ୍ଚାୟତରେ ୪୦ ହେକ୍ଟର,ଧାନଚାଙ୍ଗଡ଼ା ପଞ୍ଚାୟତ ରେ ୧୫ ହେକ୍ଟର ମିଶି ମୋଟ ୬୨୬ ହେକ୍ଟର ଜମି ପାଣିରେ ବୁଡି ରହିଥିଲା। ଏହି କ୍ଷତିଗ୍ରସ୍ତ ଜମି ପାଇଁ ରାଜ୍ୟ ସରକାର ଧାର୍ଯ୍ୟ କରିଥିବା ମୂଲ୍ୟ ଅନୁସାରେ କ୍ଷତିପୂରଣ ରାଶି ମଧ୍ୟ ସ୍ଥିର କରାଯାଇଛି। ବର୍ଷା ଉପରେ ନିର୍ଭରଶୀଳ ଚାଷ ଜମିର ପ୍ରତି ହେକ୍ଟର ପିଛା ୮୫୦୦ ଟଙ୍କା,ଜଳସେଚିତ ଜମିର ପ୍ରତି ହେକ୍ଟର ପିଛା ୧୭,୦୦୦ ଟଙ୍କା ଏବଂ ବରମାସୀ ଚାଷ ଜମିର ପ୍ରତି ହେକ୍ଟର ପିଛା ୨୨,୫୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଫଳରେ,ଭାପୁର ବ୍ଲକ ପାଇଁ ୫୫ ଲକ୍ଷ ୩୧ ହଜାର ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରାଯିବ ବୋଲି ରାଜ୍ୟ ସରକାରଙ୍କୁ ଜିଲ୍ଲା କୃଷିବିଭାଗ ପକ୍ଷରୁ ଚିଠି କରାଯାଇଛି।

## ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ବଢିଲା ୩୨ ବୁଥ

ଖଣ୍ଡପଡ଼ା,୧୨।୮(ନିପ୍ର):ନୟାଗଡ ଜିଲ୍ଲା ଅଧୀନ ଖଣ୍ଡପଡା ନିର୍ବାଚନମଣ୍ଡଳୀର ବୁଥ ସଂଖ୍ୟା ବୃଦ୍ଧି କରାଯାଇଛି। ଖଣ୍ଡପଡ଼ା ଓ ଭାପୁର ୨ଟି ବ୍ଲକକୁ ନେଇ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଗଠିତ। ଖଣ୍ଡପଡ଼ା ବ୍ଲକ ଅଞ୍ଚଳରେ ୧୨ ଟି ନୂତନ ବୁଥ ଗଠିତ ହୋଇଥିବା ବେଳେ ଭାପୁର ବ୍ଲକ ଅଞ୍ଚଳରେ ୨୦ଟି ନୂତନ ବୁଥ ଗଠିତ ହୋଇଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି। ଏଥି ପୂର୍ବରୁ ୨୨ ଟି ପଞ୍ଚାୟତକୁ ନେଇ ଗଠିତ ଖଣ୍ଡପଡ଼ା ବ୍ଲକରେ ବୁଥ ସଂଖ୍ୟା ୧୧୬ ଥିବା ବେଳେ ଏବେ ନୂତନ ୧୨ଟି ବୁଥକୁ ନେଇ ସର୍ବମୋଟ ବୁଥ ସଂଖ୍ୟା ୧୨୮ ରେ ପହଞ୍ଚିଥିବା ଜଣାପଡିଛି। ସେହିପରି ୨୦ଟି ପଞ୍ଚାୟତକୁ ନେଇ ଗଠିତ ଭାପୁର ବ୍ଲକ ଅଞ୍ଚଳରେ ଏଥି ପୂର୍ବରୁ ବୁଥ ସଂଖ୍ୟା ୧୦୧ ଥିବା ବେଳେ ଏବେ ଆଉ ନୂତନ ୨୦ଟି ବୁଥକୁ ନେଇ ବୁଥ ସଂଖ୍ୟା ୧୨୧ରେ ପହଞ୍ଚି ଥିବା ଜଣାଯାଇଛି। ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ଖଣ୍ଡପଡ଼ା ବ୍ଲକ ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଅନିତ କୁମାର ବଡ଼ସେଣଙ୍କ ଠାରୁ ପ୍ରକାଶ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ଯେଉଁ ୱାର୍ଡରେ ୧୧୦୦ରୁ ଊର୍ଦ୍ଧ୍ୱ ଭୋଟର ରହିଛନ୍ତି ସେହି ସବୁ ୱାର୍ଡକୁ ୨ଟି ୱାର୍ଡରେ ବିଭକ୍ତ କରାଯାଇ ବୁଥ ସଂଖ୍ୟା ବୃଦ୍ଧି କରାଯାଇ ଥିବା ବେଳେ ମତଦାତା ମାନେ ଏବେ ଅନ୍ୟ ଗାଁ ବୁଥରେ ମତଦାନ ନ କରି ନିଜ ଗାଁ ବୁଥରେ ମତଦାନ କରିବାର ସୁଯୋଗ ସୃଷ୍ଟି ହେବ ବୋଲି ଜଣାଯାଇଛି।

ସରକାରଙ୍କ ଏଭଳି ନିଷ୍ପତ୍ତିକୁ ଯୁବ ଭୋଟରଙ୍କ ସମେତ ବୁଦ୍ଧିଜୀବୀମାନେ ସ୍ୱାଗତ କରିଛନ୍ତି।

## ‘ଆଦିବାସୀ ଗ୍ରାମ ସମ୍ମିଳନୀ’

ରାୟଗଡ଼ା,୧୨।୮(ନିପ୍ର);ରାୟଗଡ଼ା ଆଦିବାସୀ ଯୁବଶକ୍ତି ସଂଗଠନ ପକ୍ଷରୁ ରାୟଗଡ଼ା ବ୍ଲକ ଅନ୍ତର୍ଗତ ବାଇସିଙ୍ଗି ଗ୍ରାମ ପଞ୍ଚାୟତର ବାଇସିଙ୍ଗି ଗ୍ରାମରେ ‘ଆଦିବାସୀ ଗ୍ରାମ ସମ୍ମିଳନୀ’ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଗ୍ରାମର ଯୁବକମାନଙ୍କୁ ନେଇ ଆୟୁସର ଏକ ଗ୍ରାମ କମିଟି ଗଠନ କରାଯିବା ସହ ଗ୍ରାମର ୭ଟି ପ୍ରମୁଖ ସମସ୍ୟା ଚିହ୍ନଟ କରାଯାଇଥିଲା। ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ସଂଗଠନ ପକ୍ଷରୁ ପର୍ଯ୍ୟାୟକ୍ରମେ କାର୍ଯ୍ୟ କରାଯିବ ବୋଲି ସୂଚନା ଦିଆଯାଇଛି। ସମ୍ମିଳନୀରେ ସଂଗଠନର ପ୍ରତିଷ୍ଠାତା ତଥା ସମାଜସେବୀ ବିଜୟ କୁମାର ମେଲାକା ସଭାପତିତ୍ୱ କରିଥିବା ବେଳେ ସହ-ପ୍ରତିଷ୍ଠାତା କାମେଶ୍ୱର ବିଡିକା ସହଯୋଗ କରିଥିଲେ। ଏହି ଅବସରରେ ଯୋହନ ତାଡିଙ୍ଗି, ରାଙ୍ଗା ପାଲାକ, ଗୁରୁନାଥ ତାଡିଙ୍ଗି, ନରି ତାଡିଙ୍ଗି, ମଣିକଣ୍ଠ ତାଡିଙ୍ଗି, ଲୋକେଶ ତାଡିଙ୍ଗି, ବିକ୍ରମ ତାଡିଙ୍ଗି, ଗିରପା ତାଡିଙ୍ଗି, ଲଦା ସିରିକା ଏବଂ ଜାମା ତାଡିଙ୍ଗି ସ୍ୱେଚ୍ଛାକୃତ ଭାବେ ଆୟୁସର ଗ୍ରାମ କମିଟିର ସଦସ୍ୟତା ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କୁ ସଂଗଠନର ଉଦ୍ଦେଶ୍ୟ, କାର୍ଯ୍ୟପଦ୍ଧତି ଓ ଦାୟିତ୍ୱ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯିବା ସହ ପ୍ରତିଷ୍ଠାତା ଶ୍ରୀ ମେଲାକାଙ୍କ ଦ୍ୱାରା ଗୋପନୀୟତା ଓ ସଂଗଠନର ଆଦର୍ଶ ପାଳନ କରିବା ପାଇଁ ଶପଥ ପାଠ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଆୟୁଷ ପକ୍ଷରୁ ଓଡ଼ିଶାର ୧୦ଟି ଜିଲ୍ଲାରେ ଜିଲ୍ଲା ସଂଯୋଜକ ଚୟନ ସମ୍ପନ୍ନ ହୋଇଥିବା ବେଳେ ପର୍ଯ୍ୟାୟକ୍ରମେ ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲା ଏବଂ ଭାରତର ୨୮ଟି ରାଜ୍ୟ ସମେତ ୮ଟି କେନ୍ଦ୍ରଶାସିତ ଅଞ୍ଚଳରେ ସଂଗଠନକୁ ସକ୍ରିୟ କରିବାକୁ ଯୋଜନା କରାଯାଇଛି।

# ବେଗୁନିଆରେ ଦେଶପ୍ରେମର ବାର୍ତ୍ତା ନେଇ ତ୍ରିରଙ୍ଗା ପଦଯାତ୍ରା

ବେଗୁନିଆ,୧୨।୮(ନିପ୍ର); ବେଗୁନିଆ ବିଜେପି ପକ୍ଷରୁ ଓ ରାଜ୍ୟ ବିଜେପି ଉପସଭାପତି ଯତୀନ ମହାନ୍ତିଙ୍କ ନେତୃତ୍ୱରେ ମଙ୍ଗଳବାର ତ୍ରିରଙ୍ଗା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ କୃଷକ ମୋର୍ଚ୍ଚା କୋଷାଧ୍ୟକ୍ଷ ବିଶ୍ୱଜିତ ସ୍ୱାଇଁ, ରାଜ୍ୟ ଆଇଟି ସେଲ ଅଧ୍ୟକ୍ଷ ମାନସ କୁମାର ବେହେରା, ଖୋର୍ଦ୍ଧା ଜିଲ୍ଲା ବିଜେପି ସାଧାରଣ ସମ୍ପାଦିକା ସୁମିତ୍ରା ବାହିନୀପତି, ଜିଲ୍ଲା ପୂର୍ବତନ ବିଜେପି ଉପସଭାପତି ରୁଦ୍ର ନାରାୟଣ ବାହିନୀପତି,ବେଗୁନିଆ ଦକ୍ଷିଣ ପୂର୍ବତନ ବିଜେପି ସଭାପତି ଯଜ୍ଞେଶ୍ୱର ସୁନ୍ଦରା, ମଧ୍ୟ ବେଗୁନିଆ ପୂର୍ବତନ ସଭାପତି, ପଞ୍ଚାଗଡ଼ ପୂର୍ବତନ ମଣ୍ଡଳ ସଭାପତି ସୌମ୍ୟ ରଞ୍ଜନ ବଳିୟାରସିଂହ, ବେଗୁନିଆ ଉତ୍ତର ପୂର୍ବତନ ବିଜେପି ସଭାପତି ଅଜୟ ମାର୍ଥା, ଭଗବାନ ପଣ୍ଡା,ଚନ୍ଦ୍ରଭାନୁ ମହାପାତ୍ର, ବିଶ୍ୱନାଥ ରଣସିଂହ, ସାଧାରଣ ସମ୍ପାଦକ ସୁଦର୍ଶନ ମାଲ୍ଲିକ ପ୍ରମୁଖଙ୍କ ସମେତ ଦଳୀୟ କାର୍ଯ୍ୟକର୍ତ୍ତା, ବୁଦ୍ଧିଜୀବୀ, ବିଭିନ୍ନ ସଂଗଠନ ଓ ବହୁ ସ୍ଥାନୀୟ ଜନସାଧାରଣ ଯୋଗ



ଦେଇଥିଲେ। ଏକ ବିଶାଳ ତ୍ରିରଙ୍ଗା ପଦଯାତ୍ରାରେ ତ୍ରିରଙ୍ଗା ପତାକା ଧରି ଦେଶଭକ୍ତିର ନାରା ଦେଇ ବେଗୁନିଆ ବସ ଷ୍ଟାଣ୍ଡ ଠାରୁ ତ୍ରିରଙ୍ଗା ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରାଟି ବେଗୁନିଆ ବଜାର, ଥାନା ଛକ ଓ ବ୍ଲକ ଛକ ପରିକ୍ରମା କରି ଡାକବଙ୍ଗଳ ପରିସରରେ ପହଞ୍ଚିଥିଲା। ଦେଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ଜଣାଇବା ସହ ସେମାନେ ଦେଖିଥିବା ସୁନାର ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ସମସ୍ତେ ସଂକଳ୍ପ ନେବା ଓ ତ୍ରିରଙ୍ଗା ଯାତ୍ରା ମାଧ୍ୟମରେ ଦେଶପ୍ରେମ, ଜାତୀୟ ଏକତା ଓ ଅଖଣ୍ଡତାର ବାର୍ତ୍ତା ପ୍ରସାର କରିବାକୁ ରାଜ୍ୟ ବିଜେପି ଉପସଭାପତି ଯତୀନ ମହାନ୍ତି ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପୂର୍ବତନ ବିଜେପି ଉପସଭାପତି ରୁଦ୍ର ନାରାୟଣ ବାହିନୀପତି ଓ ବେଗୁନିଆ ମଧ୍ୟ ପୂର୍ବତନ ମଣ୍ଡଳ ସାଧାରଣ ସମ୍ପାଦକ ସୁଦର୍ଶନ ମାଲ୍ଲିକ ପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ ।

# ସୁବର୍ଣ୍ଣପୁର ଜିଲ୍ଲା କିଷାନ କଂଗ୍ରେସର ଦାବିପତ୍ର

## ଚାଷୀ ସମସ୍ୟାର ସମାଧାନ ନ ହେଲେ ରାଜରାସ୍ତାକୁ ଓହ୍ଲାଇବ

ସୋନପୁର,୧୨।୮(ନିପ୍ର):ସୁବର୍ଣ୍ଣପୁର ଜିଲ୍ଲାରେ ଚାଷୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା, ବିଶେଷ କରି ଚାଷୀ ପଞ୍ଜିକରଣରେ ଦେଖାଦେଇଥିବା ଜଟିଳତାକୁ ନେଇ ଜିଲ୍ଲା କିଷାନ କଂଗ୍ରେସ କମିଟି ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛି। ଏହି ପରିପ୍ରେକ୍ଷୀରେ କମିଟିର ସଭାପତି ସଂଗ୍ରାମ କେଶରୀ ନାୟକଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କୃଷି ଉପରେ ନିର୍ଭରଶୀଳ ସୁବର୍ଣ୍ଣପୁର ଜିଲ୍ଲାର ଚାଷୀମାନଙ୍କ ପ୍ରତି ରାଜ୍ୟ ସରକାର ବୈମାତୃକ ମନୋଭାବ ପୋଷଣ କରୁଛନ୍ତି। ବର୍ତ୍ତମାନ ଜିଲ୍ଲାରେ ଚାଲୁଥିବା ‘ହାଇଟେକ୍ ସର୍ଭେ’ ଯୋଗୁଁ ଅନେକ ଚାଷୀ ନିଜ ନାମରେ ଜମି ମ୍ୟୁଟେସନ କରିପାରୁନାହାନ୍ତି। ଏଥିସହ ନୂତନ ‘ଏଗ୍ରିଷ୍ଟାକ୍’ ପଞ୍ଜିକରଣ ବ୍ୟବସ୍ଥା ଯୋଗୁଁ ଜିଲ୍ଲାର ପ୍ରାୟ ୮୦ରୁ ୯୦ ପ୍ରତିଶତ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହେବାର ଆଶଙ୍କା ଦେଖାଦେଇଛି। ତେଣୁ ଚଳିତ ବର୍ଷ ପାଇଁ ଏହି ଜଟିଳ ପ୍ରକ୍ରିୟାକୁ ବାତିଲ କରି ଏକ ସହଜ ଓ ସରଳ ପଦ୍ଧତି ଆପଣାଇବାକୁ କମିଟି ପ୍ରମୁଖ ଦାବି କରିଛି। ଏହା ବ୍ୟତୀତ କିଷାନ କଂଗ୍ରେସ ପକ୍ଷରୁ ଅନ୍ୟାନ୍ୟ ୪ଟି ପ୍ରମୁଖ ଦାବି ମଧ୍ୟ ଉପସ୍ଥାପନ କରାଯାଇଛି: ଚାଷୀଙ୍କୁ ଠିକ୍ ସମୟରେ ରିହାତି ଦରରେ ଆବଶ୍ୟକ ମୁତାବକ ସାର ଓ ବିହନ ଯୋଗାଇ ଦିଆଯାଉ। ସରକାରୀ ଅବହେଳା ଯୋଗୁଁ ବୀମାରୁ ବଞ୍ଚିତ ହେଉଥିବା ସମସ୍ତ ଚାଷୀ ଓ ଚାଷକୁ ତୁରନ୍ତ ବୀମାଭୁକ୍ତ କରାଯାଉ। ଚଳିତ ବର୍ଷ ଲଗାଣ ବର୍ଷା ଯୋଗୁଁ ବ୍ୟାପକ ଫସଲ ନଷ୍ଟ ହୋଇଥିବାରୁ, ଏହାର ଆକଳନ କରାଯାଇ କ୍ଷତିଗ୍ରସ୍ତ



ଚାଷୀଙ୍କୁ ନିୟମାନୁଯାୟୀ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯାଉ। ପୂର୍ବ ପ୍ରତିଶ୍ରୁତି ମୁତାବକ ସୁବର୍ଣ୍ଣପୁର ଜିଲ୍ଲାରେ ଉତ୍ପାଦିତ ଫସଲ ସଂରକ୍ଷଣ ପାଇଁ ଶୀତଳ ଭଣ୍ଡାର ନିର୍ମାଣ କରାଯାଉ ଏବଂ ଚାଷୀଙ୍କୁ ଅଭାବୀ ବିକ୍ରିରୁ ରକ୍ଷା କରାଯାଉ। ସରକାର ଏବଂ ବିଭାଗୀୟ ଅଧିକାରୀମାନେ ଯଦି ଏହି ସବୁ ନ୍ୟାର୍ଯ୍ୟ ଦାବି ପ୍ରତି ତୁରନ୍ତ ଦୃଷ୍ଟି ନଦିଅନ୍ତି ଏବଂ ଚାଷୀମାନଙ୍କ ହିତ ନିମନ୍ତେ ପଦକ୍ଷେପ ନ ନିଅନ୍ତି, ତେବେ ଆଗାମୀ ଦିନରେ ଜିଲ୍ଲା କିଷାନ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ।

# ହାଟବସ୍ତ -ଅସନପଲ୍ଲୀ ଗ୍ରାମ୍ୟ ଉନ୍ନୟନ ରାସ୍ତା ବିପର୍ଯ୍ୟସ୍ତ

ବୋଲଗଡ଼,୧୨।୮ (ନିପ୍ର): ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶ ଓ ଲୋକମାନଙ୍କର ଗମନାଗମନ ସୁବିଧା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ମାଧ୍ୟମରେ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ବୋଲଗଡ଼ ବ୍ଲକ ଅଞ୍ଚଳରେ ତାହା ବିଫଳ ହୋଇଥିବା ଅଭିଯୋଗ ହୋଇଛି । ହାଟବସ୍ତ -ଅସନପଲ୍ଲୀ ଗ୍ରାମପର୍ଯ୍ୟନ୍ତ ୪. ୬୭୦କିମି ଗ୍ରାମ୍ୟ ଉନ୍ନୟନ ରାସ୍ତା ନୂତନ ଭାବେ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ଆର୍ଥିକ ଅନୁଦାନ ଯୋଗାଇ ଦେଇଥିଲେ। ବର୍ତ୍ତମାନ ଏହି ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ପ୍ରତିଦିନ ଦିନରାତି ବହୁ ସଂଖ୍ୟାରେ ଭାରି ଯାନ ଗୁଡିକ ଯାତାୟାତ କରୁଥିବାରୁ ରାସ୍ତାରେ ଶତାଧିକ ବଡ଼ ବଡ଼ ଖାଲମାନ ସୃଷ୍ଟି ହୋଇ ବିପର୍ଯ୍ୟସ୍ତ ହୋଇପଡିଛି। ଏହି ବିପଦପୂର୍ଣ୍ଣ ରାସ୍ତାରେ ପ୍ରତିଦିନ ଶହଶହ ଛାତ୍ରଛାତ୍ରୀ, ବ୍ୟବସାୟୀ, ଆମ୍ବୁଲାନ୍ସ ଗାଡି, ଜନସାଧାରଣ ଓ ଚାଷୀମାନେ ଅନ୍ଧାର ରାତିରେ ଯାତାୟାତ କରୁଥିବାରୁ ଛୋଟ ଓ ବଡ଼ ରାସ୍ତା ଦୁର୍ଘଟଣାର ସମ୍ମୁଖୀନ ହେଉଅଛନ୍ତି । ଏହି ଗ୍ରାମ୍ୟ ଉନ୍ନୟନ ରାସ୍ତାଟି ଗତ ୩ ମାସ ତଳେ ନିର୍ମାଣ କରାଯାଇଥିଲା। ଠିକାଦାର ନିମ୍ନମାନର କାର୍ଯ୍ୟ କରିଥିବାରୁ ଏହି



ରାସ୍ତା ଉପରୁ ପିଚୁ, ମେଣ୍ଟାଲ, ବଜୁରୀ, ଓ ମୋରମ ଉଠିଗଲାଣି। ରାସ୍ତାର ଦୁଇ ପାର୍ଶ୍ୱରେ ଦୁଇ ମିଟର ଓସାରରେ ବାଲିମିଶ୍ରିତ ମୋରମ ପକାଇବାର ସରକାରୀ ଥିଲେ ମଧ୍ୟ ଠିକାଦାର ଏହା କରିପାରି ନାହିଁ। ଫଳରେ ଏହି ରାସ୍ତାରେ ଯାତାୟାତ କରୁଥିବା ଯାନବାହନ ଗୁଡ଼ିକ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ସମ୍ପର୍କରେ ବୋଲଗଡ଼ ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀଙ୍କ ସହିତ ଯୋଗାଯୋଗ କରିବାରୁ ସେ କହିଲେ ଏହି କାର୍ଯ୍ୟକୁ ତଦନ୍ତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ତେଣୁ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ ଓ ଖୋର୍ଦ୍ଧା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ପ୍ରମୁଖ ଏଥିପ୍ରତି ଦୃଷ୍ଟି ଦେଇ ଶୀଘ୍ର ହାଟବସ୍ତ – ଅସନପଲ୍ଲୀ ଗ୍ରାମ୍ୟ ଉନ୍ନୟନ ରାସ୍ତା ନିର୍ମାଣ କରିବାକୁ ସ୍ଥାନୀୟ ଗ୍ରାମବାସୀମାନେ ଦୃଢ଼ ଦାବି କରିଛନ୍ତି ।

## ଜାତୀୟ ଅନ୍ତରୀକ୍ଷ ଦିବସ ଉଦ୍‌ଯାପିତ

## ସଫଳ ମହାକାଶ ବୈଜ୍ଞାନିକ ହେବ ପାଇଁ ଆହ୍ୱାନ

ଗୁଣୁପୁର,୧୨।୮(ନିପ୍ର): ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଚାଲି ଥିବା ଜାତୀୟ ଅନ୍ତରୀକ୍ଷ ଦିବସ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୁଣୁପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲ୍ଲୀପ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ସହ ଭବିଷ୍ୟତରେ ଏମାନଙ୍କ ମଧ୍ୟରୁ ଜଣେ ଯଦି ଅନ୍ତରୀକ୍ଷ ବୈଜ୍ଞାନିକ ହୋଇପାରିଲେ ଆଜିର ଏହି କାର୍ଯ୍ୟକ୍ରମ ସଫଳ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ଥାନେ ସ୍ଥିତ ଏଯୋନିକ ପ୍ରାଇଭେଟ୍ ଲିମିଟେଡର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ବି ଏନ୍ ରାଓ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ଅନ୍ତରୀକ୍ଷ ଦିବସ ମହତ୍ତ୍ୱ ବିଷୟ ରେ କହିଥିଲେ। ବିଶ୍ୱବିଦ୍ୟାଳୟର ଉପସଭାପତି ଡ ଚନ୍ଦ୍ରଧ୍ୱଜ ପଣ୍ଡା ଯୋଗ ଦେଇ ମହାକାଶ ବିଜ୍ଞାନ ବିଷୟରେ ଅଧିକ ଜ୍ଞାନ ଅର୍ଜନ କରିବା ସହ ଭବିଷ୍ୟତରେ ବୈଜ୍ଞାନିକହେବା ପାଇ ଚେଷ୍ଟା କରିବା ପାଇଁ ଉତ୍ସାହିତ କରିଥିଲେ। ଜାତୀୟ ଅନ୍ତରୀକ୍ଷ ଦିବସ ପରିଚାଳନା କମିଟି ଗୁଣୁପୁରର ଅଧ୍ୟକ୍ଷ ଆଶିଷ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ସାମୁଦ୍ରିକ ଘାସର ପୁନରୁଦ୍ଧାର ସମ୍ପର୍କିତ କର୍ମଶାଳା

କୃଷ୍ଣପ୍ରସାଦ,୧୨।୮(ନିପ୍ର): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପାରିକୁଦ ଲକ୍ଷ୍ମଣ ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପରିସରରେ ଚିଲିକା ବନ୍ୟପ୍ରାଣୀ ବନାଞ୍ଚଳ ବନଖଣ୍ଡ ବାଲୁଗାଁ ତରଫରୁ ଏକ୍ରିକ ପ୍ରକଳ୍ପ ମାଧ୍ୟମରେ ସାମୁଦ୍ରିକ ଘାସର ସଂରକ୍ଷଣ ଓ ପୁନରୁଦ୍ଧାର ସମ୍ପର୍କରେ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବାଲୁଗାଁ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ରଶ୍ମିତା ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୃଷ୍ଣପ୍ରସାଦ ପଞ୍ଚାୟତ ସରପଞ୍ଚ ଇତିଶ୍ରୀ ସିଂହ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏଥିରେ ପ୍ରକଳ୍ପର ସାମୁଦ୍ରିକ ଜୀବ ବିଜ୍ଞାନୀ ସୌମ୍ୟ ରଞ୍ଜନ ପଣ୍ଡା, ସାମୁଦ୍ରିକ ଜୀବ ବିଜ୍ଞାନୀ ବିକ୍ରମାଦିତ୍ୟ ସାହୁ,ଉଦ୍ଭିଦ ବିଜ୍ଞାନୀ ଡ଼ଃ ସ୍ୱପ୍ନା ରାଓ, ବିଭାଗୀୟ ବିତ୍ତ ଅଧିକାରୀ ବିକାଶ କୁମାର ସାହୁ, ଉଦ୍ଭିଦ ବିଜ୍ଞାନୀ ଅନିଲ କାନକମ୍ ପ୍ରମୁଖ ଯୋଗଦେଇ ଚିଲିକାରେ ଦେଖାଯାଉଥିବା ବିଭିନ୍ନ ପ୍ରଜାତିର ସାମୁଦ୍ରିକ ଘାସର ଉପକାରିତା, ସୁରକ୍ଷା ଓ ପ୍ରସାରଣ ଦିଗରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ ।

**AFFIDAVIT**

By virtue of an affidavit sworn before Executive Magistrate Keonjhar, dated 12/08/2026 I Chandan Naik Son of Gopabandhu Naik permanent Address AT- Badaamuni, PO- Handibhanga, P.S- Sadar, Dist- Keonjhar, pin- 758031 declare that I have changed my name from Prashna Naik to Chandan Naik henceforth, I shall be known as Chandan Naik for all purposes.

**Sd/-Chandan Naik**

**AFFIDAVIT**

By virtue of an affidavit sworn before the Executive Magistrate, Phulbani vide No. 2337 dtd.11th.August 2026,I Sambhu Prasad Behera, S/o Late Arjun Behera of village Kirmakhole,P/o-Tilpanga,P/s- Manamunda,Dist- Boudh presently staying at Bapujpalli, Peonpada,P/o,P/s-Phulbani,Dt-Kandhamal declare that, as per the Aadhar card of my wife vide No.574877921830 her name is Saudamini Behera but her name was wrongly mentioned in the 10th.class certificate of ICSE Board of our daughter bearing Sl.No.TT40077489 as Soudamini Behera instead of Saudamini Behera. Hence, necessary correction of the name may be made as Saudamini Behera on the 10th. class certificate of our daughter as, per the Aadhar card of my wife.

**Sd/ Sambhu Prasad Behera**

**AFFIDAVIT**

By virtue of an affidavit sworn before The Executive Magistrate, Keonjhar affidavit no.02 dtd.18.06.2026, I Rasmita Behera W/o-Jagabandhu Behera At-Sarubali, Po-Sukruli, Ps-Raruan, Dist-Mayurbhanj, Pin-757039 do hereby declare that, I have changed the name of my son's from Samy Meet Behera to Soumyameet Behera. Henceforth he will be known as Soumyameet Behera for all purposes.

**Sd/-Rasmita Behera**

**AFFIDAVIT**

By virtue of an affidavit sworn before The Notary Public, Keonjhar affidavit no.8034 dtd.06.08.2026, I Gajala Juanga S/o-Saheb Juang, At-Upper Champei, Po-Tala Champei, Ps-Sadar, Dist-Keonjhar, Pin-758018 do hereby declare that, I have changed the name of my son's name from Nalia Juanga to Nandia Juanga. Henceforth he will be known as Nandia Juanga for all purposes.

**Sd/-Gajala Juanga**

# ଜେପିସିକୁ ଗଲା ଏଫ୍‌ସିଆରଏ ବିଲ୍

## ସଂସଦରେ ବିରୋଧୀ ଦଳଙ୍କ ହୋହଲ୍ଲା ମଧ୍ୟରେ ପ୍ରସ୍ତାବ ପାରିତ

ନୂଆଦିଲ୍ଲୀ,୧୨।୮: ଲୋକସଭାରେ ପ୍ରବଳ ହଟ୍ଟଗୋଳ ମଧ୍ୟରେ ବିଦେଶୀ ଅନୁଦାନ (ନିୟନ୍ତ୍ରଣ) ସଂଶୋଧନ ବିଲ୍ (ଏଫସିଆରଏ) ୨୦୨୬କୁ ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ପଠାଯାଇଛି। ବୁଧବାର ବିରୋଧୀ ସାଂସଦଙ୍କ ତୀବ୍ର ବିରୋଧ ଓ ପ୍ରବଳ ହଟ୍ଟଗୋଳ ମଧ୍ୟରେ କେନ୍ଦ୍ର ସରକାର ଲୋକସଭାରେ ଏକ ପ୍ରସ୍ତାବ ଆଗତ କରିଥିଲା। ଆଗତ ପ୍ରସ୍ତାବକୁ ବାଚନିକ ଭୋଟ ମାଧ୍ୟମରେ ଗୃହୀତ କରାଯାଇଥିଲା। ଏଫସିଆରଏକୁ ନେଇ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁଙ୍କ ମଧ୍ୟରେ ତୀବ୍ର ଯୁକ୍ତିତର୍କ ହୋଇଥିଲା। ସରକାର ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରି ଏହି ବିଲ୍ ଆଣିଥିବା ଅଖିଳେଶ ଯୁକ୍ତି ରଖିଥିଲେ। ଅଖିଳେଶ କହିଥିଲେ, ସମଗ୍ର ବିରୋଧୀ ଦଳ ଏହି ବିଲକୁ ବିରୋଧ କରୁଛି। ଏହି ସରକାର ଏପର୍ଯ୍ୟନ୍ତ କେଉଁ ବିଲ୍ ଆଣିଛି ଯାହା ସଂଖ୍ୟାଲଘୁଙ୍କ ବିରୋଧରେ ନୁହେଁ ବୋଲି ପ୍ରଶ୍ନ କରିଥିଲେ। ରିଜିଜୁ ଜବାବରେ କହିଥିଲେ ଯେ, ବିରୋଧୀ ଦଳ ଗୃହକୁ ଭ୍ରମିତ କରୁଛନ୍ତି। ମୁଁ ଅଖିଳେଶ ଯାଦବଙ୍କୁ ଚ୍ୟାଲେଞ୍ଜ କରୁଛି ଯେ, ସେ ଆମକୁ ସଂଖ୍ୟାଲଘୁଙ୍କ ବିରୋଧରେ ଥିବା ଗୋଟିଏ ବିନ୍ଦୁ କୁହନ୍ତୁ। ସେ ଏହା ମଧ୍ୟ କହିଥିଲେ ଯେ, ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରିବାର କୌଣସି ପ୍ରଶ୍ନ ଉଠୁନାହିଁ ଓ ଦେଶ ଏକ ଆଇନଗତ ଢାଞ୍ଚା ବିନା ବିଦେଶୀ ପାଣ୍ଠିକୁ ଦେଶକୁ ଆସିବାକୁ ଦେଇପାରିବ ନାହିଁ। ପୂର୍ବରୁ ଲୋକସଭା ମୁଲତବୀ ହେବା ପରେ କାର୍ଯ୍ୟ ଆରମ୍ଭ ହେବା ପରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏଫସିଆରଏ ବିଲକୁ ଜେପିସିକୁ ପଠାଇବା ପାଇଁ ପ୍ରସ୍ତାବ ଆଗତ କରିଥିଲେ। କଂଗ୍ରେସ ସାଂସଦ



କେସି ବେଣୁଗୋପାଳ ସରକାର ଏହି ବିଲ୍ ପ୍ରତ୍ୟାହାର କରିବାକୁ ଦାବି କରି ଅଭିଯୋଗ କରିଛନ୍ତି ଯେ, ଏହା ସଂଖ୍ୟାଲଘୁ ଓ ଏନଜିଓମାନଙ୍କୁ ଟାର୍ଗେଟ କରିବା ପାଇଁ ଉଦ୍ଦିଷ୍ଟ। ସରକାର ଏହି ବିଲ୍ ପ୍ରତ୍ୟାହାର କରିବା ଉଚିତ। ରିଜିଜୁ କହିଛନ୍ତି ଯେ, କଂଗ୍ରେସ ନିଜେ ଦାବି କରିଛି ଯେ, ବିଲକୁ ଜେପିସି ନିକଟକୁ ପଠାଯାଉ ଓ ବିରୋଧୀ ଦଳକୁ କମିଟି ପ୍ରକ୍ରିୟା ବ୍ୟବହାର କରି ନିଜର ଚିନ୍ତା ପ୍ରକାଶ କରିବାକୁ ଅନୁରୋଧ କରିଛି। ସେ କହିଛନ୍ତି ଯେ, ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରିବାର କୌଣସି ପ୍ରଶ୍ନ ଉଠୁନାହିଁ ଓ ବେଣୁଗୋପାଳ ଗୃହକୁ ଭ୍ରମିତ କରନାହିଁ ବୋଲି କହିଥିଲେ। ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀ ନେଇଫିଉ ରିଓ ଓ ମିଜୋରାମ ମୁଖ୍ୟମନ୍ତ୍ରୀ ଲାଲଡୁହୋମା ପୂର୍ବରୁ ବିଲଟିକୁ ବିସ୍ତୃତ ତର୍ଜମା ପାଇଁ ଏକ ମିଳିତ କମିଟିକୁ ପଠାଇବାକୁ କେନ୍ଦ୍ରକୁ ଅନୁରୋଧ କରିଥିଲେ। ମେଘାଳୟ ମୁଖ୍ୟମନ୍ତ୍ରୀ କନରାଡ୍ କେ ସାଙ୍ଗମା ମଧ୍ୟ କେନ୍ଦ୍ର ନିକଟରେ ଏହାର ବ୍ୟବସ୍ଥା ଉପରେ ଚିନ୍ତା ପ୍ରକାଶ କରିଥିଲେ। ପ୍ରସ୍ତାବିତ ଯୁଗ୍ମ କମିଟିରେ ୩୧ ଜଣ ସଦସ୍ୟ ରହିବେ, ଯେଉଁଥିରେ ଲୋକସଭାରୁ ୨୧ ଜଣ ଏବଂ ରାଜ୍ୟସଭାରୁ ୧୦ ଜଣ ସଦସ୍ୟ ରହିବେ। ଲୋକସଭା ସଦସ୍ୟମାନଙ୍କୁ ବାଚସ୍ପତିଙ୍କ ଦ୍ୱାରା ମନୋନୀତ କରାଯିବ, ରାଜ୍ୟସଭା ସଦସ୍ୟମାନଙ୍କୁ ରାଜ୍ୟସଭାର ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ କରାଯିବ।

### ବିଚାରପତିଙ୍କ ଘରୁ ବିପୁଳ ଟଙ୍କା ମିଳିବା ଘଟଣା

## ସଂସଦରେ ଉପସ୍ଥାପିତ ହେଲା ତଦନ୍ତ ରିପୋର୍ଟ





ନୂଆଦିଲ୍ଲୀ,୧୨।୮: ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଯଶୋବନ୍ତ ବର୍ମାଙ୍କ ସହିତ ଜଡିତ ବିବାଦୀୟ ଘରେ ଟଙ୍କା ମିଳିବା ମାମଲାର ତଦନ୍ତ କମିଟିର ରିପୋର୍ଟ ବୁଧବାର ଲୋକସଭାରେ ଉପସ୍ଥାପିତ ହୋଇଛି। ତିନି ସଦସ୍ୟ ବିଶିଷ୍ଟ କମିଟି ତାଙ୍କ ରିପୋର୍ଟରେ କହିଛି ଯେ, ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଷଡ଼ଯନ୍ତ୍ରର କୌଣସି ସଙ୍କେତ ପାଇନାହିଁ। ଏହା ମଧ୍ୟ କହିଛି ଯେ, ଏତେ ପରିମାଣର ଟଙ୍କା ଅଣଦେଖା ହୋଇ ରହିବା ଅସମ୍ଭବ। ମୌସୁମୀ ଅଧିବେଶନ ସମାପ୍ତ ହେବାର ଦିନକ ପୂର୍ବରୁ ସଂସଦ ଉଭୟ ସଦନରେ ଏହି ରିପୋର୍ଟ ଉପସ୍ଥାପିତ ହୋଇଥିଲା। ବିଚାରପତି (ଅନୁସନ୍ଧାନ) ଆଇନ, ୧୯୬୮ ଅନୁଯାୟୀ ତଦନ୍ତ କରାଯାଇଥିଲା। କମିଟି ଏହାର କାର୍ଯ୍ୟକାଳ ମଧ୍ୟରେ ମୌଖିକ ଓ ଡକ୍ୟୁମେଣ୍ଟାରୀ ପ୍ରମାଣ ରେକର୍ଡ କରିଥିଲା ଓ ତା'ପରେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଏହାର ବିସ୍ତୃତ ରିପୋର୍ଟ ଦାଖଲ କରିଥିଲା। ସୂତ୍ର ଅନୁସାରେ, ରିପୋର୍ଟରେ ତଦନ୍ତ ପ୍ରକ୍ରିୟା ସମୟରେ ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ଉତ୍ତର ଉପରେ ମଧ୍ୟ ମନ୍ତବ୍ୟ ଦିଆଯାଇଛି। ରିପୋର୍ଟରେ କୁହାଯାଇଛି ଯେ, ସେ ଅନେକ ପ୍ରଶ୍ନରେ ଏଡ଼ାଇ ଯାଉଥିବା ପରି ମନେ ହେଉଥିଲେ। ଗତ ବର୍ଷ ମାର୍ଚ୍ଚ ୧୪ ତାରିଖରେ ଘଟଣାଟି ସାମ୍ନାକୁ ଆସିଥିଲା। ହୋଲିର ଠିକ୍ ଗୋଟିଏ ଦିନ ପୂର୍ବରୁ ନୂଆଦିଲ୍ଲୀରେ ଜଷ୍ଟିସ୍ ବର୍ମାଙ୍କ ସରକାରୀ ବାସଭବନରେ ଅଗ୍ନିକାଣ୍ଡ ଘଟିବା ପରେ ବିପୁଳ ପରିମାଣର ବେନାମୀ ଟଙ୍କା ଉଦ୍ଧାର କରାଯାଇଥିଲା। ଟଙ୍କା ମିଳିବା ଘଟଣା ନ୍ୟାୟପାଳିକା ଓ ରାଜନୈତିକ ମହଲରେ ଏକ ବଡ଼ ବିବାଦ ସୃଷ୍ଟି କରିଥିଲା।

## ଏବେ ହର୍ମୁଜ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଆମର: ଟ୍ରମ୍ପ



ନୂଆଦିଲ୍ଲୀ,୧୨।୮: ଇରାନ ସହିତ ବଢୁଥିବା ଉତ୍ତେଜନା ମଧ୍ୟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହର୍ମୁଜ୍ ପ୍ରଣାଳୀ ସମ୍ପର୍କରେ ଏକ ବଡ ବୟାନ ଦେଇଛନ୍ତି। ଟ୍ରମ୍ପ ବୁଧବାର କହିଛନ୍ତି ଯେ, ଆମେରିକାର ହର୍ମୁଜ୍ ପ୍ରଣାଳୀ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଆସି ଯାଇଛି। ତାଙ୍କ ଦେଶ ଏହାକୁ ବଜାୟ ରଖିବାକୁ ଚାହୁଁଛି। ସେ ଆମେରିକାର ନୌସେନା ଅବରୋଧକୁ 'ଇସ୍ପାତର ପ୍ରାଚୀର' ଭାବରେ ବର୍ଣ୍ଣନା କରିଛନ୍ତି ଏବଂ କହିଛନ୍ତି ଯେ ଇରାନ ଏହା ବିରୁଦ୍ଧରେ କିଛି କରିପାରିବ ନାହିଁ। ଟ୍ରମ୍ପ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟରେ କହିଛନ୍ତି, 'ଇରାନର ସାମରିକ କ୍ଷମତା ଗୁରୁତର ଭାବରେ ଦୁର୍ବଳ ହୋଇଯାଇଛି। ଇରାନର ନା ନୌସେନା ଅଛି ନା ବାୟୁସେନା; ସେମାନଙ୍କର ଅବଶିଷ୍ଟ ସୈନିକ ମାନେ ସେମାନଙ୍କର ଦରମା ପାଉନାହାଁନ୍ତି, ସେମାନଙ୍କର 'ନେତୃତ୍ୱ' ଅତ୍ୟନ୍ତ ସଙ୍କଟରେ ଅଛି। ସେମାନଙ୍କ ପାଖରେ ଟଙ୍କା ନାହିଁ, ସେମାନଙ୍କ ଦେଶ ଧ୍ୱଂସପ୍ରାପ୍ତ। ସେମାନଙ୍କ ପାଖରେ କେବଳ ନକଲି ଖବର ଏବଂ ୩୦୦% ମୁଦ୍ରାସ୍ଫୀତି ଅଛି, ଏବଂ ପରିସ୍ଥିତି ଆହୁରି ଖରାପ ହେଉଛି।

## ନିଦ ବଟିକା ଖୁଆଇବା ପରେ କରେଣ୍ଟ ଦେଇ ସ୍ୱାମୀଙ୍କୁ ହତ୍ୟା

ନୂଆଦିଲ୍ଲୀ,୧୨।୮: ଦିଲ୍ଲୀର ସଙ୍ଗମ ବିହାରରେ ଜଣେ ସ୍ତ୍ରୀ ତାଙ୍କ ସ୍ୱାମୀଙ୍କୁ ନିର୍ମମ ଭାବେ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି । ଦିଲ୍ଲୀ ପୋଲିସର କହିବାନୁଯାୟୀ, ଏହି ହତ୍ୟାକାଣ୍ଡର ଷଡ଼ଯନ୍ତ୍ର ସ୍ୱୟଂ ସ୍ତ୍ରୀ ହିଁ ରଚିଥିଲେ । ସ୍ୱାମୀଙ୍କୁ ନିଦ ବଟିକା ଖୁଆଇବା ପରେ ତାଙ୍କୁ କରେଣ୍ଟ ଲଗାଯାଇଥିଲା। ଦିଲ୍ଲୀ ପୋଲିସ ୫୫ ବର୍ଷୀୟ ମୁନ୍ନା ଲାଲଙ୍କ ହତ୍ୟା ମାମଲାରେ ତାଙ୍କ ସ୍ତ୍ରୀ ମଞ୍ଜୁ ଓରଫ୍ ନାଜିଆ ଏବଂ ତାଙ୍କ ସହଯୋଗୀ ଚମନ୍କୁ ଗିରଫ କରିଛି। ଏହା ବ୍ୟତୀତ ଅଭିଯୁକ୍ତକୁ ଆଶ୍ରୟ ଦେଇଥିବା ଅଭିଯୋଗରେ କିଶନ ନାମକ ଜଣେ ଯୁବକଙ୍କୁ ମଧ୍ୟ ଅଟକ ରଖାଯାଇଛି । ପୋଲିସର କହିବାନୁଯାୟୀ, ଅଗଷ୍ଟ ୧୦ ତାରିଖ ସକାଳ ପ୍ରାୟ ୫ଟା ସମୟରେ ରତିଆ ମାର୍ଗରେ ମୁନ୍ନା ଲାଲ୍ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ମିଳିଥିଲେ । ପୋଲିସ ତାଙ୍କୁ ଏମ୍ସ ଟ୍ରମା ସେଣ୍ଟରକୁ ନେଇଥିଲା, କିନ୍ତୁ ଡାକ୍ତରମାନେ ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ତଦନ୍ତ ସମୟରେ ପୋଲିସ ଘଟଣାସ୍ଥଳରୁ ରକ୍ତଦାଗ ଲିଭାଇବା ଏବଂ ଚୋରିର ଏକ ମିଥ୍ୟା ପରିସ୍ଥିତି ସୃଷ୍ଟି କରିବାର ପ୍ରମାଣ ପାଇଥିଲା।ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ପରେ ଜଣେ ମହିଳା ଏବଂ ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ସାମ୍ନାକୁ ଆସିଥିଲା।

## ନିଦ ବଟିକା ଖାଉଥିଲେ ପାଇଲଟ୍

ନୂଆଦିଲ୍ଲୀ,୧୨।୮: ଅଗଷ୍ଟ ୪ ତାରିଖରେ ଫୁକେଟରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ ବିମାନ ଆକାଶମାର୍ଗରେ ହଠାତ୍ ପ୍ରାୟ ୩୦୦ ଫୁଟ ତଳକୁ ଖସିପଡ଼ିବା ଘଟଣାରେ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ବିମାନର ପାଇଲଟ୍-ଇନ୍-କମାଣ୍ଡ ନିଦ୍ରାହୀନତା ସମସ୍ୟା ପାଇଁ ନିଦ ବଟିକା ସେବନ କରୁଥିବା ନେଇ ଏୟାରଲାଇନ୍ସର ଆଭ୍ୟନ୍ତରୀଣ ଫ୍ଲାଇଟ୍ ସେଫ୍ଟି ରିପୋର୍ଟରୁ ପର୍ଦ୍ଦାଫାଶ ହୋଇଛି। କେବଳ ସେତିକି ନୁହେଁ, ପୂର୍ବରୁ ଦୁଇଥର ଡ୍ରଗ୍ ପରୀକ୍ଷାରେ ଏହି ପାଇଲଟ୍ ଗଞ୍ଜେଇ ସେବନ କରିଥିବା ପ୍ରମାଣିତ ହୋଇଥିଲା।

## ଦିଲ୍ଲୀ ବିମାନବନ୍ଦରରେ ଯାତ୍ରୀଙ୍କ ହ୍ୟାଣ୍ଡବ୍ୟାଗରୁ ମିଳିଲା ମାଙ୍କଡ଼ ଖପୁରୀ

ନୂଆଦିଲ୍ଲୀ,୧୨।୮: ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଜଣେ ଯାତ୍ରୀଙ୍କ ହ୍ୟାଣ୍ଡବ୍ୟାଗରୁ ଖପୁରୀ ମିଳିଛି। ତେବେ ଯାତ୍ରୀ ଜଣଙ୍କ ଦାବି କରିଛନ୍ତି ଯେ ଏହା ଏକ ମାଙ୍କଡ଼ର ଖପୁରୀ। ଯାତ୍ରୀ ଜଣଙ୍କ ଦିଲ୍ଲୀରୁ ହାଇଦ୍ରାବାଦକୁ ଏକ ବିମାନରେ ଉଡ଼ାଣ କରିବାର ଥିଲା। ତେବେ ଉଡ଼ାଣ ପୂର୍ବରୁ ସିକ୍ୟୁରିଟି ଚେକ୍ ସମୟରେ ସିଆଇଏସଏଫ୍ ସଦସ୍ୟମାନେ ତାଙ୍କ ବ୍ୟାଗରେ ଏକ ସନ୍ଦେହଜନକ ଜିନିଷ ଚିହ୍ନଟ କରିଥିଲେ। ଏହାପରେ ବ୍ୟାଗକୁ ଭଲଭାବେ ଯାଞ୍ଚ କରାଯାଇଥିଲା। ସିକ୍ୟୁରିଟି ସ୍କ୍ରିନିଂ ସମୟରେ ଅଧିକାରୀମାନେ ତାଙ୍କ ହ୍ୟାଣ୍ଡ ବ୍ୟାଗରୁ ଖପୁରୀ ପାଇଥିଲେ। ଏନେଇ ପଚରାଯିବାରୁ ଯାତ୍ରୀ ଜଣଙ୍କ କହିଥିଲେ ଯେ ଏହି ଖପୁରୀଟି ଏକ ମାଙ୍କଡ଼ର। ଯାତ୍ରୀଙ୍କୁ ଶେଷରେ ସ୍ଥାନୀୟ ପୁଲିସକୁ ହସ୍ତାନ୍ତର କରାଯାଇଛି ଏବଂ ତାଙ୍କ ବ୍ୟାଗରୁ ମିଳିଥିବା ଖପୁରୀକୁ ସୁରକ୍ଷିତ ରଖାଯାଇଛି।

### ପାକିସ୍ତାନ ସେନା ପକ୍ଷରୁ ସ୍ପଷ୍ଟୀକରଣ

## ଇମ୍ରାନ ଖାନ ଜୀବିତ ଅଛନ୍ତି: ମୃତ୍ୟୁ ଗୁଜବକୁ ଖଣ୍ଡନ



ଇସଲାମାବାଦ,୧୨।୮: ପାକିସ୍ତାନର ଜେଲରେ ବନ୍ଦୀ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପାକିସ୍ତାନ ତେହେରିକ-ଇ-ଇନସାଫ (ପିଟିଆଇ) ମୁଖ୍ୟ ଇମ୍ରାନ ଖାନଙ୍କ ମୃତ୍ୟୁ ଘଟିଥିବା ନେଇ ବ୍ୟାପକ ଗୁଜବ ସୃଷ୍ଟି ହୋଇଛି। ଏହି ଚାଞ୍ଚଲ୍ୟକର ଦାବି ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିବା ପରେ ପାକିସ୍ତାନ ସେନା ପକ୍ଷରୁ ଏକ ବିବୃତି ଜାରି କରି ଏହାକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ସ୍ପଷ୍ଟ କରାଯାଇଛି। ସେନାର ଗଣମାଧ୍ୟମ ଶାଖା ଆଇଏସପିଆର୍ ଏହି ରିପୋର୍ଟକୁ ପ୍ରତ୍ୟାଖ୍ୟାନ କରି କହିଛି ଯେ ଇମ୍ରାନ ଖାନ ଜୀବିତ ଅଛନ୍ତି। ସୂଚନାଯୋଗ୍ୟ ଯେ, ଆମେରିକାରେ ରହୁଥିବା ପାକିସ୍ତାନୀ ସାମ୍ବାଦିକ ଓ୍ୱାଜାହତ ସୟିଦ ଖାନ ଗତ ଅଗଷ୍ଟ ୧୧ ତାରିଖରେ ଭିଡିଓ ସିରିଜ୍ ଜାରି କରି ଇମ୍ରାନ ଜୀବିତ ଅଛନ୍ତି କି ନାହିଁ ବୋଲି ପ୍ରଶ୍ନ ଉଠାଇଥିଲେ। ଏହି ଭିଡିଓରେ ସେ ଦାବି କରିଥିଲେ ଯେ ପାକିସ୍ତାନ ସେନା ମୁଖ୍ୟାଳୟର ତିନିଜଣ ବରିଷ୍ଠ ସାମରିକ ଅଧିକାରୀ ତାଙ୍କୁ ଇମ୍ରାନ ଖାନ ଜେଲ୍ ହାଜତରେ ମୃତ୍ୟୁବରଣ କରିଥିବା ନେଇ ସୂଚନା ଦେଇଛନ୍ତି। ଏହି ଖବର ପ୍ରସାରିତ ହେବା ମାତ୍ରେ ସାରା ପାକିସ୍ତାନରେ ହଇଚଇ ସୃଷ୍ଟି ହୋଇଥିଲା। ତେବେ ପରବର୍ତ୍ତୀ ସମୟରେ ଉକ୍ତ ସାମ୍ବାଦିକ ଜଣକ ନିଜର ପୂର୍ବ ବ୍ୟାଖ୍ୟାକୁ ସଂଶୋଧନ କରି ସ୍ପଷ୍ଟୀକରଣ ଦେଇଛନ୍ତି ଯେ ତାଙ୍କ ସୂତ୍ରରୁ ଇମ୍ରାନ ଖାନଙ୍କ ମୃତ୍ୟୁ ନେଇ କୌଣସି ନିଶ୍ଚିତ ପ୍ରମାଣ ମିଳିନାହିଁ। ସାମ୍ବାଦିକ ଓ୍ୱାଜାହତ ସୟିଦ ଖାନ ପରବର୍ତ୍ତୀ ଭିଡିଓରେ ପ୍ରକାଶ କରିଛନ୍ତି ଯେ, ସେନାଅଧିକାରୀମାନେ ଇମ୍ରାନ ଖାନଙ୍କ ମୃତ୍ୟୁର ପ୍ରମାଣ ଦେଇନାହାନ୍ତି। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ସେନା ମୁଖ୍ୟ ଫିଲ୍ଡ ମାର୍ଶଲଙ୍କ ଅଧୀନରେ ଥିବା ଏକ ଅତ୍ୟନ୍ତ ଛୋଟ ଗୋପନୀୟ ଗୁଇନ୍ଦା ଅପରେଟିଭ୍ ଦଳ ଦ୍ୱାରା ପରିଚାଳିତ ହେଉଛି ଏବଂ ସେନାର ଅନ୍ୟ ସଦସ୍ୟମାନେ ନିଜେ ସନ୍ଦେହ ଓ ଭୟ ମଧ୍ୟରେ ଅଛନ୍ତି। ସାମ୍ବାଦିକ ଜଣକ ସ୍ୱୀକାର କରିଛନ୍ତି ଯେ ପୂର୍ବତନ ପ୍ରଧାନମନ୍ତ୍ରୀ ଜୀବିତ ଅଛନ୍ତି କି ନାହିଁ ତାହାର ପ୍ରମାଣ ସାର୍ବଜନୀନ କରିବା ପାଇଁ ପ୍ରଶାସନ ଉପରେ ଚାପ ସୃଷ୍ଟି କରିବା ଉଦ୍ଦେଶ୍ୟରେ ହିଁ ସେ ଏଭଳି ରିପୋର୍ଟ ପ୍ରସାରଣ କରିଥିଲେ। ସୂଚନାଯୋଗ୍ୟ ଯେ, ୭୩ ବର୍ଷୀୟ ଇମ୍ରାନ ଖାନ ୨୦୨୩ ଅଗଷ୍ଟ ୫ ତାରିଖରୁ ବିଭିନ୍ନ ମାମଲାରେ ଦୋଷୀସାବ୍ୟସ୍ତ ହୋଇ ରାଓ୍ୱଲପିଣ୍ଡିର ଆଦିଆଲା ଜେଲରେ ବନ୍ଦୀ ଅଛନ୍ତି। ୧୯୦ ମିଲିୟନ ପାଉଣ୍ଡର ଅଲ୍-କାଦିର ଟ୍ରଷ୍ଟ ଦୁର୍ନୀତି ମାମଲାରେ ସେ ୧୪ ବର୍ଷର କାରାଦଣ୍ଡ ଭୋଗୁଥିବା ବେଳେ ତାଙ୍କ ପତ୍ନୀ ବୁଶ୍ରା ବିବିଙ୍କୁ ମଧ୍ୟ ୭ ବର୍ଷର ସଜା ହୋଇଛି। ଏହା ବ୍ୟତୀତ ୨୦୨୫ ଡିସେମ୍ବରରେ ରାଷ୍ଟ୍ରୀୟ ଉପହାର ତୋଷାଖାନା ମାମଲାରେ ଉଭୟଙ୍କୁ ଅତିରିକ୍ତ ୧୭ ବର୍ଷର ଜେଲ୍ ଦଣ୍ଡାଦେଶ ମିଳିଛି ।

## ରାହୁଲଙ୍କୁ ନେଇ ବିବାଦୀୟ ମନ୍ତବ୍ୟ ଦେଲେ କଙ୍ଗନା

ନୂଆଦିଲ୍ଲୀ,୧୨।୮: ଛାତ୍ରମାନଙ୍କୁ ଲାଠିଚାର୍ଜ ଏବଂ କାର୍ଯ୍ୟାନୁଷ୍ଠାନକୁ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ବିବୃତ୍ତି ଦାବି ପ୍ରସଙ୍ଗରେ ଲୋକ ସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ କ୍ରମାଗତ ଭାବରେ ସରକାରଙ୍କୁ ଘେରିବାରେ ଲାଗିଛନ୍ତି। ଏହି ପ୍ରସଙ୍ଗକୁ ନେଇ ଏବେ ଭାଜପା ଏମପି ତଥା ଅଭିନେତ୍ରୀ କଙ୍ଗନା ରଣାଓ୍ୱତ ରାହୁଲ ଗାନ୍ଧୀଙ୍କୁ କଡ଼ା ଟାର୍ଗେଟ କରିଛନ୍ତି । କଙ୍ଗନା ଅଭିଯୋଗ କରିଛନ୍ତି ଯେ ବିରୋଧୀ ଦଳ ସଂସଦର କାର୍ଯ୍ୟକାରିତାକୁ ବାଧାପ୍ରାପ୍ତ କରି ଦେଶ ଏବଂ ସଂସଦର ମଜାକ୍ ଉଡାଉଛନ୍ତି। କଙ୍ଗନା ରଣାଓ୍ୱତ କହିଛନ୍ତି ଯେ, ବିରୋଧୀ ଗୋଟିଏ ପଟେ ସରକାରଙ୍କଠାରୁ ଜବାବ ମାଗୁଛନ୍ତି ଏବଂ ଅନ୍ୟପଟେ ସରକାରଙ୍କ କଥା ଶୁଣିବାକୁ ପ୍ରସ୍ତୁତ ନାହାନ୍ତି । ରାହୁଲ ଗାନ୍ଧୀଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇ ସେ କହିଛନ୍ତି ଯେ, ଗୋଟିଏ ନିଶ୍ୱାସରେ ଏହା କୁହାଯାଉଛି ଯେ ଗୁଳି କିପରି ଚାଳିଲା, ଏହାର ଜବାବ ଦରକାର, କିନ୍ତୁ ଅନ୍ୟପଟେ ଏହା ମଧ୍ୟ କୁହାଯାଉଛି ଯେ ସରକାରଙ୍କ କଥା ଶୁଣିବୁ ନାହିଁ।

# ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଆତ୍ମଜୀବନୀ ଉନ୍ମୋଚିତ




ନୂଆଦିଲ୍ଲୀ,୧୨।୮: ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଭାରତର ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଆତ୍ମଜୀବନୀ 'ଟ୍ରାୟମ୍ଫ ଅଫ୍ ଦି ଇଣ୍ଡିଆନ୍ ରିପବ୍ଲିକ୍: ମାଇଁ ଲାଇଫ୍, ମାଇଁ ଷ୍ଟ୍ରଗଲ୍ସ'କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଆଜି ଆମକୁ ଶ୍ରୀ ରାମନାଥ କୋବିନ୍ଦ ଜୀଙ୍କ ଆତ୍ମଜୀବନୀ ଉନ୍ମୋଚନ କରିବାର ସୁଯୋଗ ମିଳିଛି ଏବଂ ମୁଁ ଏହି କାର୍ଯ୍ୟକ୍ରମର ଏକ ଅଂଶବିଶେଷ ହୋଇପାରିଥିବାରୁ ଅତ୍ୟନ୍ତ ଖୁସି। ପୂର୍ବତନ ରାଷ୍ଟ୍ରପତିଙ୍କ ସହ ନିଜର ଗଭୀର ବ୍ୟକ୍ତିଗତ ସମ୍ପର୍କ ବିଷୟରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ବର୍ଷ ବର୍ଷ ଧରି କୋବିନ୍ଦ ଜୀଙ୍କ ଦିଗଦର୍ଶନ ଏବଂ ସ୍ନେହ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ବ୍ୟକ୍ତ କରିଥିଲେ। ମୋଦି କହିଛନ୍ତି, କୋବିନ୍ଦ ଜୀଙ୍କ ସହ ମୋର ଦୀର୍ଘଦିନର ପରିଚୟ, ତାଙ୍କୁ ନିକଟରୁ ଜାଣିବାର ସୌଭାଗ୍ୟ, ରାଷ୍ଟ୍ରପତି ଭାବରେ ତାଙ୍କର ଦିଗଦର୍ଶନ ଏବଂ ସର୍ବୋପରି ମୋ ପ୍ରତି ତାଙ୍କର ବିଶେଷ ସ୍ନେହ ଓ ଆନ୍ତରିକତା- ଏହିସବୁ ମୋର ସବୁଠାରୁ ବଡ଼ ସମ୍ପତ୍ତି। ପୂର୍ବତନ ରାଷ୍ଟ୍ରପତିଙ୍କ ବ୍ୟକ୍ତିତ୍ୱ ଏବଂ ଦକ୍ଷତାର ଗଭୀରତାକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହି ସାହିତ୍ୟିକ କୃତି ଦେଶର ଗଣତାନ୍ତ୍ରିକ ମୂଲ୍ୟବୋଧର ଏକ ଚିରସ୍ଥାୟୀ ପ୍ରମାଣ ଭାବରେ କାର୍ଯ୍ୟ କରିବ। ମୁଁ ପୂର୍ଣ୍ଣ ଆତ୍ମବିଶ୍ୱାସ ସହିତ କହିପାରେ ଯେ ରାମନାଥ କୋବିନ୍ଦଜୀଙ୍କ ଆତ୍ମଜୀବନୀ ନିଜେ ଭାରତୀୟ ଗଣତନ୍ତ୍ର ଏବଂ ଭାରତୀୟ ସମାଜ ପାଇଁ ଏକ ଐତିହ୍ୟ ପାଲଟିଯିବ। ଦେଶପ୍ରତି କୋବିନ୍ଦ ଜୀଙ୍କ ଆଜୀବନ ଯୋଗଦାନର ବିଶାଳତାକୁ ସ୍ୱୀକାର କରି ପ୍ରଧାନମନ୍ତ୍ରୀ, ଅତ୍ୟଧିକ ବିବରଣୀ ଦେବାରୁ ନିବୃତ୍ତ ରହି, ଶ୍ରୋତାମାନଙ୍କୁ ନିଜେ ଏହି କାହାଣୀ ପଢ଼ି ଆବିଷ୍କାର କରିବାକୁ ଉତ୍ସାହିତ କରିଥିଲେ। ମୋଦୀ କହିଥିଲେ, ଗୋଟିଏ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ କେବଳ ଏକ 'କର୍ଟେନ୍ ରାଇଜ୍' (ପ୍ରାରମ୍ଭିକ ଆଭାସ) ରହିବା ଉଚିତ୍ ଏବଂ ଆପଣ ସମସ୍ତେ ଏହି ପୁସ୍ତକଟିକୁ ପଢ଼ି ଏହାର ସମ୍ପୂର୍ଣ୍ଣ ଲାଭ ଆହରଣ କଲେ ହିଁ ଅଧିକ ଭଲ ହେବ। ଯୁବପିଢ଼ି ପାଇଁ ଏହି ଆତ୍ମଜୀବନୀର ଶିକ୍ଷାଣୀୟ ମୂଲ୍ୟ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଆଗାମୀ ପିଢ଼ି ପୂର୍ବତନ ରାଷ୍ଟ୍ରପତିଙ୍କ ଶବ୍ଦରୁ ପ୍ରେରଣା ଲାଭ କରନ୍ତୁ ବୋଲି ନିଜର ଇଚ୍ଛା ପ୍ରକାଶ କରିଥିଲେ। ମୋଦି ଦୃଢ଼ତାର ସହ କହିଥିଲେ, ଦେଶର ନୂତନ ପିଢ଼ି ମଧ୍ୟ ତାଙ୍କର ଲେଖା ଏବଂ ଅନୁଭୂତି ପଢ଼ିବା ଉଚିତ।

## ଅବୈଧ ନିର୍ମାଣ ନିୟମିତ ଦାବି ଉପରେ ଶୁଣାଣିକୁ ସୁପ୍ରିମକୋର୍ଟ ମନାକଲେ

ନୂଆଦିଲ୍ଲୀ,୧୨।୮: ସର୍ବୋଚ୍ଚ ନ୍ୟାୟାଳୟ ଦେଶ ଭରି ଅବୈଧ ନିର୍ମାଣଗୁଡ଼ିକୁ ନିୟମିତ ଏବଂ ପୁନର୍ବାସିତ କରିବା ପାଇଁ ନୀତି ପ୍ରସ୍ତୁତ କରିବା ଦାବି ଉପରେ ଶୁଣାଣି କରିବାକୁ ମନା କରି ଦେଇଛନ୍ତି। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଥିବା ବେଞ୍ଚ କହିଛନ୍ତି ଯେ ଭିନ୍ନ ଭିନ୍ନ ରାଜ୍ୟର ପରିସ୍ଥିତି ଭିନ୍ନ, ଏପରି ସ୍ଥିତିରେ ଏକ ସମାନ ନୀତି ପାଇଁ ଆଦେଶ କିପରି ଦିଆଯାଇପାରିବ। ତେବେ, ନ୍ୟାୟାଳୟ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକୁ କହିଛନ୍ତି ଯେ ସେମାନେ ଯାଚିକାରେ ଉଠାଯାଇଥିବା ବିଷୟଗୁଡ଼ିକ ଉପରେ ବିଚାର କରନ୍ତୁ, ଯାହାଦ୍ୱାରା ସେମାନଙ୍କୁ ନିଜ ନୀତି ପ୍ରସ୍ତୁତ କରିବାରେ ସହାୟତା ମିଳିପାରିବ। ଯାଚିକା ସେଣ୍ଟର ଫର ଲ ଆଣ୍ଡ ଗୁଡ୍ ଗଭର୍ନାନ୍ସ ନାମକ ସଂଗଠନ ଦାଖଲ କରିଥିଲା। ଯାଚିକାରେ କୁହାଯାଇଥିଲା ଯେ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଏବଂ ଦିଲ୍ଲୀରେ ଅବୈଧ ନିର୍ମାଣଗୁଡ଼ିକୁ ନିୟମିତ ଏବଂ ପୁନର୍ବାସିତ କରିବା ଉପରେ ନୀତି ପ୍ରସ୍ତୁତ କରାଯାଇଛି, କିନ୍ତୁ ଏପରି ଦେଖିବାକୁ ମିଳିଛି ଯେ ପ୍ରଶାସନ କୌଣସି ନୋଟିସ କିମ୍ବା ପୁନର୍ବାସ ଯୋଜନା ବିନା ଧ୍ୱଂସ କରିବାକୁ ପହଞ୍ଚିଯାଏ। ଯାଚିକାରେ କୁହାଯାଇଥିଲା ଯେ କୌଣସି ପୁନର୍ବାସ ଯୋଜନା ବିନା ନିର୍ମାଣଗୁଡ଼ିକୁ ଧ୍ୱଂସ କରିବାର ନିଷ୍ପତି ନିଆଯିବା ଉଚିତ ନୁହେଁ, କାରଣ ଏପରି କରିବା ସମ୍ବିଧାନର ଅନୁଚ୍ଛେଦ ୨୧ର ଉଲ୍ଲଂଘନ ଅଟେ।

## ଚୀନର ପୂର୍ବତନ ପ୍ରଧାନମନ୍ତ୍ରୀ ଝୁ ରୋଙ୍ଗଜିଙ୍କର ପରଲୋକ

ନୂଆଦିଲ୍ଲୀ,୧୨।୮ : ଚୀନର ପୂର୍ବତନ ପ୍ରଧାନମନ୍ତ୍ରୀ ଝୁ ରୋଙ୍ଗଜିଙ୍କର ୯୮ ବର୍ଷ ବୟସରେ ପରଲୋକ। ବିଶ୍ୱ ବାଣିଜ୍ୟ ସଂଗଠନରେ ଚୀନର ପ୍ରବେଶ ଏବଂ ଏହାର ଅର୍ଥନୈତିକ ଅଭିବୃଦ୍ଧିରେ ଝୁ ରୋଙ୍ଗଜିଙ୍କ ଭୂମିକା ପ୍ରମୁଖ ଥିଲା। ଚୀନର ସରକାରୀ ଗଣମାଧ୍ୟମ ଅନୁଯାୟୀ, ଝୁ ରୋଙ୍ଗଜି ୧୯୯୦ ଦଶକରେ ରାଷ୍ଟ୍ରାୟତ୍ତ ଶିଳ୍ପ ଗୁଡ଼ିକରେ ପ୍ରମୁଖ ଏବଂ କଷ୍ଟକର ପରିବର୍ତ୍ତନ କାର୍ଯ୍ୟକାରୀ କରିଥିଲେ ଏବଂ ବିଶ୍ୱ ବାଣିଜ୍ୟ ସଂଗଠନରେ ଚୀନର ପ୍ରବେଶକୁ ସୁରକ୍ଷିତ କରିଥିଲେ, ଯାହା ଚୀନର ଉଚ୍ଚ ଆର୍ଥିକ ଅଭିବୃଦ୍ଧି ଆରମ୍ଭ କରିବାରେ ସାହାଯ୍ୟ କରିଥିଲା। ଚୀନର ସରକାରୀ ସମାଚାର ଏଜେନ୍ସି, ଜିନହୁଆ ଅନୁଯାୟୀ ଝୁ ରୋଙ୍ଗଜି ବୁଧବାର ସକାଳ ପ୍ରାୟ ୧୧ ଟାରେ ବେଜିଂରେ ଅସୁସ୍ଥତା ହେତୁ ମୃତ୍ୟୁବରଣ କରିଛନ୍ତି।

### ଭାରତ-ବାଂଲା ସୀମାରେ ସନ୍ଦିଗ୍ଧ

## ପାକିସ୍ତାନୀକୁ ଧରିଲା ବେଙ୍ଗଲ ଏସଟିଏଫ୍

କୋଲକାତା,୧୨।୮: ଭାରତ-ବାଂଲାଦେଶ ସୀମା ନିକଟରୁ ଜଣେ ସନ୍ଦିଗ୍ଧ ପାକିସ୍ତାନୀ ନାଗରିକ ସମେତ ୨ ଜଣଙ୍କୁ ପଶ୍ଚିମବଙ୍ଗ ପୋଲିସର ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସଟିଏଫ୍) ବୁଧବାର ଧରିଛି। ଅଧିକାରୀଙ୍କ ସୂଚନା ଅନୁସାରେ, ପାକିସ୍ତାନର ଫୈସଲାବାଦର ବାସିନ୍ଦା ରାଣା ରୌଫ୍ ଓରଫ୍ ଓ୍ୱାହାବ ଆଲମକୁ ଉତ୍ତର ୨୪ ପ୍ରଗଣା ଜିଲ୍ଲାର ବନଗାଁ ଅଞ୍ଚଳରୁ ଧରାଯାଇଛି। ଅନ୍ୟ ଜଣକୁ ମଙ୍ଗଳବାର ବିଳମ୍ବିତ ରାତିରେ କୋଲକାତାର ଟପ୍ସିଆ ଅଞ୍ଚଳରୁ ଧରାଯାଇଥିବା ଜଣାପଡ଼ିଛି। ଏସଟିଏଫ୍ ଅଧିକାରୀଙ୍କ କହିବା ଅନୁସାରେ, ନିର୍ଦ୍ଦିଷ୍ଟ ସୂଚନା ପାଇବା ପରେ ବନଗାଁ ଅଞ୍ଚଳରେ ତଲାସି କରାଯାଇ ରୌଫକୁ ଧରାଯାଇଥିଲା। ତା'ର ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସଆଇ ସହ ସମ୍ପର୍କ ଥିବା ନେଇ ତଦନ୍ତକାରୀମାନେ ସନ୍ଦେହ କରୁଛନ୍ତି। ଭାରତରେ ତା'ର ଗତିବିଧି, ଯୋଗାଯୋଗ ଓ ଅନ୍ୟ କାର୍ଯ୍ୟକଳାପର ଯାଞ୍ଚ କରାଯାଉଛି। ତଦନ୍ତକାରୀଙ୍କ ଅନୁସାରେ, ରୌଫ୍ ୨୦୧୨ରେ ନେପାଳ ଦେଇ ବେଆଇନ ଭାବେ ଭାରତରେ ପ୍ରବେଶ କରିଥିଲା। ଭାରତ ଆସିବା ପୂର୍ବରୁ ସେ କିଛି ସମୟ ନେପାଳରେ ରହିଥିଲା। ପରେ ପଶ୍ଚିମବଙ୍ଗରେ ରହିବା ଆରମ୍ଭ କରିଥିବା ଜଣେ ଅଧିକାରୀ କହିଛନ୍ତି।

## ମୁମ୍ବାଇରେ ଭୟଙ୍କର ଭୂସ୍ଖଳନ: ମାଟି ତଳେ ଚାପି ହୋଇ ୫ ମୃତ

ମୁମ୍ବାଇ,୧୨।୮: ମହାରାଷ୍ଟ୍ରର ରାଜଧାନୀ ମୁମ୍ବାଇରେ ଲଗାଣ ବର୍ଷା ମଧ୍ୟରେ ବଡ଼ ଅଘଟଣ। ବୁଧବାର ଭୋର ପ୍ରାୟ ୩ଟା ସମୟରେ କୁର୍ଲାର ଅଶୋକନଗର ଅଞ୍ଚଳରେ ଭୂସ୍ଖଳନ ହେବାରୁ ଅନେକ ଲୋକ ମାଟି ଓ ଭଗ୍ନାବଶେଷ ତଳେ ଚାପି ହୋଇଯାଇଥିବା ଆଶଙ୍କା କରାଯାଉଛି। ଏହି ଘଟଣାରେ ଏପର୍ଯ୍ୟନ୍ତ ୫ ଜଣଙ୍କ ମୃତ୍ୟୁ ନେଇ ସୂଚନା ମିଳିଛି। ଆହୁରି କିଛି ଲୋକ ମାଟି ତଳେ ଫସିଥିବା ଆଶଙ୍କା ରହିଛି। ଘଟଣାର ଖବର ପାଇବା ମାତ୍ରେ ପୋଲିସ, ବିଏମସି, ଏନଡିଆରଏଫ୍ ସମେତ ବିଭିନ୍ନ ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ମାଟି ଓ ଭଗ୍ନାବଶେଷ ହଟାଇ ଫସିଥିବା ଲୋକଙ୍କୁ ଖୋଜିବା ପାଇଁ ଜୋରଦାର ରେସ୍କ୍ୟୁ ଅପରେସନ୍ ଜାରି ରହିଛି। ପୋଲିସର ସୂଚନା ଅନୁସାରେ, ଘାଟକୋପର ପୋଲିସ ଷ୍ଟେସନ୍ ଅଧୀନ ଅଶୋକନଗର ଅଞ୍ଚଳରେ ଏହି ଭୂସ୍ଖଳନ ଘଟିଛି। ଡିସିପି ଗଣେଶ ସିନ୍ଦେଙ୍କ ଅନୁସାରେ, ଭୋର ପ୍ରାୟ ୩ଟାରେ ଏହି ଅଘଟଣ ଘଟିଥିଲା।

## ଆରମ୍ଭ ହେବ 'ଯନ୍ତର ମନ୍ତର ସିଜନ୍- ୨'

ନୂଆଦିଲ୍ଲୀ,୧୨।୮: କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ପ୍ରତିଷ୍ଠାତା ଅଭିଜିତ୍ ଦୀପକେ ଏକ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଇନଷ୍ଟାଗ୍ରାମରେ ଅନେକ ଲୋକ କମେଣ୍ଟ କରି ପଚାରୁଥିଲେ ଯେ 'ଯନ୍ତର-ମନ୍ତର ସିଜିନ୍- ୨' କେବେ ଆରମ୍ଭ ହେବ ? ମୁଁ ସେମାନଙ୍କୁ କହିବାକୁ ଚାହେଁ ଯେ ଯନ୍ତର-ମନ୍ତର ସିଜିନ୍- ୨ ବହୁତ ଶୀଘ୍ର ଆରମ୍ଭ ହେବାକୁ ଯାଉଛି । ତେବେ ଏଥର ସେ କେଉଁ ପ୍ରସଙ୍ଗକୁ ନେଇ ସ୍ୱର ଉତ୍ତୋଳନ କରିବେ ସେ ନେଇ ଦୀପକେ କୌଣସି ସ୍ପଷ୍ଟ ସୂଚନା ଦେଇ ନାହାନ୍ତି । ତଥାପି ଏହାକୁ ତାଙ୍କର ଗତ କିଛିଦିନ ପୂର୍ବର ସେହି ବିବୃତ୍ତି ସହ ଯୋଡ଼ି ଦେଖାଯାଉଛି, ଯେଉଁଥିରେ ସେ କହିଥିଲେ ଯେ ଗାଁରେ ସରକାରୀ ସ୍କୁଲଗୁଡ଼ିକର ସ୍ଥିତି ସୁଧାରିବା ପାଇଁ ଏକ ଦେଶବ୍ୟାପୀ ଅଭିଯାନ ଆରମ୍ଭ ହେବ।

## ଜିମ୍ବାୱେ କାରିବା ହ୍ରଦରେ ଡଙ୍ଗା ଦୁର୍ଘଟଣା: ୧୫ ମୃତ, ୨୭ ନିଖୋଜ

ନୂଆଦିଲ୍ଲୀ,୧୨।୮ : ଜିମ୍ବାୱେରେ ବଡ଼ ଅଘଟଣ । କାରିବା ହ୍ରଦରେ ନୌକା ବୁଡ଼ି ୧୫ ଜଣଙ୍କ ମୃତ୍ୟୁ ଅନେକ ନିଖୋଜ। କାରିବା ହ୍ରଦରେ ଏକ ଯାତ୍ରୀବାହୀ ନୌକା ବୁଡ଼ିଯିବା ଯୋଗୁଁ ବଡ଼ ଧରଣର ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ଅତି କମରେ ୧୫ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୭ ଜଣ ଏବେ ବି ନିଖୋଜ ଅଛନ୍ତି । ପ୍ରାଥମିକ ସୂଚନାରେ ନୌକାରେ ୯୫ ଜଣ ଯାତ୍ରୀ ଥିବା କୁହାଯାଇଥିଲେ ହେଁ, ପରବର୍ତ୍ତୀ ତଦନ୍ତରୁ ଜଣାପଡିଛି ଯେ, ଫେରିରେ ପ୍ରାୟ ୧୧୯ ଜଣ ଲୋକ ଥିଲେ । ଡଙ୍ଗାର ସର୍ବାଧିକ କ୍ଷମତା ମାତ୍ର ୯୦ ଜଣ ଥିଲା । କ୍ଷମତାଠାରୁ ଅଧିକ ଯାତ୍ରୀଙ୍କୁ ନେଇ ଯାଉଥିବାବେଳେ ଡଙ୍ଗାଟି ଓଲଟି ପଡ଼ିଥିବା କୁହାଯାଉଛି । ପରେ ୭୭ ଜଣ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ନିକଟସ୍ଥ ଏକ ଦ୍ୱୀପକୁ ସ୍ଥାନାନ୍ତର କରାଯାଇଛି । ସ୍ଥାନୀୟ ପ୍ରଶାସନ, ସେନା, ଏବଂ ପୋଲିସର 'ସବ୍-ଆକ୍ୱା' ୟୁନିଟ୍ ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି ।

## ବନ୍ଧୁକ ଦେଖାଇ ଆତଙ୍କରାଜ: ବନ୍ଧୁକ ଜବତ, ଜଣେ ଗିରଫ



ବୁଗୁଡ଼ା(ନିପ୍ର): ବୁଗୁଡ଼ା ଥାନା ମାଣିତରା ପଞ୍ଚାୟତ ଅନ୍ତର୍ଗତ ତାମ୍ବିରି ଗ୍ରାମରେ ହାତରେ ବନ୍ଧୁକ ଧରି ଆତଙ୍କ ଖେଳାଉଥିବା ବେଳେ ପୁଲିସ ଗ୍ରାମରେ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିବା ସହ ଚୋରା ବନ୍ଧୁକ ଜବତ କରିଛି । ଗିରଫ ବ୍ୟକ୍ତି ଜଣକ ହେଲେ ତାମ୍ବିରି ଗ୍ରାମର ଜଗନ୍ନାଥ ପ୍ରଧାନ(୪୧)। ଗତକାଲି ରାତିରେ ଜଗନ୍ନାଥ ନିଶାଗ୍ରସ୍ତ ଅବସ୍ଥାରେ ହାତରେ ବନ୍ଧୁକ ଧରି ନାଛିଦେବି ନାଛିଦେବି ବୋଲି ପାଟି କରୁଥିବା ବେଳେ ପାଟ୍ରୋଲିଂରେ ଯାଇଥିବା ପୁଲିସ ଟିମ୍ ତାକୁ କାବୁକରି ନେଇଥିଲେ। ଏ ନେଇ କେସ ନଂ ୩୯୩/୨୬ରେ ଏକ ମାମଲା ରୁଜୁକରି ଜଗନ୍ନାଥଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସଆଇ ଅଜୟ କୁମାର ମଲ୍ଲିକଙ୍କଠାରୁ ପ୍ରକାଶ ପାଇଛି।

### ସମ୍ବେଦନଶୀଳ ମାମଲାରେ ଓଡ଼ିଶା ପୋଲିସର ସଫଳତା

# ୬୬ ପୋଲିସ ଅଧିକାରୀ ଓ ସରକାରୀ ଆଇନଜୀବୀଙ୍କୁ ସମ୍ମାନିତ କଲେ ଡିଜିପି

ଭୁବନେଶ୍ୱର(ନି.ପ୍ର): ସମ୍ବେଦନଶୀଳ ତଥା ଗୁରୁତ୍ୱପୂର୍ଣ୍ଣ ଅପରାଧିକ ମାମଲାରେ ସଫଳ ଦଣ୍ଡବିଧାନ ସୁନିଶ୍ଚିତ କରିବା ସହ ତଦନ୍ତ ଓ ଆଇନଗତ ପ୍ରକ୍ରିୟାରେ ଉତ୍କୃଷ୍ଟ ଅବଦାନ ପାଇଁ ଓଡ଼ିଶା ପୋଲିସର ଅଧିକାରୀ ଏବଂ ସରକାରୀ ଆଇନଜୀବୀଙ୍କୁ ଆଜି ସମ୍ମାନିତ କରାଯାଇଛି। ଭୁବନେଶ୍ୱରସ୍ଥିତ ପୋଲିସ ଭବନଠାରେ ଓଡ଼ିଶା ପୋଲିସ କ୍ରାଇମବ୍ରାଞ୍ଚ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଫଳ ଦଣ୍ଡବିଧାନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଜିଲ୍ଲା ପୋଲିସ ଅଧିକ୍ଷକ, ତଦାରଖ ଅଧିକାରୀ, ସରକାରୀ ଆଇନଜୀବୀ ଓ ତଦନ୍ତକାରୀ ଅଧିକାରୀଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ମୋଟ ୬୬ ଜଣଙ୍କୁ ସମ୍ମାନିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ୨୪ ଜଣ ତଦନ୍ତକାରୀ ଅଧିକାରୀ, ୧୧ ଜଣ ତଦାରଖ ଅଧିକାରୀ, ୨୩ ଜଣ ସରକାରୀ ଆଇନଜୀବୀ ଏବଂ ୮ଜଣ ଏସ୍‌ପି ଅଛନ୍ତି। ସମ୍ମାନିତ ଅଧିକାରୀମାନଙ୍କ ମଧ୍ୟରେ ଡ. ଉମା ଶଙ୍କର ଦାଶ, ଆଇପିଏସ, ଆଇଜିପି (ଗୃହରକ୍ଷୀ ଓ ଅଗ୍ନିଶମ ସେବା), ସ୍ମିଥ ପି. ପରମାର, ଆଇପିଏସ, ତତ୍କାଳୀନ ଏସପି, ଝାରସୁଗୁଡ଼ା, ରୋହିତ ବର୍ମା, ଆଇପିଏସ, ଏସପି, କୋରାପୁଟ, ହରିଶ ବି.ସି., ଆଇପିଏସ, ତତ୍କାଳୀନ ଏସପି, କନ୍ଧମାଳ, ଶୁଭେନ୍ଦୁ କୁମାର ପାତ୍ର, ଆଇପିଏସ, ତତ୍କାଳୀନ ଏସପି, କନ୍ଧମାଳ, ନିତିନ କୁଶଲକର, ଆଇପିଏସ, ଏସପି, କେନ୍ଦୁଝର, ଡ.ସରବଣା ବିବେକ ଏମ୍., ଆଇପିଏସ, ଏସପି, ବ୍ରହ୍ମପୁର, ମୁକେଶ କୁମାର ଭାମୁ, ଆଇପିଏସ, ଏସପି, ସମ୍ବଲପୁର ଏବଂ ରାହୁଲ ଗୋଏଲ, ଆଇପିଏସ, ପୂର୍ବତନ ଏସଡିପିଓ, ବାଲିଗୁଡ଼ା ପ୍ରମୁଖ ଉପସ୍ଥିତ ରହି ପ୍ରଶଂସା ପତ୍ର ଗ୍ରହଣ କରିଥିଲେ। ଏହା ସହ ଏହି ବିଭିନ୍ନ ଜିଲ୍ଲାର ତଦାରଖକାରୀ ଅଧିକାରୀ, ସରକାରୀ ଓକିଲ ଓ ତଦନ୍ତକାରୀ ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସମାରୋହରେ 'ନ୍ୟାୟ ସଂହିତା ପ୍ରଦର୍ଶନୀ–୨୦୨୬'ର ସଫଳ ଆୟୋଜନରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ପୁଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ମଧ୍ୟ ପ୍ରଶଂସିତ କରାଯାଇଥିଲା। ନୂତନ ଅପରାଧିକ ଆଇନ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଏବଂ ଆଇନଗତ ସାକ୍ଷରତା ବୃଦ୍ଧି କରିବା ଦିଗରେ ପ୍ରଦର୍ଶନୀଟି ଏକ ଗୁରୁତ୍ୱପୂର୍ଣ୍ଣ ଜନସଚେତନତା ପଦକ୍ଷେପ ଥିଲା। ଉଲ୍ଲେଖଯୋଗ୍ୟ ଯେ, ଭୁବନେଶ୍ୱରର ୟୁନିଟ୍-୩ସ୍ଥିତ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ୬ରୁ ୧୨ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ଏହି ସପ୍ତାହବ୍ୟାପୀ ପ୍ରଦର୍ଶନୀକୁ ଏକ ଲକ୍ଷରୁ ଅଧିକ ଲୋକ ପରିଦର୍ଶନ କରିଥିଲେ। ଡିଜିପିଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟିର ଯୋଜନା ଓ ଅପରାଧ ଶାଖାର ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହା ସଫଳତାର ସହ କାର୍ଯ୍ୟକାରୀ ହୋଇଥିଲା। ଏହି ଅବଦାନ ପାଇଁ ୧୫ ଜଣ ଅଧିକାରୀଙ୍କୁ ଡିଜିପିଙ୍କ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ନିଜ ଅଭିଭାଷଣରେ ଡିଜିପି ଶ୍ରୀ ଖୁରାନିଆ କହିଥିଲେ ଯେ ୧ଜୁଲାଇ ୨୦୨୪ରୁ ଲାଗୁ ହୋଇଥିବା ନୂତନ ଅପରାଧିକ ଆଇନଗୁଡ଼ିକ ଅପରାଧିକ ନ୍ୟାୟ ପ୍ରକ୍ରିୟାକୁ ଅଧିକ ପୀଡ଼ିତ-କେନ୍ଦ୍ରିକ, ଫୋରେନସିକ୍-ଆଧାରିତ ଏବଂ ସମୟ ସୀମା ମଧ୍ୟରେ ଶେଷ ହୋଇପାରୁଛି। ସଫଳ ଦଣ୍ଡବିଧାନ କରିବା ପଛରେ ତଦନ୍ତକାରୀ ଅଧିକାରୀ ଓ ସରକାରୀ ଆଇନଜୀବୀଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରହିବା ଯୋଗୁଁ ଦୋଷୀ ସାବ୍ୟସ୍ତ ହାର ବୃଦ୍ଧି ପାଇଛି ବୋଲି ସେ ଉଲ୍ଲେଖ କରିଥିଲେ। ଅପରାଧସ୍ଥଳରୁ ଆରମ୍ଭ କରି ଅଦାଲତରେ ଅନ୍ତିମ ଯୁକ୍ତି ଉପସ୍ଥାପନ ପର୍ଯ୍ୟନ୍ତ ଉଭୟ ପକ୍ଷର ସମନ୍ୱିତ ପ୍ରୟାସ ଦୋଷ ସାବ୍ୟସ୍ତ ହାର ବୃଦ୍ଧିରେ ସହାୟକ ହୋଇଛି ବୋଲି ସେ କହିଥିଲେ। ଏହି ସମାରୋହରେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଡିଆଇଜି (ଏସଟିଏଫ) ଡ.କନୱର ବିଶାଳ ସିଂହ, ଡିଆଇଜି (କ୍ରାଇମବ୍ରାଞ୍ଚ) ବାତୁଳା ଗଙ୍ଗାଧର, ଡିଆଇଜି (କ୍ରାଇମବ୍ରାଞ୍ଚ) ମଡକର ସନ୍ଦୀପ ସମ୍ପତ, ଏସପି (କ୍ରାଇମବ୍ରାଞ୍ଚ) ବିବେକାନନ୍ଦ ଶର୍ମାଙ୍କ ସମେତ ପୋଲିସ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଭିଜିଲାନ୍ସ ଜାଲରେ ଆର୍‌ଆଇ: ୫ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଲେ



କଟକ(ନିପ୍ର): ଭିଜିଲାନ୍ସ ଜାଲରେ ଆରଆଇ । ୫ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଲେ ଜଣେ ଆରଆଇ । ବାଲେଶ୍ୱର ଜିଲ୍ଲା ଖଇରା ତହସିଲ ତୁଡ଼ିଗଡ଼ିଆର ଆରଆଇ ଶରତ କୁମାର ସେଠୀ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଛନ୍ତି । ଜମି ପଟ୍ଟା ପାଇଁ ଅନୁକୂଳ ରିପୋର୍ଟ ଦେବା ଏବଂ ଜମିର ପଟ୍ଟା ପ୍ରଦାନ ପ୍ରକ୍ରିୟାରେ ସହଯୋଗ କରିବା ପାଇଁ ଶ୍ରୀ ସେଠୀ ୫ ହଜାର ଟଙ୍କା ଲାଞ୍ଚ ନେଉଥିଲେ । ଜଣେ ଆବେଦନକାରୀ ତାଙ୍କ ପୈତୃକ ଜମିର ମ୍ୟୁଟେସନ୍ କରି ଜେଜେବାପାଙ୍କ ନାଁରେ ଆର୍ ଓଆର୍ ପାଇଁ ଆବେଦନ କରିଥିଲେ । ଆର୍‌ଆଇ ଶରତ କୁମାର ସେଠୀ ପ୍ରକ୍ରିୟାକରଣରେ ବିଳମ୍ବ କରିବା ସହ ଅନୁକୂଳ ରିପୋର୍ଟ ଦେବା ପାଇଁ ୫ ହଜାର ଟଙ୍କା ଦାବି କରିଥିଲେ । ଲାଞ୍ଚ ଦେବାକୁ ଅନିଚ୍ଛୁକ ଆବେଦନକାରୀ ଏନେଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ଭିଜିଲାନ୍ସର ଏକ ଟିମ୍ ଖଇରା ତହସିଲ ଅଧୀନ ତୁଡ଼ିଗଡ଼ିଆ ଆର୍‌ଆଇଙ୍କ କାର୍ଯ୍ୟାଳୟ କୋଠରିରେ ଚଢ଼ାଉ କରିଥିଲା । ଅଭିଯୋଗକାରୀଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଶରତ କୁମାର ସେଠୀଙ୍କୁ ଧରିଥିଲା ଭିଜିଲାନ୍ସ ଟିମ୍ । ତାଙ୍କ ନିକଟରୁ ଲାଞ୍ଚ ଟଙ୍କା ଜବତ କରାଯାଇଛି । ଆର୍ ଆଇ ଶରତ କୁମାର ସେଠୀଙ୍କ ବାସଗୃହ ସହ ଅନ୍ୟ ୨ଟି ସ୍ଥାନରେ ତଲାସୀ ଜାରି ରହିଛି । ବାଲେଶ୍ୱର ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଆର୍ ଆଇଙ୍କ ବିରୋଧରେ ତଦନ୍ତ ଜାରି ରହିଛି।

## ଡିଭାଇଡରକୁ ଧକ୍କା ଦେଲା ଯାତ୍ରୀବାହୀ ବସ୍



ହିଞ୍ଜିଳିକାଟୁ(ନିପ୍ର): ୫୯ନଂ ଜାତୀୟ ରାଜପଥ ତଥା ହିଞ୍ଜିଳି ଥାନା ମକରଝୋଳ ଛକ ନିକଟବର୍ତ୍ତୀ ଏକ ପେଟ୍ରୋଲ ପମ୍ପ ସମ୍ମୁଖ ରାସ୍ତାରେ ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ଘଟଣା ଘଟିଛି। ମଙ୍ଗଳବାର ରାତିରେ ବ୍ରହ୍ମପୁରଠାରୁ ଓଡିଶା ରାଜ୍ୟ ସଡକ ପରିବହନ ବିଭାଗର ଏକ ଯାତ୍ରୀବାହୀ ବସ୍ (ଓଡି୩୩ଏଡବ୍ଲ୍ୟୁ ୨୯୪୬)ଫୁଲବାଣୀ ଅଭିମୁଖେ ଯାଉଥିବା ବେଳେ ହିଞ୍ଜିଳି ଥାନା ମକରଝୋଳ ଛକ ନିକଟବର୍ତ୍ତୀ ଏକ ପେଟ୍ରୋଲ ପମ୍ପ ସମ୍ମୁଖ ୫୯ନଂ ଜାତୀୟ ରାଜପଥ ମଧ୍ୟସ୍ଥ ଡିଭାଇଡରକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ କେହି ଗୁରୁତର ଆହତ ହୋଇନଥିବା ଜଣାପଡିଛି। ଖବରପାଇ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ବସରେ ଯାତ୍ରା କରୁଥିବା ଯାତ୍ରୀଙ୍କୁ ଉଦ୍ଧାର କରି ଅନ୍ୟ ଏକ ଯାତ୍ରୀବାହୀ ବସ୍ ଯୋଗେ ଗନ୍ତବ୍ୟ ସ୍ଥଳକୁ ପଠାଇଥିଲା। ତେବେ ବସ୍ ଚାଳକଙ୍କ ଆଖି ଲାଗିଯିବାରୁ ଏଭଳି ଦୁର୍ଘଟଣା ଘଟିଥିବା ଜଣାପଡିଛି। ସଂପୃକ୍ତ ସ୍ଥାନରେ ଆଲୋକୀକରଣ ବ୍ୟବସ୍ଥା ନଥିବା ଏବଂ ସେହି ସ୍ଥାନଠାରୁ ରାସ୍ତା ମଧ୍ୟସ୍ଥ ଡିଭାଇଡର ଆରମ୍ଭ କରାଯାଇଥିବା ବେଳେ କୌଣସି ସାଙ୍କେତିକ ଚିହ୍ନ ଦର୍ଶାଯାଇ ନଥିବାରୁ ସଂପୃକ୍ତ ସ୍ଥାନରେ ବହୁ ସମୟରେ ଛୋଟବଡ ଦୁର୍ଘଟଣା ଘଟି ବହୁ ଧନଜୀବନ ନଷ୍ଟ ହେଉଥିବା ନଜିର ରହିଛି। ଜାତୀୟ ରାଜପଥ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ଭ୍ୟାନିଟ ଲୁଟେରା ଧରାପଡିଲା

ଭୁବନେଶ୍ୱର(ନି.ପ୍ର): ରାସ୍ତାରୁ ମହିଳାଙ୍କ ଭ୍ୟାନିଟ ଲୁଟ କରିବା ଅଭିଯୋଗରେ ପାହାଲ ଥାନା ପୁଲିସ ଫିରୋଜ ଖାନ ଓରଫ ରାଜୁ। ଏନେଇ ପୁଲିସ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ବୈଜୟନ୍ତୀ ରଥ ପାହାଲ ଥାନା ଅନ୍ତର୍ଗତ ବାଙ୍ଗୁଆରୀ ସ୍ଥିତ ଶ୍ରୀଗୁରୁ ଭିଲ୍ଲାରେ ରୁହନ୍ତି। ଗତ ୨୪.୦୭.୨୦୨୬ ସନ୍ଧ୍ୟାରେ ସେ ନିଜ ସାନ ଭଉଣୀଙ୍କ ସହ ଅଫିସ୍‌ରୁ ସ୍କୁଟିରେ ଘରକୁ ଫେରୁଥିଲେ। ସାନ ଭଉଣୀ ସ୍କୁଟି ଚଳାଉଥିବା ବେଳେ, ସେ ପଛରେ ବସିଥିଲେ। ଫେରିବା ସମୟରେ ଜଣେ ଅଜ୍ଞାତ ବ୍ୟକ୍ତି ଏକ ମୋଟରସାଇକେଲ ଯୋଗେ ତାଙ୍କର ପିଛା କରି ଆସିବା ସହ ପାହାଲ ମାର୍କେଟ୍ ସ୍ଥିତ 'କାରମାର୍ଟ' ସମ୍ମୁଖରେ ହଠାତ ତାଙ୍କ ଭ୍ୟାନିଟି ବ୍ୟାଗ୍‌ଟିକୁ ବଳପୂର୍ବକ ଛଡ଼ାଇ ନେଇଯାଇଥିଲେ। ଉକ୍ତ ବ୍ୟାଗ୍‌ରେ ଏକ ମୋବାଇଲ୍ ଫୋନ୍, ପ୍ରାୟ ୧୫ଗ୍ରାମ ଓଜନର ସୁନା ଚେନ୍, ଦୁଇଟି ମୁଦି ଏବଂ ୧୫,୦୦୦ ଟଙ୍କା ନଗଦ ଥିଲା। ବ୍ୟାଗ୍‌ଟି ବଞ୍ଚାଇବା ପାଇଁ ସେ ନିଜର ସମସ୍ତ ଶକ୍ତି ଲଗାଇ ପ୍ରତିରୋଧ କରିଥିଲେ। ତଥାପି ଦୁର୍ବୃତ୍ତ ତାଙ୍କଠାରୁ ବ୍ୟାଗ୍‌ଟି ଛଡ଼ାଇ ନେଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ଏହି ସମୟରେ ଉଭୟ ଭଉଣୀ ସ୍କୁଟିରୁ ରାସ୍ତା ଉପରେ ପଡ଼ିଯାଇଥିଲେ। ଏହି ଘଟଣା ପରେ ସେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏହି ମାମଲାର ତଦନ୍ତ କାଳରେ ଘଟଣା ସ୍ଥଳ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ମାମଲାର ଅଧିକ ତଦନ୍ତ କାଳରେ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଚଡଉ ଜରିଆରେ ପୁଲିସ ଅଭିଯୁକ୍ତ ରାଜୁ ଓରଫ ଫରାଜ ଖାଁଙ୍କୁ ତାଙ୍କ ଘରୁ କାବୁ କରିବାରେ ସକ୍ଷମ ହୋଇଥିଲେ। ଛାନଭିନ ସମୟରେ ଅଭିଯୁକ୍ତ ରାଜୁ ନିକଟରୁ ୩ଟି ମୋବାଇଲ ଫୋନ ଏବଂ ଘଟଣାରେ ବ୍ୟବହୃତ ମୋଟରସାଇକେଲ ଜବତ କରାଯାଇଥିଲା। ଅଭିଯୁକ୍ତ ଜଣକ ଏହି ଭଳି ସମାନ ଢଙ୍ଗରେ ଅନ୍ୟ ଦୁଇଟି ଲୁଟ ଘଟଣା ମଧ୍ୟ ଘଟାଇଥିଲେ। ଯାହାକୁ ନେଇ ତାଙ୍କ ନାମରେ ପାହାଲ ଥାନା କେସ ନମ୍ବର-୩୧୨/୨୦୨୬ ରୁଜୁ ହୋଇଥିବା ବେଳେ, ତାହା ଏବେ ତଦନ୍ତାଧୀନ ରହିଛି। ଏହି ମାମଲାରେ ଜଣେ ମହିଳାଙ୍କ ନିକଟରୁ ଲୁଟ ହୋଇଥିବା ଏକ ଛିଣ୍ଡା ସୁନା ଚେନ ମଧ୍ୟ ଅଭିଯୁକ୍ତଙ୍କ ନିକଟରୁ ଜବତ କରାଥିଲା। ଏତଦବ୍ୟତୀତ ଅଭିଯୁକ୍ତଙ୍କ ନାମରେ ମଧ୍ୟ ଶହୀଦନଗର ଥାନା, ମୈତ୍ରୀବିହାର ଥାନା ଓ ଲକ୍ଷ୍ମୀସାଗର ଥାନାରେ ଗୋଟିଏ ଲେଖାଏଁ ମାମଲା ରହିଥିବା ଜଣାପଡିଛି।

## ଆକ୍ରମଣ କରି ଲୁଟ୍, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନି.ପ୍ର): ପଥଚାରୀଙ୍କୁ ଆକ୍ରମଣ କରି ଲୁଟ କରିବା ଅଭିଯୋଗରେ ଖାରବେଳନଗର ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ପରେଶ ପଟ୍ଟନାୟକ ଓରଫ ରାହୁଲ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଗତ ୦୭.୦୮.୨୦୨୬ ରାତି ପ୍ରାୟ ୧୦ଟା ସମୟରେ ଭୁବନେଶ୍ୱର ରେଳ ଷ୍ଟେସନ୍ ନିକଟସ୍ଥ ରିଚି ହୋଟେଲ୍ ନିକଟରେ ଚାରିଜଣ ଅଜ୍ଞାତ ବ୍ୟକ୍ତି ଅଭିଯୋଗକାରୀ ବିଶେଶ୍ୱର ଭୂୟାଁଙ୍କୁ ଆକ୍ରମଣ କରି ତାଙ୍କ ମୋବାଇଲ୍ ଫୋନ୍ ଓ ୧,୦୦୦ ଟଙ୍କା ଥିବା ୱାଲେଟ୍ ଛଡ଼ାଇ ନେଇଥିଲେ। ପ୍ରତିରୋଧ କରିବାରୁ ଜଣେ ଅଭିଯୁକ୍ତ ବାଉଁଶ ବାଡ଼ିରେ ତାଙ୍କ ମୁଣ୍ଡକୁ ଆଘାତ କରିଥିବା ସହ ସେମାନେ ତାଙ୍କୁ ଧମକ ମଧ୍ୟ ଦେଇଥିଲେ। ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ସେ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଚିକିତ୍ସିତ ହୋଇଥିଲେ। ଏହି ମାମଲାର ତଦନ୍ତ ସମୟରେ ପୁଲିସ ଖାରବେଳନଗର ଥାନା କେସ୍ ନଂ-୫୧୯/୨୦୨୬ରେ ଜଣେ ଅଭିଯୁକ୍ତା ତମନ୍ନା ପରୱିନ୍‌ଙ୍କୁ ଗିରଫ କରି ଗତ ୧୦.୦୮.୨୦୨୬ରେ ଅଦାଲତ ଚାଲାଣ କରିଥିଲେ। ପଚରାଉଚରାରେ ସେ ନିର୍ମଳ, ରାହୁଲ ଓ ପ୍ରକାଶଙ୍କ ସହ ମିଶି ଏହି ଅପରାଧ ଘଟାଇଥିବା କହିଥିଲେ। ଗତ ୧୦.୦୮.୨୦୨୬ରେ ଅଭିଯୁକ୍ତ ନିର୍ମଳ କୁମାର ମଲିକ ଓରଫ କୀର୍ତ୍ତନଙ୍କୁ ମଧ୍ୟ ଗିରଫ କରାଯାଇ ଅଦାଲତରେ ହାଜର କରାଯାଇଥିଲା। ପଚରାଉଚରାରେ ସେ ଲୁଟ ମୋବାଇଲ୍, ୱାଲେଟ୍ ଓ ବଳକା ୬୦୦ ଟଙ୍କା ରାହୁଲ ଓ ଅନ୍ୟ ସହଯୋଗୀଙ୍କ ପାଖରେ ଥିବା କହିଥିଲେ। ଅଧିକ ତଦନ୍ତ କାଳରେ ପୁଲିସ ଅଭିଯୁକ୍ତ ପରେଶ ପଟ୍ଟନାୟକ ଓରଫ ରାହୁଲଙ୍କୁ ଗିରଫ କରିଥିଲେ। ଅଧିକ ପଚରାଉଚରା ସମୟରେ ଅଭିଯୁକ୍ତ ପରେଶ କହିଥିଲା ଯେ, ଅପରାଧରେ ବ୍ୟବହୃତ ୱାଲେଟ୍ ଓ ବାଉଁଶ ବାଡ଼ିକୁ ସେ ଫୋପାଡି ଦେଇଥିବା ବେଳେ, ଲୁଟ ଟଙ୍କାରୁ ବଳକା ୬୦୦ ଟଙ୍କାକୁ ସେ ନିଜେ, ତମନ୍ନା ପରୱିନ୍ ଓ ପ୍ରକାଶ ମିଶି ଖର୍ଚ୍ଚ କରିଦେଇଥିଲେ।

### ବାଲିଅନ୍ତାରେ ସୌମ୍ୟ ଘଟଣାର କି ପୁନରାବୃତ୍ତି !

# ମରଣାନ୍ତକ ଆକ୍ରମଣ ପରେ ହସ୍ପିଟାଲ ବେଡ୍‌ରେ ଲକ୍ଷ୍ମୀଧର




ଭୁବନେଶ୍ୱର: ପୁଣି ବାଲିଅନ୍ତାରେ ଉତ୍ତେଜନା । ରିପିଟ୍ ହେଲା ସୌମ୍ୟ ଘଟଣା । ବ୍ରାହ୍ମଣଷଡ଼ଙ୍ଗୀ ଗାଁର ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା ଉଦ୍ୟମ ଅଭିଯୋଗ । ଗୁରୁତର ଅବସ୍ଥାରେ ଏବେ ହସ୍ପିଟାଲ ବେଡରେ ଜୀବନ ସହ ସଂଘର୍ଷ କରୁଛନ୍ତି ଯୁବକ ଲକ୍ଷ୍ମୀଧର ସ୍ୱାଇଁ । ଅଭିଯୁକ୍ତଙ୍କ ପାଖରେ ପୋଲିସ ପହଞ୍ଚି ନଥିବା ଅଭିଯୋଗ ହେଉଛି । ପୋଲିସର ଭୂମିକାକୁ ନେଇ ତାତିଲେ ଗ୍ରାମବାସୀ । ବାଲିଅନ୍ତା ଥାନା ଘେରାଉ କଲେ ସୁଦ୍ଧ ଷଡ଼ଙ୍ଗୀ ଗ୍ରାମବାସୀ । ଏକାଧିକ ମହିଳାଙ୍କ ସହ ଥାନା ସାମ୍ନାରେ ଧାରଣା । ଗତ ରବିବାର ସଂଧ୍ୟାରେ ବ୍ରାହ୍ମଣଷଡ଼ଙ୍ଗୀ ଛକ ନିକଟରେ ଲକ୍ଷ୍ମୀଧରଙ୍କୁ କିଛି ନିଶାସକ୍ତ ଯୁବକ ରଡରେ ପିଟିପିଟି ଫିଙ୍ଗି ଦେଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ରବିବାରଠାରୁ ଘଟଣା ଘଟିଥିଲେ ବି ବାଲିଅନ୍ତା ପୋଲିସ ଏପର୍ଯ୍ୟନ୍ତ କାହିଁକି ଆକ୍ସନକୁ ଆସିନି ? କାହିଁକି ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇନି ପୋଲିସ । ବାଲିଅନ୍ତାରେ ସୌମ୍ୟ ହତ୍ୟାକୁ ନେଇ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହେବା ପରେ ବି ବାଲିଅନ୍ତା ପୋଲିସର ଏଭଳି ନିଷ୍କ୍ରିୟତାକୁ ନେଇ ଉଠିଛି ପ୍ରଶ୍ନ । ସେପଟେ ବାଲିଅନ୍ତା ଥାନା ସାମ୍ନାରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିବାରୁ ନିୟନ୍ତ୍ରଣ ପାଇଁ ମୁତୟନ ହେଲେ ଗୋଟିଏ ପ୍ଲାଟୁନ ପୋଲିସ ଫୋର୍ସ । ଘଟଣାସ୍ଥଳରେ ଦୁଇ ଜଣ ଆଡିସନାଲ ଡିସିପିଙ୍କ ସମେତ ଏସିପି ଉପସ୍ଥିତ ଅଛନ୍ତି । ତିନୋଟି ଥାନାର ତିନି ଜଣ ଆଇଆଇସି ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ଉତ୍ତେଜିତ ଗ୍ରାମବାସୀଙ୍କୁ ପୋଲିସ ପକ୍ଷରୁ ବୁଝାସୁଝା କରାଯାଉଛି । ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଲୋକଙ୍କୁ ପ୍ରତିଶ୍ରୁତି ଦେଉଛି ପୋଲିସ । ନ୍ୟାୟ ଦାବିରେ ଥାନା ଘେରାଉ ପରେ ବାଲିଅନ୍ତା ଥାନା ପରିସରରେ ବଢ଼ିଛି ଉତ୍ତେଜନା ।

## ମରଣାନ୍ତକ ଆକ୍ରମଣ କରି ମା' ଓ ଝିଅ ଗିରଫ

କଟକ(ନିପ୍ର): ସରକାରୀ ଜାଗା ଜବରଦଖଲକୁ ନେଇ ଜଗତପୁର ପୁରୁଣା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟର ଶାନ୍ତି ନଗରରେ ଦୁଇ ପଡୋଶୀଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ଓ ଏହି ଘଟଣାରେ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଜଗତପୁର ଥାନା ପୋଲିସ ମା' ଓ ଝିଅଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମା' ଶାନ୍ତି ନଗରର ଝୁନା ଦାସ (୪୦) ଓ ତାଙ୍କ ଝିଅ ତନୁଶ୍ରୀ ଦାସ (୨୪)। ମିଳିଥିବା ସୂଚନା ଅନୁଯାୟୀ ଦୁଇ ପରିବାର ଶାନ୍ତି ନଗରରେ ସରକାରୀ ଜାଗା ଜବରଦଖଲ କରି ପଡୋଶୀ ଭାବେ ବାସ କରନ୍ତି। ନିକଟରେ ଥିବା ଏକ ଖାଲି ସ୍ଥାନରେ ଅଭିଯୁକ୍ତ କିଛି ଫୁଲ ଗଛ ଲଗାଇଥିଲେ। ଅଭିଯୋଗକାରି ଅଭିଷେକ ଘଡେଇଙ୍କ ମା' ସୁମି ଘଡେଇ ଗତ ୯ ତାରିଖରେ ଫୁଲ ଗଛ ଓପାଡି ସେଠାରେ ବାଉଁଶ ପୋତି ଲୁଗା ଶୁଖାଉ ଥିଲେ। ଏହି ସମୟରେ ଅଭିଯୁକ୍ତଙ୍କ ପରିବାର ଏହାକୁ ବିରୋଧ କରି ଗାଳି ଫଜିତ କରିବା ସହ ବାଉଁଶ ଓ କଟୁରୀରେ ଆକ୍ରମଣ କରିଥିଲେ। ଫଳରେ ସୁମି ଆହତ ହୋଇଥିଲେ। ଏନେଇ ସୁମୀଙ୍କ ପୁତ୍ର ଅଭିଷେକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣା ସ୍ଥଳରେ ପହଂଚି ଆହତ ସୁମିଙ୍କୁ ଚିକିତ୍ସା ପାଇଁ ଏସସିବିକୁ ପଠାଇଥିଲେ। ଅଭିଯୁକ୍ତ ମା' ଓ ଝିଅଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ପରିବାରର ଅନ୍ୟମାନେ ଫେରାର ଅଛନ୍ତି।

### କଟକରେ ବଢୁଛି ନିଶା କାରବାର

# ବାଂଲାଦେଶରୁ ପଶ୍ଚିମବଙ୍ଗ ଦେଇ ଆସୁଛି ବ୍ରାଉନସୁଗାର !

କଟକ(ନିପ୍ର): ନିଶା କବଳରେ କଟକ ସହର । ବାଂଲାଦେଶରୁ ପଶ୍ଚିମବଙ୍ଗ ଦେଇ ଜଳେଶ୍ୱର, ଭଦ୍ରକ ଏବଂ କଟକକୁ ଆସୁଛି ବ୍ରାଉନସୁଗାର। କଟକରେ ଏବେ ୪ରୁ ୫ ଜଣ ମାଫିଆ ଏହି ନେଟୱର୍କ ଚଳାଉଛନ୍ତି। ଅବକାରୀ ଟିମ୍ ଛୋଟ ବ୍ୟବସାୟୀଙ୍କୁ ଧରୁଥିଲେ ବି ମାଫିଆଙ୍କ ପାଖେ ପହଞ୍ଚି ପାରୁନି। ଗତ ୧୫ ଦିନରେ ୬୦୦ ଗ୍ରାମ୍, ୪ ମାସରେ ୧ କେଜି ୨୩୪ ଗ୍ରାମ୍ ବ୍ରାଉନ ସୁଗାର ଜବତ ହୋଇଛି । ବ୍ରାଉନସୁଗାର କାରବାରର ହବ୍ ପାଲଟିଲାଣି କଟକ ସହର। ଗତ ଏପ୍ରିଲରୁ ଜୁଲାଇ ପର୍ଯ୍ୟନ୍ତ ମିଳିଛି ଆଖି ତରାଟିଲା ଭଳି ତଥ୍ୟ। ଜିଲ୍ଲା ଅବକାରୀ ବିଭାଗ ଯେତେ ଚଢ଼ାଉ କରୁଛି ସେତେ ମିଳୁଛି ବ୍ରାଉନସୁଗାର। ଗତ ୧୫ ଦିନରେ ୭ଟି ମାମଲାରେ ଧରାପଡ଼ିଛନ୍ତି ୭ ଜଣ। ୪ ମାସରେ ପ୍ରାୟ ୧ କୋଟି ୨୩ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ ହୋଇଥିବା ବେଳେ ୮ ଜଣ ଗିରଫ ହୋଇଛନ୍ତି। ସେହିପରି ଅବକାରୀ ଗୁଇନ୍ଦା ୟୁନିଟ୍-୨ ଗତ ୪ ମାସରେ ୧୨ଟି ମାମଲାରେ ୧୨ ଜଣଙ୍କୁ ଧରିଥିବା ବେଳେ ୧ କେଜି ୩୯୭ ଗ୍ରାମ୍‌ର ଧଳାଜହର ଜବତ କରିଛି। କଲେଜ ପଢୁଆ ଛାତ୍ର, ବେକାର ଯୁବକମାନେ ନିଶା ମାଫିଆଙ୍କ ଟାର୍ଗେଟ୍‌ରେ ରହୁଛନ୍ତି। ଅବକାରୀ ଟିମ୍ ଚଢ଼ାଉ କରି ଛୋଟ ନିଶା ବ୍ୟବସାୟୀଙ୍କୁ ଧରୁଥିଲେ ମଧ୍ୟ ବଡ଼ ମାଫିଆଙ୍କ ପାଖରେ ପହଞ୍ଚି ପାରୁନଥିବା ଅଭିଯୋଗ ହୋଇଛି। ଯିଏ ବି ଧରାପଡୁଛନ୍ତି ବର୍ଷ ବର୍ଷ ଧରି ମାମଲା ଗଡୁଥିଲେ ବି ଦଣ୍ଡବିଧାନ ହୋଇପାରୁନି। କେବେ ନିଶା କାରବାରର ଅନ୍ତ ହେବ, କେବେ ମାଫିଆଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବ ଅବକାରୀ ବିଭାଗ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରୁଛନ୍ତି ।

# ଫ୍ରଡ୍ କଲ୍‌ରେ ଭୟଭୀତ କରାଇ ଯୁବକଙ୍କଠାରୁ ୨୮,୫୦୦ ଟଙ୍କା ଲୁଟ୍

### ଥାନାରେ ଏତଲା, ଭୟଭୀତ ନ ହେବାକୁ ପୋଲିସର ସଚେତନତା




କାକଟପୁର(ନିପ୍ର): ଦିନକୁ ଦିନ ସାଇବର ଠକେଇର ନୂଆ ନୂଆ ତରିକା ସାମ୍ନାକୁ ଆସୁଥିବାବେଳେ କାକଟପୁର ଅଞ୍ଚଳରେ ଏଭଳି ଏକ ସାଇବର ଠକେଇ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଫ୍ରଡ୍ କଲ୍ ମାଧ୍ୟମରେ ଜଣେ ଯୁବକଙ୍କୁ ଭୟଭୀତ କରାଇ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୨୮,୫୦୦ ଟଙ୍କା ଲୁଟି ନେଇଛନ୍ତି ସାଇବର ଠକ। ଏନେଇ ପୀଡ଼ିତ ଯୁବକ ସ୍ଥାନୀୟ ଥାନାରେ ଲିଖିତ ଏତଲା ଦେଇଛନ୍ତି। ସୂଚନା ଅନୁଯାୟୀ, କାକଟପୁର ବ୍ଲକ ଓଥକା ପଞ୍ଚାୟତ ଅନ୍ତର୍ଗତ ଚଣ୍ଡିକୁଦ ଗ୍ରାମର ସନ୍ତୋଷ ଦାସଙ୍କ ମୋବାଇଲକୁ କିଛିଦିନ ତଳେ ଏକ ଅଜଣା ନମ୍ବରରୁ ଫୋନ୍ ଆସିଥିଲା। ଫୋନ୍ କରିଥିବା ବ୍ୟକ୍ତି ନିଜକୁ ପୋଲିସ ଅଧିକାରୀର ପରିଚୟ ଦେଇ ତାଙ୍କ ନାମରେ ମାମଲା ରହିଥିବା କହିଥିଲେ। ମୋବାଇଲରେ ଆପ୍ ବ୍ୟବହାର ସମ୍ପର୍କରେ ପ୍ରଶ୍ନ କରିବା ସହ ଗିରଫ ଓ ଆଇନଗତ କାର୍ଯ୍ୟାନୁଷ୍ଠାନର ଧମକ ଦେଇ ତାଙ୍କୁ ଭୟଭୀତ କରାଯାଇଥିଲା। ଠକଙ୍କ ଧମକରେ ଯୁବକ ଜଣକ ମାନସିକ ଚାପରେ ପଡ଼ିଯାଇଥିଲେ। ଏହାର ସୁଯୋଗ ନେଇ ଠକମାନେ ତାଙ୍କୁ ତୁରନ୍ତ ଡିଜିଟାଲ୍ ପେମେଣ୍ଟ ମାଧ୍ୟମରେ ଟଙ୍କା ପଠାଇବାକୁ କହିଥିଲେ। ଭୟରେ ସେମାନଙ୍କ ନିର୍ଦ୍ଦେଶ ପାଳନ କରି ଯୁବକ ଜଣକ ଚାରିଥରରେ ମୋଟ ୨୮,୫୦୦ ଟଙ୍କା ପଠାଇଥିବା ଅଭିଯୋଗ ହୋଇଛି। ପରେ ଠକେଇର ଶିକାର ହୋଇଥିବା ଜାଣିପାରି ସେ ସ୍ଥାନୀୟ ଥାନାରେ ଲିଖିତ ଏତଲା ଦେଇଥିଲେ। ଅନ୍ୟପକ୍ଷରେ ଫ୍ରଡ୍ କଲର ଶିକାର ନ ହୋଇ କୌଣସି ମତେ ମୋବାଇଲକୁ ଆସୁଥିବା ଓଟିପି ଓ ଭୟଭୀତ୍ ନ ହେବାକୁ କାକଟପୁର ପୋଲିସ ପକ୍ଷରୁ ବିଭିନ୍ନ ସ୍କୁଲ, କଲେଜ, ବସ୍‌ଷ୍ଟାଣ୍ଡ ସମେତ ବିଭିନ୍ନ ଜାଗାରେ କାକଟପୁର ପୋଲିସ ପକ୍ଷରୁ ଜନ ସଚେତନତା କାର୍ଯ୍ୟକ୍ରମ ଦ୍ୱାରା ବ୍ୟାନର ଷ୍ଟିକର ମାରି ଲୋକଙ୍କୁ ସଜାଗ କରାଯାଉଛି । ଏତଲା ଆଧାରରେ କାକଟପୁର ପୋଲିସ ଏକ ମାମଲା ରୁଜୁକରି ଠକେଇରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି।

## କଣ୍ଟିଲୋ ଅଞ୍ଚଳରେ ବାଇକ ଲୁଟେରା ସକ୍ରିୟ

କଣ୍ଟିଲୋ(ନିପ୍ର): କଣ୍ଟିଲୋ ଫାଣ୍ଡି ଅଞ୍ଚଳରେ ବାଇକ ଲୁଟେରାଙ୍କ ଦୌରାତ୍ମ୍ୟ ସମୟାନୁକ୍ରମେ ବୃଦ୍ଧି ପାଇବାରେ ଲାଗିଛି। କଣ୍ଟିଲୋ ଫାଣ୍ଡି ପୁଲିସର ନିଷ୍କ୍ରିୟତାର ସୁଯୋଗ ନେଇ ବାଇକ ଲୁଟେରାମାନେ ବେଶ ସକ୍ରିୟ ହୋଇଉଠି ନିୟମିତ ବ୍ୟବଧାନରେ ବିଭିନ୍ନ ସ୍ଥାନରୁ ମୂଲ୍ୟବାନ ବାଇକଗୁଡିକ ଲୁଟପାଟ କରୁଥିବା ଜଣାପଡିଛି। ଗତ ୯ ତାରିଖରେ କଣ୍ଟିଲୋ ଅଞ୍ଚଳର ଜନଗହଳିପୂର୍ଣ୍ଣ ସ୍ଥାନ ପ୍ରଭୁ ଶ୍ରୀ ନୀଳମାଧବଙ୍କ ମନ୍ଦିରର ସିଂହ ଦ୍ୱାର ନିକଟରୁ ପୂଜକ ସମୀର ମିଶ୍ରଙ୍କର ବାଇକଟିକୁ କେହି ଲୁଟେରା ଚୋରିକରି ନେଇଥିବା ଜଣାପଡିଛି। ଏ ସଂପର୍କରେ କଣ୍ଟିଲୋ ଫାଣ୍ଡିରେ ସମୀର ଲିଖିତ ଅଭିଯୋଗ କରିଥିଲେ ହେଁ ଘଟଣାର ୩ ଦିନ ପରେ ବି ପୁଲିସ ଲୁଟେରାଙ୍କ ସଂପର୍କରେ ଟେର ପାଇପାରିନାହିଁ କି ଲୁଟ ହୋଇଥିବା ବାଇକଟିକୁ ଉଦ୍ଧାର କରିପାରିନାହିଁ। ଠିକ୍ ଏହି ଘଟଣାର ବର୍ଷକ ତଳେ କଣ୍ଟିଲୋ ଗ୍ରାମ, ବାପୁଜୀନଗର ଅଞ୍ଚଳରୁ ସାମ୍ବାଦିକ ସରୋଜ କୁମାର ମିଶ୍ରଙ୍କ ବାଇକଟିକୁ କେହି ଲୁଟେରା ସ୍ୱଷ୍ଟ ଦିବାଲୋକରେ ବାସଗୃହ ସମ୍ମୁଖରୁ ଚୋରିକରି ନେଇଥିଲା। ଏହି ଘଟଣାରେ କଣ୍ଟିଲୋ ଫାଣ୍ଡି ପୁଲିସ ନାମକୁ ମାତ୍ର ଏକ ମାମଲା ରୁଜୁକରି ନିରବ ରହିବା ଘଟଣାକୁ ନେଇ ସେତେବେଳେ ଚର୍ଚ୍ଚା ଜୋର ଧରିଥିଲା। କଣ୍ଟିଲୋ ଫାଣ୍ଡି କର୍ତ୍ତୃପକ୍ଷଙ୍କ ଉଦାସୀନତାର ସୁଯୋଗ ନେଇ ବାଇକ ଲୁଟେରାମାନେ କଣ୍ଟିଲୋ ଅଞ୍ଚଳରେ ବେଶ ସକ୍ରିୟ ହୋଇ ଉଠିଥିବା ଅଭିଯୋଗ ହେଉଛି। ତେବେ ଏହି ଲୁଟପାଟ ଘଟଣାରେ ଲୁଟେରାଙ୍କ ସହ ସ୍ଥାନୀୟ ଅଞ୍ଚଳର କିଛି ଅସାମାଜିକ ଯୁବକଙ୍କ ହାତ ଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ତେବେ ସ୍ଥାନୀୟ ପୁଲିସ ସେମାନଙ୍କ ସଂପର୍କରେ ଟେର ନ ପାଇବା ପୁଲିସର କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ବାଇକ ଲୁଟେରା ମାନଙ୍କ ଗତିବିଧି ପ୍ରତି ଖଣ୍ଡପଡ଼ା ଏସଡିପିଓ ଓ ପୁଲିସ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ କଣ୍ଟିଲୋ ଓ ବଡବାଣପୁର ପଞ୍ଚାୟତର ସଚେତନ ନାଗରିକମାନେ ଦାବି କରିଛନ୍ତି।

## ଗାଁ ରେ ପହଞ୍ଚି ପାରିଲା ନାହିଁ ଆମ୍ବୁଲାନ୍ସ

ମୁଖୀଗୁଡା୧୨।୮(ନିପ୍ର): ନିଜ ଗାଁ କୁ ଯାଇପାରି ନଥିଲା ଆମ୍ବୁଲାନ୍ସ । ଶେଷରେ ଶବକୁ ଖଟିଆରେ ୮ କିଲୋମିଟର ଦୂର ବୁହା ହୋଇ ନିଆ ଯାଇଥିଲା । କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ୍ ପାଡେପଦର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଭାଟିଫାସ ଗାଁର ଶିବ ମାଝୀ ପରିବାର ପ୍ରତିପୋଷଣ ପାଇଁ ହାଇଦ୍ରାବାଦ ଯାଇଥିଲେ । ସେଠାରେ ଶିବ ମାଝୀଙ୍କ ମୃତ୍ୟୁ ହୋଇଥିଲା । ମୃତଦେହ ଗାଁକୁ ଅଣାଯାଇଥିଲା ।ମୃତଦେହ ନେଇ ଆସିଥିବା ଆମ୍ବୁଲାନ୍ସ ଗାଁ ପର୍ଯ୍ୟନ୍ତ ପହଞ୍ଚି ପାରିନଥିଲା । ଡୁମୁଣୀନାଳ ନିକଟରେ କାଦୁଅ ପଚପଚ ରାସ୍ତା ଯୋଗୁଁ ଅଟକିଯାଇଥିଲା ଆମ୍ବୁଲାନ୍ସ । ପ୍ରାୟ ୮ କିଲୋ ମିଟର ରାସ୍ତା ଅତ୍ୟନ୍ତ ଖରାପ ହୋଇଥିବାରୁ ରାତିସାରା ମୃତଦେହକୁ ସେଠାରେ ରଖିବାକୁ ପଡ଼ିଥିଲା ।ବୁଧବାର ସକାଳେ ପରିବାର ସଦସ୍ୟ ଓ ଗ୍ରାମବାସୀ ଖଟିଆରେ ମୃତଦେହକୁ ବୋହି ଦୀର୍ଘ ୮ କିଲୋମିଟର ରାସ୍ତା ଅତିକ୍ରମ କରି ଖମାରପଦର ଭାଟିଫାସ ଗାଁକୁ ନେଇଥିଲେ ।

# ନନ୍ଦନକାନନରେ ବିଶ୍ୱ ହାତୀ ଦିବସ

**ଭୁବନେଶ୍ୱର, ୧୨/୮(ନିପ୍ର):** ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପକ୍ଷରୁ ବିଭିନ୍ନ ଆକର୍ଷଣୀୟ ଓ ସଚେତନତାମୂଳକ କାର୍ଯ୍ୟକ୍ରମ ସହିତ ବିଶ୍ୱ ହାତୀ ଦିବସ-୨୦୨୬ ପାଳିତ ହୋଇଛି । ଏହି ଅବସରରେ ହାତୀମାନଙ୍କ ପାଇଁ ସ୍ୱତନ୍ତ୍ର ଫିଡିଂ ଏନ୍‌ରିଚ୍‌ମେଣ୍ଟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ବାସନ୍ତୀ, ହୀରା, ଆଶା ଓ ଲିଶା ହାତୀଙ୍କୁ ପ୍ରାକୃତିକ ଖାଦ୍ୟ ଗ୍ରହଣ ଆଚରଣକୁ ଉତ୍ସାହିତ କରିବା ସହ ସେମାନଙ୍କ ପୋଷଣ ଆବଶ୍ୟକତା ପୂରଣ ନିମନ୍ତେ ପୁଷ୍ଟିକର ଫଳ ଖାଦ୍ୟ ଦିଆଯାଇଥିଲା । ହାତୀଙ୍କ ଯତ୍ନ ଓ ପରିଚାଳନାରେ ନିରନ୍ତର ଓ ମୂଲ୍ୟବାନ ଅବଦାନ ପାଇଁ ନନ୍ଦନକାନନର ମାହୁନ୍ତମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ପର୍ଯ୍ୟଟକ ଓ ଛାତ୍ରଛାତ୍ରୀମାନଙ୍କୁ ହାତୀଙ୍କ ଆଚରଣ, କଲ୍ୟାଣ ଓ ସଂରକ୍ଷଣ ସମ୍ପର୍କରେ ସଚେତନ କରିବା ପାଇଁ କିପର୍ସ ଟକ୍, ଅନ୍-ଦ-ସ୍ପଟ୍ କୁଇଜ୍ ଏବଂ ସ୍ୱାକ୍ଷର ଅଭିଯାନ ଆୟୋଜନ କରାଯାଇଥିଲା । ନନ୍ଦନକାନନର ଜୁ ଲାଇବ୍ରେରୀ ଆଣ୍ଡ ଡିଜିଟାଲ୍ ହବ୍‌ରେ ହାତୀ



ସମ୍ପର୍କିତ କାହାଣୀ କଥନ, ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏସୀୟ ଓ ଆଫ୍ରିକୀୟ ହାତୀଙ୍କ ଭୂମିକା ପ୍ରଦର୍ଶନ, ହାତୀ ଓରିଗାମି, ହାତୀ ସଂରକ୍ଷଣ ସମ୍ପର୍କିତ ଚଳଚ୍ଚିତ୍ର ପ୍ରଦର୍ଶନ ଏବଂ ହାତୀ ଚିତ୍ର ଉପରେ ହ୍ୟାଣ୍ଡ ପେଣ୍ଟିଂ ଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିସହିତ ଏଲିଫାଣ୍ଟ ଫ୍ରେମ୍ ମାଧ୍ୟମରେ ଫଟୋ ଉଠାଇବାର ସୁଯୋଗ ପର୍ଯ୍ୟଟକ ମାନଙ୍କ ପାଇଁ ଉତ୍ସବରେ ଏକ ଆନନ୍ଦଦାୟକ ଓ ସ୍ମରଣୀୟ ଅନୁଭୂତି ଯୋଗାଇଥିଲା । କାର୍ଯ୍ୟକ୍ରମର ଶେଷରେ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ଦର୍ଶକଙ୍କ ପାଇଁ ନିର୍ଦ୍ଧାରିତ ସ୍ଥାନରୁ ହାତୀ ଆବାସସ୍ଥଳୀ ପରିଦର୍ଶନ କରାଯାଇଥିଲା । ଏହା ମାଧ୍ୟମରେ ସେମାନେ ହାତୀଙ୍କ ଜୀବବିଜ୍ଞାନ, ଯତ୍ନ ଓ ପରିଚାଳନା ସମ୍ପର୍କରେ ଜାଣିବା ସହ ଏକ୍ସ-ସିଟୁ ସଂରକ୍ଷଣର ବିଭିନ୍ନ ଦିଗକୁ ଅନୁଧ୍ୟାନ କରିବାର ସୁଯୋଗ ପାଇଥିଲେ । ଏହି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ନନ୍ଦନକାନନ ଜୈବ ଉଦ୍ୟାନ ହାତୀଙ୍କ କଲ୍ୟାଣ, ସଂରକ୍ଷଣ ଶିକ୍ଷା ଏବଂ ହାତୀ ଓ ସେମାନଙ୍କ ବାସସ୍ଥଳୀର ସୁରକ୍ଷା ପାଇଁ ଜନସାଧାରଣଙ୍କୁ ପ୍ରେରିତ କରିବା ଦିଗରେ ନିଜର ପ୍ରତିବଦ୍ଧତାକୁ ପୁନଃ ଦୃଢ଼ କରିଛି ।

# ବିଡି, ସିନେମା ଓ ଖଣି ଶ୍ରମିକଙ୍କ ପିଲାଙ୍କ ପାଇଁ ଛାତ୍ରବୃତ୍ତି ପୋର୍ଟାଲରେ ଆବେଦନ

ଭୁବନେଶ୍ୱର, ୧୨/୮(ପିଆଇବି): ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ବିଡି, ସିନେମା ଏବଂ କୋଇଲା ବ୍ୟତୀତ ଅନ୍ୟ ଖଣି ଶ୍ରମିକଙ୍କ ପିଲାମାନଙ୍କ ପାଇଁ ଛାତ୍ର ବୃତ୍ତି ପୋର୍ଟାଲ୍ ଖୋଲାଯାଇଛି । ଇଚ୍ଛୁକ ଛାତ୍ରଛାତ୍ରୀ ଜାତୀୟ ବୃତ୍ତି ପୋର୍ଟାଲ- https://scholarships.gov.in ମାଧ୍ୟମରେ ଛାତ୍ରବୃତ୍ତି ପାଇବା ନିମନ୍ତେ ଆବେଦନ କରିପାରିବେ । ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ୩୧ ଅଗଷ୍ଟ ୨୦୨୬ ସୁଦ୍ଧା ଏବଂ ଏକାଦଶରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ୩୧ ଅକ୍ଟୋବର ୨୦୨୬ ସୁଦ୍ଧା ଏହି ପୋର୍ଟାଲରେ ଆବେଦନ କରିପାରିବେ । ଗତ ଜୁନ୍ ପହିଲା ଠାରୁ ଏହି ପୋର୍ଟାଲ ଖୋଲାଯାଇଛି । ୨୦୨୬-୨୭ ଶିକ୍ଷାବର୍ଷରୁ ଏନଏସପି ପୋର୍ଟାଲରେ ''ଜଣେ ଛାତ୍ର – ଏକାଧିକ ବୃତ୍ତି'' ନିୟମ ଲାଗୁ କରାଯାଇଛି । ଏହି ନୂତନ ନିୟମାନୁସାରେ, ଜଣେ ଯୋଗ୍ୟ ଛାତ୍ର କିମ୍ବା ଛାତ୍ରୀ ଏକ ସଙ୍ଗେ ମେଧା-ଭିତ୍ତିକ ଛାତ୍ରବୃତ୍ତି ଏବଂ କଲ୍ୟାଣ-ଭିତ୍ତିକ ଛାତ୍ରବୃତ୍ତିର ଲାଭ ନେଇପାରିବେ । ତେଣୁ ବିଡି, ସିନେ ଓ ଖଣି ଶ୍ରମିକଙ୍କ ମେଧାବୀ ପିଲାମାନେ କଲ୍ୟାଣ-ଭିତ୍ତିକ ଆର୍ଥିକ ସହାୟତା ସହ ନିଜ ଶୈକ୍ଷିକ ଯୋଗ୍ୟତା ଭିତ୍ତିରେ ମେଧା ଛାତ୍ରବୃତ୍ତି ପାଇଁ ମଧ୍ୟ ପୃଥକ ଭାବେ ଆବେଦନ କରିପାରିବେ । ମାସିକ ୨୧ ହଜାର ଅଥବା ବାର୍ଷିକ ୨ ଲକ୍ଷ ୫୨ହଜାର ଟଙ୍କାରୁ କମ୍ ଅର୍ଥ ରୋଜଗାର କରୁଥିବା ଶ୍ରମିକଙ୍କ ପିଲାମାନେ ଏହି ବୃତ୍ତି ପାଇଁ ଯୋଗ୍ୟ ଅଟନ୍ତି । ପ୍ରଥମରୁ ଚତୁର୍ଥ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବହି ଓ ପୋଷାକ କିଣିବା ଲାଗି ବାର୍ଷିକ ୧ ହଜାର ଟଙ୍କାର ସହାୟତା ଦିଆଯିବ । ପଞ୍ଚମରୁ ଅଷ୍ଟମ ପିଲାଙ୍କ ପାଇଁ ୧୫ଶହ ଟଙ୍କା, ନବମ ଓ ଦଶମ ପିଲାଙ୍କ ପାଇଁ ୨ ହଜାର ଟଙ୍କା, ଏକାଦଶ ଓ ଦ୍ୱାଦଶ ପିଲାଙ୍କ ପାଇଁ ୩ ହଜାର ଟଙ୍କା, ଆଇଟିଆଇ ଓ ପଲିଟେକ୍ନିକ୍ ପାଇଁ ୬ ହଜାର ଟଙ୍କା ଏବଂ ଡିଗ୍ରୀ ପାଠ୍ୟକ୍ରମ ପାଇଁ ୬ ହଜାର ଟଙ୍କାର ବାର୍ଷିକ ବୃତ୍ତି ଯୋଗାଇ ଦିଆଯିବ । ଏହାବ୍ୟତୀତ ପ୍ରବେଶିକା ପରୀକ୍ଷା ଆବଶ୍ୟକ ହେଉଥିବା ବୃତ୍ତିଗତ ପାଠ୍ୟକ୍ରମ ଲାଗି ୨୫ ହଜାର ଟଙ୍କାର ବାର୍ଷିକ ବୃତ୍ତି ବ୍ୟବସ୍ଥା ରହିଛି ।

## ଆଜି ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ବନକଲାଗି ନୀତି

**ପୁରୀ, ୧୨/୮(ନିପ୍ର):** ବୁଧବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ଚିତାଲାଗି ନୀତି ଅନୁଷ୍ଠିତ ହୋଇଛି । ଗୁରୁବାର ଶ୍ରାବଣ ଶୁକ୍ଳ ପ୍ରତିପଦ ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ । ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଆପାତତଃ ସନ୍ଧ୍ୟା ଘ.୬.୦୦ ଟିକାଠାରୁ ରାତ୍ର ଘ.୧୦.୦୦ ଟିକା ପର୍ଯ୍ୟନ୍ତ ପ୍ରାୟ ୪ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି ।

# ୨୦୦ କିଲୋମିଟର ରେଳ ଟ୍ରାକ୍‌ର ନବୀକରଣ : ଅଶ୍ୱିନୀ ବୈଷ୍ଣବ



ଭୁବନେଶ୍ୱର, ୧୨/୮(ପିଆଇବି): ୨୦୧୪ରୁ ୨୦୨୬ ମଧ୍ୟରେ ବାଲେଶ୍ୱର ଜିଲ୍ଲାରେ ମୋଟ୍ ୨୦୦ କିଲୋମିଟର ରେଳ ଟ୍ରାକର ନବୀକରଣ କରାଯାଇଛି ବୋଲି କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି । ସେ କହିଛନ୍ତି, ରେଳ ଟ୍ରାକର ଉନ୍ନତିକରଣ ଏବଂ ନବୀକରଣ ଏକ ନିରନ୍ତର ତଥା ପ୍ରଚଳିତ ପ୍ରକ୍ରିୟା । ଅବଧି, ଟ୍ରେନ୍ ଚଳାଚଳ ସଂଖ୍ୟା ଏବଂ ରେଳ ଧାରଣାର ସ୍ଥିତିକୁ ଦେଖି ଏହାର ରକ୍ଷଣାବେକ୍ଷଣ କରାଯାଇଥାଏ । ୨୦୧୪ରୁ ୨୦୨୬ ମଧ୍ୟରେ ସାରା ଦେଶରେ ୫୫ ହଜାର ୨୦୦ କିଲୋମିଟର ରେଳ ଟ୍ରାକ୍ ନବୀକରଣ କାମ ହୋଇଛି । ଆଧୁନିକ ପ୍ରଯୁକ୍ତିବିଦ୍ୟା, ସୁରକ୍ଷା ଏବଂ ଅନ୍ୟାନ୍ୟ ଧାର୍ଯ୍ୟ ମାନଦଣ୍ଡକୁ ପାଳନ କରାଯାଇ ରେଳ ଧାରଣାର ରକ୍ଷଣାବେକ୍ଷଣ କରାଯାଇଥାଏ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । କେନ୍ଦ୍ର ରେଳ ମନ୍ତ୍ରୀ ଆହୁରି ସୂଚନା ଦେଇଛନ୍ତି, ରେଳ ଟ୍ରାକ ନିୟମିତ ରକ୍ଷଣାବେକ୍ଷଣ ଏବଂ ନବୀକରଣ ଫଳରେ ୨୦୧୪ ତୁଳନାରେ ୨୦୨୬ରେ ଟ୍ରେନର ହାରାହାରି ବେଗ ବୃଦ୍ଧି ପାଇଛି । ୨୦୨୨ରେ ଖଡ଼ଗପୁର-ଭଦ୍ରକ ରେଳ ମାର୍ଗରେ ଘଣ୍ଟା ପ୍ରତି ହାରାହାରି ବେଗ ୧୩୦ କିଲୋମିଟରରେ ପହଞ୍ଚିଥିଲା । ବାଲେଶ୍ୱର ସେକ୍ସନ ଏହି ରେଳ ମାର୍ଗ ଅଧୀନରେ ଆସୁଛି । ରେଳ ଟ୍ରାକର ନବୀକରଣ ଏବଂ ଉନ୍ନତିକରଣରେ ୨୦୧୩-୧୪ରେ ୪୯୭୯ କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ୨୦୨୫-୨୬ରେ ଏହା ପ୍ରାୟ ୫.୩ ଗୁଣ ବୃଦ୍ଧି ପାଇ ୨୬ ହଜାର ୨୩୧ କୋଟି ଟଙ୍କାରେ ପହଞ୍ଚିଛି ବୋଲି ରେଳ ମନ୍ତ୍ରୀ ସୂଚନା ଦେଇଛନ୍ତି ।

## ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବରେ ହେବ ଜରିମାନା

ନୂଆଦିଲ୍ଲୀ,୧୨।୮: ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ସଡ଼କ ଦୁର୍ଘଟଣା ପରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ରାଜପଥଗୁଡ଼ିକରେ ଜରୁରୀକାଳୀନ ସେବାକୁ ଆହୁରି ଉତ୍ତରଦାୟୀ କରିବା ପାଇଁ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି । ରାଜପଥ ପ୍ରାଧିକରଣ ଏନଏଚଏଆଇ କେୟାର ସିଷ୍ଟମର ବ୍ୟବହାରକୁ ସମସ୍ତ ପ୍ରକଳ୍ପରେ ବାଧ୍ୟତାମୂଳକ କରିଦେଇଛି । ଏନଏଚଏଆଇ ବୁଧବାର ଜାରି କରିଥିବା ଏକ ସର୍କୁଲାର୍ ମାଧ୍ୟମରେ ଘଟଣା ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଆମ୍ବୁଲାନ୍ସ ସେବା ପାଇଁ ମାନକ ଏସଏଲଏ ଓ ଦଣ୍ଡବିଧାନ ପ୍ରାବଧାନ ଲାଗୁ କରିବାକୁ ନିଷ୍ପତ୍ତି ନେଇଛି ।ଏହି ନୂଆ ବ୍ୟବସ୍ଥା ଅଧୀନରେ ଏବେ ଏନଏଚଏଆଇ ପ୍ରକଳ୍ପଗୁଡ଼ିକରେ ମୁତୟନ ସମସ୍ତ ଅନ୍-ରୋଡ୍ ୟୁନିଟ୍, ଆମ୍ବୁଲାନ୍ସ/କ୍ରେନ୍/ପେଟ୍ରୋଲିଂ ଗାଡ଼ି ପାଇଁ ଏନଏଚଏଆଇ କେୟାର ସିଷ୍ଟମର ବ୍ୟବହାର ବାଧ୍ୟତାମୂଳକ ହେବ—ପ୍ରକଳ୍ପର ମୋଡ୍ ଯାହା ବି ହୋଇଥାଉ ନା କାହିଁକି । ଏଥିପାଇଁ ସମସ୍ତ ଅନ୍-ରୋଡ୍ ୟୁନିଟ୍ରେ ଏଆଇଏସ-୧୪୦ ମାନକ ବିଶିଷ୍ଟ ଜିପିଏସ ଲଗାଯିବ । ଏହାସହିତ ପ୍ରତ୍ୟେକ ୟୁନିଟ ଆଇଓଟି ସିମ୍ ଥିବା ଆଣ୍ଡ୍ରୋଏଡ୍ ମୋବାଇଲ୍ ଡିଭାଇସ୍ ଦିଆଯିବ, ଯେଉଁଥିରେ ଏନଏଚଏଆଇ କେୟୋର ମୋବାଇଲ୍ ଆପ୍ଲିକେସନ୍ ପୂର୍ବରୁ ଇନ୍‌ଷ୍ଟଲ୍ ହୋଇଥିବ । ସେହିପରି ଘଟଣା ପରିଚାଳକ ମାନଙ୍କୁ ଆଣ୍ଡ୍ରୋଏଡ୍ ଟାବଲେଟ୍ ଦିଆଯିବ, ଯେଉଁଥିରେ ଘଟଣା ପରିଚାଳକମାନଙ୍କୁ ଡ୍ୟାସବୋର୍ଡ ଆପ୍ଲିକେସନ୍ ରହିବ ।

## ଶିଶୁକନ୍ୟା ମୃତ, ବାପା-ମା' ଗୁରୁତର

ବାରଙ୍ଗ,୧୨।୮: ଗୁରୁବାର ସନ୍ଧ୍ୟା ୮ଟା ବେଳେ କଟକଜିଲ୍ଲା ବାଙ୍କୀ-ତ୍ରିଶୂଳିଆ ମୁଖ୍ୟରାସ୍ତାର ପାଟପୁର ନିକଟରେ ହୃଦୟ ବିଦାରକ ସଡ଼କ ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ ୪ ବର୍ଷ ବୟସର ଶିଶୁକନ୍ୟାର ମୃତ୍ୟୁ ଘଟିଛି । ନାବାଳିକର ମା' ଓ ବାପା ଗୁରୁତର ହେଉଛନ୍ତି । ମୃତାହତଙ୍କର ପରିଚୟ ମିଳିପାରି ନାହିଁ ।ସୂଚନା ଅନୁସାରେ ଶିଶୁକନ୍ୟା ଏବଂ ସ୍ତ୍ରୀଙ୍କୁ ବାଇକ୍‌ରେ ଧରି ତାର ବାପା ଓ ମା' ବାଇକ୍ ଯୋଗେ ତ୍ରିଶୂଳିଆ ଛକ ଆଡକୁ ଆସୁଥିବା ବେଳେ ଅଜଣା ଗାଡ଼ି ଧକ୍କା ଦେଇଥିଲା । ବାଳିକା ଜଣକ ତଳକୁ ଛିଟିକି ପଡିଯିବା ପରେ ଗାଡ଼ି ଚଢ଼ିଯିବାରୁ ମୃତ୍ୟୁ ଘଟିଥିଲା । ବାପା ଓ ମା'ଙ୍କ ମୁଣ୍ଡ ଓ ମୁହଁ କ୍ଷତ ବିକ୍ଷତ ହୋଇ ଗୁରୁତର ହୋଇଛନ୍ତି । ସ୍ଥାନୀୟ ଲୋକ ଗୁରୁତର ବାପା ଏବଂ ମା'ଙ୍କୁ ଚିକିତ୍ସା ପାଇଁ କଟକ ଏସସିବି ଡାକ୍ତରଖାନାକୁ ପଠାଇଛନ୍ତି । ଘଟଣାସ୍ଥଳରେ ଭିଡ଼ ଜମିଥିବରୁ ବାରଙ୍ଗ ଥାନା ପୋଲିସ ପହଞ୍ଚି ବୁଝାସୁଝା କରିବା ସହ ସ୍ଥିତି ଅନୁଧ୍ୟାନ କରୁଛି ।

## ଶ୍ରୀମନ୍ଦିରରେ ଚିତାଲାଗି ଅମାବାସ୍ୟା

ପୁରୀ,୧୨/୮(ନିପ୍ର): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଚିତାଲାଗି ନୀତି ଅନୁଷ୍ଠିତ ହୋଇଛି । ଏଥିପାଇଁ ଶ୍ରଦ୍ଧାଳୁଙ୍କ ପାଇଁ ୫ ଘଣ୍ଟା ଦର୍ଶନ ବନ୍ଦ ରହିଥିଲା । ଶ୍ରାବଣ କୃଷ୍ଣ ଅମାବାସ୍ୟା ତିଥିରେ ଶ୍ରୀବିଗ୍ରହମାନଙ୍କ ପବିତ୍ର ଚିତାଲାଗି ଅମାବାସ୍ୟା ନୀତି ସୁଚାରୁରୂପେ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ ଏହି ନିଷ୍ପତ୍ତି ନିଆଯାଇଛି । ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଶ୍ରୀମନ୍ଦିରରେ ପ୍ରଥମ ଭୋଗମଣ୍ଡପ ନୀତି ସମ୍ପନ୍ନ ହେବା ପରେ ଦିନ ୨ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନକୁ ସାମୟିକ ଭାବେ ବନ୍ଦ ରଖାଯାଇଛି ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି । ସନ୍ଧ୍ୟା ୭ଟା ପରେ ଭକ୍ତମାନେ ଶ୍ରୀଜୀଉଙ୍କ ଦର୍ଶନ କରିଛନ୍ତି । ଚିତାଲାଗି ଅମାବାସ୍ୟାକୁ ଓଡ଼ିଶାରେ ଚିତଉ ଅମାବାସ୍ୟା ଭାବରେ ମଧ୍ୟ ପାଳନ କରାଯାଏ । ଯାହାକି ଶ୍ରାବଣ ମାସର ଏକ ପ୍ରମୁଖ ପାରମ୍ପରିକ ପର୍ବ । ଏହି ପବିତ୍ର ଦିନରେ ରତ୍ନବେଦୀରେ ବିରାଜମାନ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ଶ୍ରୀମୁଖରେ ମୂଲ୍ୟବାନ ରତ୍ନଖଚିତ ସୁବର୍ଣ୍ଣ ଚିତା ଲାଗି କରାଯାଇଥାଏ ।

## କୋଇଲା ଓ ଫ୍ଲାଏ ଆସ୍ ପରିବହନ ବିରୋଧରେ ଅନୁଗୋଳରେ ୧୨ ଘଣ୍ଟିଆ ବନ୍ଦ

ଅନୁଗୋଳ, ୧୨/୮(ନିପ୍ର): ଆସ୍ ପରିବହନ ଯୋଗୁଁ ସୃଷ୍ଟି ହେଉଥିବା ସମସ୍ୟାର ସ୍ଥାୟୀ ସମାଧାନ ଏବଂ କୋଶଳ ପଞ୍ଚାୟତର ୫ ଜଣ ବାସିନ୍ଦାଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲା ପ୍ରତ୍ୟାହାର ଦାବିରେ କଂଗ୍ରେସ ପକ୍ଷରୁ ବୁଧବାରଅନୁଗୋଳ ଜିଲ୍ଲାରେ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି । ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯାଇଛି । କଂଗ୍ରେସ ନେତାମାନଙ୍କଅନୁସାରେ, କୋଇଲା ଓଫ୍ଲାଏ ଆସ୍ର ନିରନ୍ତର ପରିବହନ ଯୋଗୁଁ ଜିଲ୍ଲାରେ ପ୍ରଦୂଷଣର ମାତ୍ରା ବଢ଼ିଚାଲିଛି । ପ୍ରଦୂଷଣ ବିରୋଧରେ ସ୍ୱର ଉଠାଇଥିବା କୋଶଳର ୫ ଜଣ ବ୍ୟକ୍ତିଙ୍କୁ ପ୍ରାୟ ୪ ମାସ ଧରି ଜେଲରେ ରଖାଯାଇଥିବା ଦଳ ଅଭିଯୋଗ କରିଛି । ସେମାନଙ୍କ ବିରୋଧରେ ରୁଜୁ ମାମଲାଗୁଡ଼ିକୁ ପ୍ରତ୍ୟାହାର କରିବାକୁ କଂଗ୍ରେସଦାବି କରିଛି ।ବିଭିନ୍ନ ସଂଗଠନ ମଧ୍ୟବନ୍ଦକୁ ସମର୍ଥନ କରିଛନ୍ତି । ଫଳରେ ସ୍କୁଲ,କଲେଜ, ସରକାରୀ କାର୍ଯ୍ୟାଳୟ,ଘରୋଇ ପ୍ରତିଷ୍ଠାନ,ଦୋକାନ ଓ ବଜାର ବନ୍ଦ ରହିଛି । ଜିଲ୍ଲାର ବିଭିନ୍ନ ସ୍ଥାନରେ ଯାନବାହନଚଳାଚଳ ମଧ୍ୟ ପ୍ରଭାବିତ ହୋଇଛି ।କଂଗ୍ରେସ କର୍ମୀମାନେବିଭିନ୍ନ ଛକ ଓ ଚୌମୁହାଣୀରେ ପିକେଟିଂ କରିବା ସହ ଲୋକମାନଙ୍କୁ ବନ୍ଦକୁ ସମର୍ଥନ କରିବା ପାଇଁଅପିଲ୍ କରିଛନ୍ତି । ତେବେ ଅତ୍ୟାବଶ୍ୟକ ଓ ଜରୁରୀକାଳୀନ ସେବାକୁ ବନ୍ଦରୁ ବାଦ୍ ଦିଆଯାଇଛି ।ଆଇନଶୃଙ୍ଖଳା ବଜାୟ ରଖିବାଏବଂ ଆନ୍ଦୋଳନକାରୀଙ୍କ ଉପରେ ନଜର ରଖିବା ପାଇଁ ପ୍ରମୁଖ ସ୍ଥାନଗୁଡ଼ିକରେ ପୁଲିସ ବାହିନୀ ମୁତୟନକରାଯାଇଛି ।

## ଭିଜିଲାନ୍ସ ଜାଲରେ ବ୍ରହ୍ମପୁର ସିଡିଏଓ

ବ୍ରହ୍ମପୁର,୧୨।୮: ଭିଜିଲାନ୍ସ ଜାଲରେ ବ୍ରହ୍ମପୁର ମୁଖ୍ୟ ଜିଲା କୃଷି ଅଧିକାରୀ ବ୍ୟୋମକେଶ ମିଶ୍ର । ୧୫,୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରିଲା ଭିଜିଲାନ୍ସ ବିଭାଗ । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ସମନ୍ୱିତ କୃଷି ପ୍ରଣାଳୀ ଅଧୀନରେ ଫାଇଲ୍ ପ୍ରକ୍ରିୟାକରଣ କରିବା ଏବଂ ସବ୍‌ସିଡ୍ ରିଲିଜ କରାଇବା ପାଇଁ ସେ ଏହି ଲାଞ୍ଚ ନେଉଥିଲେ । ଉକ୍ତ ଯୋଜନାର ମାର୍ଗଦର୍ଶିକା ଅନୁଯାୟୀ, ଜଣେ ହିତାଧିକାରୀ କୃଷି ଏବଂ ଭିତ୍ତିଭୂମିରେ ବିନିଯୋଗ କରିଥିବା ଅର୍ଥର ୫୦ ପ୍ରତିଶତ ସବ୍‌ସିଡ୍ ପାଇବାକୁ ଯୋଗ୍ୟ ଅଟନ୍ତି । ବାରମ୍ବାର ଅନୁରୋଧ ସତ୍ତ୍ୱେ ସିଡିଏଓ ଫାଇଲ୍ ଆଗକୁ ବଢ଼ାଉ ନଥିଲେ । ଏହା ପରିବର୍ତ୍ତେ ସେ ଉକ୍ତ କାମ ପାଇଁ ବର୍ତ୍ତମାନ ୧୫,୦୦୦ ଟଙ୍କା ଲାଞ୍ଚ ମାଗିଥିଲେ

## ଛାତ୍ରଙ୍କୁ କାମୁଡ଼ି ଲହୁ ଲୁହାଣ କଲା ପାଗଳ କୁକୁର

ବାଲେଶ୍ୱର, ୧୨/୮: ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ଅଧୀନ ରସାଲପୁର ସ୍ଥିତ ସତ୍ୟନାରାୟଣ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଆଜି (ବୁଧବାର) ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା । ଜଣେ ଛାତ୍ର ଶୌଚାଳୟ ଯାଇଥିବା ବେଳେ ତାଙ୍କୁ ଏକ ପାଗଳ କୁକୁର କାମୁଡ଼ି ଲହୁଲୁହାଣ କରିବା ପରେ ବିଦ୍ୟାଳୟରେ ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନ ଉଠାଇଛନ୍ତି, ଅଭିଭାବକ ଓ ଗ୍ରାମବାସୀ । କୁକୁର ଦ୍ୱାରା ଆକ୍ରମଣର ଶିକାର ହୋଇ ଛାତ୍ର ଏବେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ପିଲାଟିର ବାପା ଜଣେ ଦିବ୍ୟାଙ୍ଗ ହୋଇଥିବାରୁ ମା' ପର ଘରେ ଖଟି ପରିବାର ପ୍ରତିପୋଷଣ କରୁଛନ୍ତି । ଏଥିପାଇଁ ସ୍କୁଲରେ ଏକ ଚାକିରୀ ସହ ୧୫ ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦେବାକୁ ଦାବି କରି ଗ୍ରାମବାସୀ ଓ ଅଭିଭାବକ ସ୍କୁଲ ଗେଟରେ ତାଲା ପକାଇ ଦେଇଥିଲେ । ଯାହାକୁ ନେଇ ସ୍କୁଲ ଆଗରେ ଉତ୍ତେଜନା ପ୍ରକାଶ ପାଇଥିଲା । ଏହି ଘଟଣାକୁ ନେଇ କୁକୁର ଦ୍ୱାରା ଆକ୍ରମଣର ଶିକାର ହୋଇଥିବା ଛାତ୍ରଙ୍କ ସମ୍ପର୍କୀୟ ଶଶିକାନ୍ତ ରଣା କହିଛନ୍ତି ଯେ,'ଗତକାଲି ମୁଁ ମୋ ଝିଅକୁ ନେବା ପାଇଁ ଆସିଥିଲି ।

## ସ୍ୱାସ୍ଥ୍ୟ କ୍ଷେତ୍ରରେ ନୂଆ ଆଶା କିରଣ

ଭୁବନେଶ୍ୱର,୧୨।୮(ନିପ୍ର): ଓଡ଼ିଶାର ୩ଟି ସରକାରୀ ମେଡିକାଲ କଲେଜରେ ୧୧ଟି ପୋଷ୍ଟ-ଡିପ୍ଲୋମା ଡିଏନବି ସିଟ୍‌କୁ ଅନୁମୋଦନ ମିଳିଛି । ନୂଆଦିଲ୍ଲୀସ୍ଥିତ ନେସନାଲ ବୋର୍ଡ ଅଫ ଏଗଜାମିନେସନ ଇନ ମେଡ଼ିକାଲ ସାଇନ୍ସ ପକ୍ଷରୁ ରାଜ୍ୟର ୩ଟି ସରକାରୀ ମେଡିକାଲ କଲେଜରେ ୫ଟି ବ୍ରଡ୍ ସ୍ପେସିଆଲିଟିରେ ମୋଟ ୧୧ଟି ପୋଷ୍ଟ-ଡିପ୍ଲୋମା ଡିଏନବି ସିଟକୁ ମାନ୍ୟତା ପ୍ରଦାନ କରାଯାଇଛି ।ଏହି ମାନ୍ୟତାପ୍ରାପ୍ତ ସିଟ୍ ଗୁଡ଼ିକ ଶିଶୁ ଚିକିତ୍ସା, ପ୍ରସୂତି ଓ ସ୍ତ୍ରୀରୋଗ , ଚକ୍ଷୁ ରୋଗ , ଟି.ବି. ଓ ଛାତି ରୋଗ ଏବଂ ନିଶ୍ଚେତନ ବିଜ୍ଞାନ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଅନୁମୋଦନ ମିଳିଛି । ପୁରୀ ସ୍ଥିତ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ , ବଲାଙ୍ଗୀର ସ୍ଥିତ ଭୀମଭୋଇ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ, କୋରାପୁଟ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଏହି ସିଟକୁ ମାନ୍ୟତା ପ୍ରଦାନ କରାଯାଇଛି ।

## ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାଶ ପାଇବେ ସ୍ୱତନ୍ତ୍ରତା ଗୌରବ ସମ୍ମାନ



ଭୁବନେଶ୍ୱର, ୧୨/୮(ନିପ୍ର): ସ୍ୱାଧୀନତାର ୮୦ତମ ବାର୍ଷିକ ଉତ୍ସବ ତଥା ରାଷ୍ଟ୍ରିୟ ପର୍ବ ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରେସ କ୍ଲବ ଅଫ ୱର୍କିଙ୍ଗ ଜର୍ନାଲିଷ୍ଟ ଭୋପାଳ, ପକ୍ଷରୁ ଭାରତ ବର୍ଷର ବଛାବଛା ସାମ୍ବାଦିକ ଓ ସାହିତ୍ୟିକଙ୍କୁ ସ୍ୱତନ୍ତ୍ରତା ଗୌରବ ୨୦୨୬ରେ ସମ୍ମାନିତ କରିବାପାଇଁ ସଂଗଠନର ଅଧ୍ୟକ୍ଷ ଡ. ସୟିଦ ଖାଲିଦ୍ ରାଷ୍ଟ୍ରିୟ ମହାସଚିବ ଶଶୀ ଦୀପ ସୂଚନା ପ୍ରଦାନ କରିଅଛନ୍ତି । ଯାହା ସଂଗଠନର ମୁଖପାତ୍ର ୱର୍କିଙ୍ଗ ଜର୍ନାଲିଷ୍ଟ ଟାଇମ୍ସରେ ପ୍ରକାଶିତ ହୋଇଛି । ଭାରତ ବର୍ଷର ସ୍ୱତନ୍ତ୍ରତା ଗୌରବ ସମ୍ମାନ ୨୦୨୬ ପାଇବାକୁ ମନୋନୀତ ହୋଇଥିବା ୧୦ ଜଣ ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ଓଡ଼ିଶାର ବରିଷ୍ଠ ସ୍ତମ୍ଭକାର, ସାମ୍ବାଦିକ ଶ୍ରୀରାମ ଦାଶଙ୍କ ନାମ ରହିଛି । ଅନ୍ୟମାନଙ୍କ ମଧ୍ୟରେ ମୁମ୍ବାଇର ଲୋକ ପ୍ରତିନିଧି ନିଶା ପରୁଲେକର । ରାକେଶ ଛୋକର ସାହିତ୍ୟିକ ଦିଲ୍ଲୀ । ପଣ୍ଡିତ ପି କେ ତିୱାରୀ ବରିଷ୍ଠ ସାମ୍ବାଦିକ ରାୟପୁର । କ୍ରିଷ୍ଣାନନ୍ଦ ଶାସ୍ତ୍ରୀ ବରିଷ୍ଠ ସାମ୍ବାଦିକ ଭୋପାଲ । ବିନୟ ମାଥୁର ପ୍ରକାଶକ ଦିଲ୍ଲୀ । ଡ଼ ଘନଶ୍ୟାମ ଦାସ ସାହିତ୍ୟିକ । ପୁନେ ସୁନୀଲ ଆଜାଦ୍ ତମ୍ୟୋଲି ଯୁବ କ୍ରାନ୍ତିକାରୀ ସାମ୍ବାଦିକ ରାଇପୁର । ଡ଼ ଅପୂର୍ବା ଚକ୍ରବର୍ତ୍ତୀ ପଶ୍ଚିମବଙ୍ଗ । ରୁହା କଦରା ଉତ୍ତରାଖଣ୍ଡ ରହିଛନ୍ତି । ଆସନ୍ତା ସ୍ୱାଧୀନତା ଦିବସରେ ଏହି ବରେଣ୍ୟ ବ୍ୟକ୍ତି ବିଶେଷଙ୍କୁ ସ୍ୱତନ୍ତ୍ରତା ଗୌରବ ସମ୍ମାନ ପ୍ରଦାନ କରାଯିବ ।

## ନନ୍ଦନକାନନରେ ହରିଣ ଶିକାର କଲା ବାଘ

**ଭୁବନେଶ୍ୱର, ୧୨/୮(ନିପ୍ର):** ନନ୍ଦନକାନନ ପ୍ରାଣୀ ଉଦ୍ୟାନ ବାଘ ସଫାରୀ ଭିତରୁ ଆସିଛି ଏହି ହୃଦୟ ବିଦାରକ ଚିତ୍ର । ଯେଉଁଠି ଏକ ମହାବଳ ବାଘ ହରିଣକୁ ଖିନ୍‌ଭିନ୍ କରି ଖାଉଛି । ଏହି ଭିଡିଓ ଗତ କିଛି ଦିନ ହେବ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ସୂଚନା ଅନୁଯାୟୀ ଗତ ଅଗଷ୍ଟ ୮ ତାରିଖରେ ଏହି ଘଟଣାଟି ଘଟିଛି । ନନ୍ଦନକାନନ ବାଘ ସଫାରୀରେ ପର୍ଯ୍ୟଟକ ସଫାରୀ ଗାଡ଼ିରେ ବୁଲୁଥିବା ବେଳେ ସଫାରୀ ଭିତରେ ହଠାତ୍ ଏକ ବାଘ ହରିଣ ଉପରେ ଲମ୍ଫ ମାରିଥିଲା । ହରିଣଟି ଜୀବନ ବଞ୍ଚାଇବା ପାଇଁ ବହୁ ଚେଷ୍ଟା କରି ବାଘ କବଳରୁ ବର୍ଞ୍ଚି ପାରି ନ ଥିଲା । କିଛି ସମୟ ମଧ୍ୟରେ ତା'ର ଜୀବନ ଚାଲିଯାଇଥିଲା । ଏହି ଦୃଶ୍ୟ ସେ ସମୟରେ ପର୍ଯ୍ୟଟକମାନଙ୍କ ପାଇଁ ଭୟର କାରଣ ପାଲଟିଥିଲା । ତଥାପି ଏହି ସମୟରେ କେହି କେହି ଭିଡିଓ ଉତ୍ତୋଳନ କରିବାକୁ ମଧ୍ୟ ଭୁଲି ନ ଥିଲେ । ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ।

### ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଉନ୍ନତିକରଣ ଲାଗି...

## ସାଂସଦ ପାଣ୍ଠିରୁ ୩.୧୦ କୋଟି ଟଙ୍କା ଯୋଗାଇ ଦେଲେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ



ନୂଆଦିଲ୍ଲୀ, ୧୨/୮(ପିଆଇବି): କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ତଥା ରାଜ୍ୟ ସଭା ସାଂସଦ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାର ଦୁଇ ପ୍ରମୁଖ ଡାକ୍ତରଖାନାର ଉନ୍ନତିକରଣ ଲାଗି ନିଜ ସାଂସଦ ପାଣ୍ଠିରୁ ୩ କୋଟି ୧୦ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେବାକୁ ସୁପାରିସ କରିଛନ୍ତି । ଏହି ଅର୍ଥ ଚିକିତ୍ସା ଭିତ୍ତିଭୂମି ଉନ୍ନତିକରଣ ଲାଗି ବିନିଯୋଗ କରାଯିବ । କେନ୍ଦ୍ର ମନ୍ତ୍ରୀଙ୍କ ସାଂସଦ ପାଣ୍ଠିରୁ ନୀଳଗିରି ଉପଖଣ୍ଡ ଡାକ୍ତରଖାନାକୁ ୧ କୋଟି ୪୦ ଲକ୍ଷ ଟଙ୍କା ଏବଂ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ୧ କୋଟି ୭୦ ଲକ୍ଷ ଟଙ୍କା ଯୋଗାଇ ଦିଆଯିବ । ଉତ୍ତର ଉପକୂଳ ଓଡ଼ିଶାର ଅନ୍ୟତମ ପ୍ରମୁଖ ଜିଲ୍ଲା ବାଲେଶ୍ୱରର ଜନସଂଖ୍ୟା ୨୦୧୧ ଜନଗଣନା ଅନୁଯାୟୀ, ୨୩ ଲକ୍ଷରୁ ଅଧିକ ହୋଇଥିବା ବେଳେ କେବଳ ବାଲେଶ୍ୱର ସହରରେ ୧ ଲକ୍ଷ ୭୪ ହଜାରରୁ ଅଧିକ ଲୋକ ବସବାସ କରନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହରର ଅନ୍ୟତମ ପ୍ରମୁଖ ସରକାରୀ ଡାକ୍ତରଖାନା ହୋଇଥିବାରୁ ଲକ୍ଷ ଲକ୍ଷ ଲୋକ ଏହି ଚିକିତ୍ସାଳୟ ଉପରେ ନିର୍ଭର କରିଥା'ନ୍ତି । ସାଂସଦ ପାଣ୍ଠିରୁ ମଞ୍ଜୁର ହୋଇଥିବା ଅର୍ଥରେ ଭେଷଜ ବ୍ଲକ, ଔଷଧ ଭଣ୍ଡାରଣ ଗୃହ, ମାତୃ ଓ ଶିଶୁ କମ୍ପ୍ଲେକ୍ସ, ଆପାତକାଳୀନ ବିଭାଗ, ଆଣ୍ଟି-ରେଟ୍ରୋଭାଇରାଲ ଥେରାପି କେନ୍ଦ୍ର, ସର୍ଜରୀ ୱାର୍ଡ, ଅପରେସନ ଥିଏଟର ଏବଂ ଜଳପାନ କକ୍ଷର ଉନ୍ନତିକରଣ କରାଯିବ । ସେହିପରି ୫୦ ଲକ୍ଷ ଟଙ୍କା ବ୍ୟୟରେ ରୋଗୀ ବିଶ୍ରାମ କକ୍ଷ ନିର୍ମାଣ କରାଯିବ ।

## ବିଦ୍ୟୁତ ସର୍ଟସର୍କିଟରୁ ଅଗ୍ନିକାଣ୍ଡ: ସମ୍ପତ୍ତି ନଷ୍ଟ

ଭାପୁର, ୧୨/୮(ନିପ୍ର): ଭାପୁର ବ୍ଲକ କେନ୍ଦୁପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ହନୁମନ୍ତପ୍ରସାଦ ଗ୍ରାମର ସନାତନ ଜେନାଙ୍କ ଘରେ ବିଦ୍ୟୁତ ସର୍ଟସର୍କିଟରୁ ମଙ୍ଗଳବାର ବିଳମ୍ବିତ ରାତ୍ରୀରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଘରକରଣା ଜିନିଷ ଲୁଗା, ଧାନ, ଚାଉଳ ଆଦି ପୋଡିବା ସହିତ ଦୁଇଟି ଗାଈ ବାଛୁରୀ ଗୁରୁତର ରୂପେ ଆହତ ହୋଇଛନ୍ତି । ଖବର ପାଇ ଭାପୁର ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ବୁଧବାର ପ୍ରାଣୀଧନ ନିରୀକ୍ଷକ ବିଭୁ ପ୍ରସାଦ ଶତପଥୀଙ୍କ ସହିତ ଭ୍ରାମ୍ୟମାଣ ମୋବାଇଲ ପାର୍ଟି ଚିକିତ୍ସାଧିକାରୀ ଜ୍ୟୋତିର୍ମୟୀ ପାତ୍ର ଓ ବାଉଁଶବାଟୀ ପ୍ରାଣୀଧାନ ନିରୀକ୍ଷକ ଲକ୍ଷ୍ମୀକାନ୍ତ ସାହୁ ଅଗ୍ନି ବିପନ୍ନଙ୍କ ଘରେ ପହଞ୍ଚି ଗାଈ ଓ ବାଛୁରୀଙ୍କ ଚିକିତ୍ସା କରିଥିଲେ ।

## ସେମିକଣ୍ଡକ୍ଟର ଶିଳ୍ପ ନିଯୁକ୍ତିରେ ପକାଇବ ବ୍ୟାପକ ପ୍ରଭାବ

**ଭୁବନେଶ୍ୱର, ୧୨/୮(ପିଆଇବି):** ରାଜ୍ୟରେ ପ୍ରତିଷ୍ଠା ହେବାକୁ ଥିବା ସେମିକଣ୍ଡକ୍ଟର ପ୍ରକଳ୍ପଗୁଡ଼ିକ ଆଗାମୀ ଦିନରେ ନିଯୁକ୍ତି କ୍ଷେତ୍ରରେ ବ୍ୟାପକ ପ୍ରଭାବ ପକାଇବ । ଦୁଇଟି ସେମିକଣ୍ଡକ୍ଟର ପ୍ରକଳ୍ପ ମଧ୍ୟରୁ ୩ଡି ଗ୍ଲାସ୍ ସୋଲ୍ୟୁସନ୍ସ ଇଙ୍କ୍ ପ୍ରକଳ୍ପରେ ୨୮୦ରୁ ଅଧିକ ଏବଂ ସିକ୍ସେମ୍ ପ୍ରାଇଭେଟ୍ ଲିମିଟେଡ୍ ପ୍ରକଳ୍ପରେ ପ୍ରାୟ ୧,୦୦୦ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର କ୍ଷମତା ରହିଛି । ପରୋକ୍ଷ ଭାବେ ଏହି ପ୍ରକଳ୍ପଗୁଡ଼ିକ ଅନ୍ୟାନ୍ୟ କ୍ଷେତ୍ର ଓ ଯୋଗାଣ ଶୃଙ୍ଖଳାରେ ନିଯୁକ୍ତି ସୃଷ୍ଟି ଉପରେ ବ୍ୟାପକ ପ୍ରଭାବ ପକାଇବ ବୋଲି କହିଛନ୍ତି କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଜିତନ ପ୍ରସାଦ । ଆଜି ଲୋକସଭାରେ ପୁରୀ ସାଂସଦ ଡ. ସମ୍ବିତ ପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ସେ ଓଡ଼ିଶାରେ ସେମିକଣ୍ଡକ୍ଟର ପ୍ରକଳ୍ପର ସମ୍ଭାବନା ବିଷୟରେ ଆଲୋକପାତ କରିଛନ୍ତି ।

## ଯୁବତୀଙ୍କୁ ଗଣ ଦୁଷ୍କର୍ମ ଉଦ୍ୟମ ଅଭିଯୋଗ, ୪ ଗିରଫ

ସାଲେପୁର, ୧୨/୮ : କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ଯୁବତୀଙ୍କୁ ଗଣ ଦୁଷ୍କର୍ମ ଉଦ୍ୟମ ଅଭିଯୋଗରେ ୪ ଗିରଫ । ୪ରୁ ୬ ଜଣ ଦୁର୍ବୃତ୍ତ ଦୁଷ୍କର୍ମ ଉଦ୍ୟମ କରିଥିବା ନେଇ ଯୁବତୀ ଜଣକ ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏହି ଘଟଣାକୁ ଗମ୍ଭୀରତା ସହ ନେଇ ତଦନ୍ତ ଆରମ୍ଭ କରିଥିଲା । ଅଭିଯୋଗ ଅନୁଯାୟୀ, ବିଳମ୍ବିତ ରାତିରେ ଭୁବନେଶ୍ୱରରୁ କେନ୍ଦ୍ରାପଡ଼ା ଆଡ଼କୁ ଏକ କାରରେ ଯୁବତୀ ଜଣଙ୍କ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ଫେରୁଥିଲେ । କଟକ-ଚାନ୍ଦବାଲି ରାସ୍ତାର ସୁକରପଡା ନିକଟରେ ଗାଡ଼ି ଅଟକାଇ ଥିବାବେଳେ ୪ରୁ ୬ଜଣ ଦୁର୍ବୃତ୍ତ ଆସି ଗାଡିଟିକୁ ଘେରିଯାଇଥିଲେ । ଯୁବତୀ ଜଣଙ୍କ ସହ ଜୋର ଜବରଦସ୍ତ ଦୁଷ୍କର୍ମ ଉଦ୍ୟମ କରିଥିବା ଅଭିଯୋଗ ଆଣିଥିଲେ ପୀଡିତା । ଏହି ଘଟଣାରେ ଜଣେ ଡ଼ିଏସପି ଓ ଜଣେ ଲେଡି ଅଫିସରଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା । ପୀଡିତା ଯୁବତୀ ଜଣକ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଏସପି କହିଛନ୍ତି ।

# ସମାବେଶୀ ବିକାଶ ମାଧ୍ୟମରେ ସୁଯୋଗ ସୃଷ୍ଟି କରାଯିବା ଆବଶ୍ୟକ: ରାଜ୍ୟପାଳ

**ଭୁବନେଶ୍ୱର, ୧୨/୮(ନିପ୍ର):** ସମାବେଶୀ ବିକାଶ ମାଧ୍ୟମରେ ରାଜ୍ୟର ଯୁବକ, ମହିଳା, ଶିଳ୍ପୀ ଏବଂ ପ୍ରଥମ ପିଢ଼ି ଉଦ୍ୟୋଗୀଙ୍କ ପାଇଁ ସୁଯୋଗ ସୃଷ୍ଟି କରାଯିବା ଆବଶ୍ୟକ ବୋଲି ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି ଓ ଏତଦବ୍ୟତୀତ ଓଡ଼ିଶାର ଗ୍ରାମୀଣ ଏବଂ ଆଦିବାସୀ ଅଞ୍ଚଳରେ ଉଦ୍ୟମିତାକୁ ଅଧିକ ଭାବେ ପ୍ରସାରିତ କରିବା ପାଇଁ ରାଜ୍ୟପାଳ ଆହ୍ୱାନ ଜଣାଇଛନ୍ତି ଓ ବୁଧବାର ଓଡ଼ିଶା ଆସେମ୍ବ୍ଲିଅଫ୍ ସ୍ମଲ ଆଣ୍ଡ ମିଡିୟମ ଏଣ୍ଟରପ୍ରାଇଜେସ୍ (ଓଏଏସଏମଇ) ର ୪୧ତମ ପ୍ରତିଷ୍ଠା ଦିବସ ଏବଂ ବାର୍ଷିକ ରାଜ୍ୟ ସ୍ତରୀୟ ସମ୍ମିଳନୀ-୨୦୨୬ ରେ ମୁଖ୍ୟ



ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି । ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ପ୍ରତ୍ୟେକ ଯୁବକଙ୍କୁ ସୁଯୋଗ ପ୍ରଦାନ କରିବା ପାଇଁ ଉଦ୍ୟୋଗ ବିକଶିତ ହେବା ଜରୁରୀ । ସେହିଭଳି ଗ୍ରାମ ଏବଂ ଛୋଟ ସହରଗୁଡ଼ିକର ସମୃଦ୍ଧି ପାଇଁ ଉଦ୍ୟୋଗକୁ ସେଠାକୁ ପହଞ୍ଚାଇବା ଆବଶ୍ୟକ । ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ର ଲକ୍ଷ୍ୟକୁ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ବିକାଶକୁ କେବଳ ଶିଳ୍ପ କିମ୍ବା ବିନିଯୋଗର ଆକାର ଦୃଷ୍ଟିରୁ ମାପିବା ଉଚିତ ନୁହେଁ, ବରଂ ଲୋକଙ୍କ ପାଇଁ ଆମେ କେତେ ସୁଯୋଗ ସୃଷ୍ଟି କରୁଛୁ ତାହା ଦ୍ୱାରା ମାପିବା ଉଚିତ । ଏମଏସଏମଇକୁ ଲୋକଙ୍କ ଆକାଂକ୍ଷାକୁ ବାସ୍ତବରେ ରୂପାନ୍ତରିତ କରିବାର ଏକ ଶକ୍ତିଶାଳୀ ମାଧ୍ୟମ ଭାବେ ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ ଏହି କ୍ଷେତ୍ର କେବଳ ଅର୍ଥନୀତିର ଏକ ଅଂଶ ନୁହେଁ, ବରଂ ନିଯୁକ୍ତି, ଜୀବିକା ଏବଂ ଅର୍ଥନୈତିକ ସୁଯୋଗର ଏକ ପ୍ରମୁଖ ଉତ୍ସ । ଉନ୍ନତ ସହରଗୁଡ଼ିକରୁ ଅନ୍ୟ ସହର, ଗ୍ରାମ, ଆଦିବାସୀ ଅଞ୍ଚଳ ଏବଂ ଆକାଂକ୍ଷୀ ଜିଲ୍ଲାଗୁଡ଼ିକୁ ଉଦ୍ୟୋଗକୁ ପହଞ୍ଚାଇବା ହେଉଛି ଏହାର ଶକ୍ତି ।

**OFFICE OF THE TOURISM DEVELOPMENT OFFICER : KORAPUT**
**DISTRICT: KORAPUT (ODISHA)**
37001/39/2627

No: 000/2026 Date: 11-08-2026

**TENDER CALL NOTICE**

Sealed tenders are invited from reputed Comprehensive Facility Management Services / Service Providers to provide service **Security Personnel and Sanitation Workers** on outsourcing basis at various Tourist Destinations of Koraput district under Tourism Division Office, Koraput.

The detailed information of which are made available in the Koraput District official website https://www.koraput.odisha.gov.in.

Last date for receipt of sealed bid is on Dt. 24.08.2026 (up to 05:30 P.M.)

Date & time for opening of Bid is on Dt. 29.08.2025 at 11:30 A.M.

Sd/-
Tourism Development Officer, Koraput

OIPR 37001/37010/1/26-27/0001

**AFFIDAVIT**

By virtue of an affidavit sworn before The Notary Public, Bhubaneswar dtd.10.08.2026, I Gopinath Behera S/o-Ganeswar behera At-Taratua, Po-Baku, Via-Nirakarpur, Dist-Puri Odisha-752019 do hereby declare that I have changed my name from Gopinath Barik to Gopinath Behera. Henceforth I shall be known as Gopinath Behera for all purposes.

Sd/-Gopinath Behera

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ